

ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-36 ◆WEDNESDAY ◆30 JULY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୬ ◆ବୁଧବାର ◆୩୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏବେ ଟ୍ରମ୍ପ ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫-୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି। ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ



ଲାଗୁ କରାଯିବ। ଏହା ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ। ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍ ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ। ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି।

## ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ। ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି। ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା





ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି। ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ▶ପୃଷ୍ଠା-୭

## ଅଠାକାଠିରେ ସରକାର

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁନ୍ଥକୁନ୍ଥ

# କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡ଼ବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି। ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଉଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି। ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ। ରାଜ୍ୟ

### ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ

### ପୂର୍ବରୁ ମଧ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର

ସରକାରଙ୍କ କ୍ରମାଗତ ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁନ୍ଥୁକୁନ୍ଥୁ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ▶ପୃଷ୍ଠା-୭

## ସଂସଦରେ 'ସିନ୍ଦୂର' ଝଡ଼





### ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ

### ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ


■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ। ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ସେ କହି।ଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ।

ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ଶିକ୍ଷା ଦିଆଯାଇଛି। ଆମର ସେନା ▶ପୃଷ୍ଠା-୭

## ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ

# ଚଷମାରେ ଗୁପ୍ତ କ୍ୟାମେରା





■ ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ

■ ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ଗଜପତି ନଗରର ଜଣେ ଯୁବକ ଚଷମାରେ ଗୁପ୍ତ କ୍ୟାମେରା ଖଞ୍ଜି ▶ପୃଷ୍ଠା-୭

## ସ୍ତ୍ରୀ, ଶାଶୂଙ୍କୁ ମାରି ଲେମ୍ବୁବାଡ଼ିରେ ପୋତିଦେଲା

### ମୟୂରଭଞ୍ଜରେ ଚାଞ୍ଚଲ୍ୟ | ୧୦ ଫୁଟ୍ ତଳୁ ଗଳିତ ଶବ ଉଦ୍ଧାର କଲା ପୁଲିସ୍

■ **ବାରିପଦା/ କୁଳିଅଣା, ୨୯।୭ (ସମିସ):** ସ୍ତ୍ରୀ ଓ ଶାଶୂକୁ ପଥରରେ ଛେଚି ହତ୍ୟା କରିବା ପରେ ରାତାରାତି ଗାତ ଖୋଳି ଲେମ୍ବୁବାଡ଼ିରେ ପୋତିଦେଲା। କାହାର ଯେପରି ସନ୍ଦେହ ନ ହେବ, ସେଥିପାଇଁ ସେଠାରେ ଏକ କଦଳୀ ଗଛ ବି ଲଗାଇ ଦେଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ସରପଙ୍ଗା ନୂଆଁଗାଁରେ ଗତ ୧୫ ତାରିଖରେ ଘଟିଥିବା ଏଭଳି ଏକ ଜଘନ୍ୟ କାଣ୍ଡ ଉପରେ ଆଜି ପୁଲିସ୍ ପରଦା ଉଠାଇଛି। ମୃତକଦ୍ୱୟ ହେଲେ, ସୋନାଲି ଦଳାଇ ଓ ତାଙ୍କ ମା' ସୁମତା



ଅଭିଯୁକ୍ତ ଗିରଫ

ଦଳାଇ। ୧୦ ଫୁଟ୍ ଗାତ ଖୋଳି ପୁଲିସ୍ ଜରିଗୁଡ଼ା ଅବସ୍ଥାରେ ମା'-ଝିଅଙ୍କ ଗଳିତ ଶବକୁ ଜବତ କରିବା ସହ ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ଦେବାଶିଷ ପାତ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଦୁଇ ଦୁଇଟି ହତ୍ୟାକାଣ୍ଡ ଭିଆଇବା ସହ ୧୦ ଫୁଟ୍‌ର ଗାତ ଖୋଳି ଶବଦ୍ୱୟକୁ ପୋତିବା ଜଣଙ୍କର କାମ ନୁହେଁ ବୋଲି ପୁଲିସ୍ ସନ୍ଦେହ କରିଛି। ତେଣୁ, ଏଥିରେ ତାକୁ ଆଉ କିଛି ଲୋକ ସାହାଯ୍ୟ କରିଥିବା ପୁଲିସ୍ ▶ପୃଷ୍ଠା-୭

## ଏମିତି ବି ଆସେ ମୃତ୍ୟୁ !

# ଖେଳୁଖେଳୁ ଚାଲିଗଲା ଜୀବନ

■ **ସମ୍ବଲପୁର, ୨୯।୭ (ସମିସ):** ତାଙ୍କ ପାଇଁ କ୍ରିକେଟ୍ ଥିଲା ଜୀବନଠୁ ଅଧିକ। ଖେଳିବା ପାଇଁ ଭୋକ, ଶୋଷ ଭୁଲିଯାଉଥିଲେ। ସେଇଥିରେ କ୍ୟାରିୟର୍ ଗଢ଼ିବାକୁ ବି ସ୍ଥିର କରିଥିଲେ। ଅଣ୍ଡର-୧୬ରେ ଭାଗ ନେବା ପାଇଁ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ, ଶେଷରେ ସେଇ କ୍ରିକେଟ୍ ତାଙ୍କ ଜୀବନ ନେଇଗଲା। ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମ୍ୟାଚ୍ ପାଇଁ ଅଭ୍ୟାସ କରୁଥିବା ବେଳେ ଛାତିରେ ବଲ୍ ବାଜି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମାଝିପାଲିର ଉତ୍କର୍ଷ ସିଂ ଚୌହାନ (୧୮)।

ଉତ୍କର୍ଷ ଉତ୍ତରପ୍ରଦେଶର ମୂଳ ବାସିନ୍ଦା। ବାପା ମାଝିପାଲିରେ କାମ କରନ୍ତି। କେବଳ



କ୍ରିକେଟ୍ ଖେଳିବା ପାଇଁ ସେ ଉତ୍ତରପ୍ରଦେଶରୁ ସମ୍ବଲପୁର ଧାଇଁ ଆସିଥିଲେ। ଅଣ୍ଡର୍-୧୬ ମ୍ୟାଚ୍ ପାଇଁ ସେ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। ଆଜି ସକାଳେ ସେ ରେଳୱେ ପଡ଼ିଆଠାରେ ନେଟ୍ସରେ ମ୍ୟାଚ୍ ଅଭ୍ୟାସ କରୁଥିଲେ। ନିଜର ବ୍ୟାଟିଂ କୌଶଳ ବୃଦ୍ଧି କରିବା ପାଇଁ ପ୍ରାୟ ପ୍ରତିଦିନ ସେ ଏପରି ଅଭ୍ୟାସ କରିଥା'ନ୍ତି। ତେବେ ସକାଳ ପ୍ରାୟ ୧୦ଟା ବେଳେ ବଲ୍‌ଟି ତାଙ୍କ ଛାତିରେ ବାଜିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସାଥୀ ସହଯୋଗୀମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷେତରାଜପୁର ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି।




## ବିମାନରେ ଧାର୍ମିକ ସ୍ଲୋଗାନ ଦେଇ ଭାରତୀୟ ଗିରଫ

ଗ୍ଲାସଗୋ, ୨୯।୭ (ଏଜେନ୍ସି): ବିମାନରେ ବୋମା, ଆମେରିକା ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ ଏବଂ 'ଆଲ୍ଲା ହୁ ଆକବର' ସ୍ଲୋଗାନ ଦେଇଥିବା ଭାରତୀୟ ନାଗରିକ ଅଭୟ ନାୟକଙ୍କୁ ଗିରଫ କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହୋଇଥିଲା। ସ୍କଟ୍‌ଲାଣ୍ଡର ଗ୍ଲାସଗୋ ବିମାବନ୍ଦରରୁ ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ତେବେ ତାଙ୍କ ବିରୋଧରେ ଆତଙ୍କବାଦର ଦଫା ଲଗାଯାଇ ନାହିଁ। ସେ ରବିବାର ଇଜିଜେଟ୍ ବିମାନରେ ଇଂଲଣ୍ଡର ଲ୍ୟୁଟନରୁ ଗ୍ଲାସଗୋ ଯାଉଥିଲେ। ଭିଡିଓରେ ସହଯୋଗୀ ଯାତ୍ରୀ ଅଭୟଙ୍କୁ ଧରି ଅଟକାଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ସ୍କଟଲାଣ୍ଡ ଗସ୍ତରେ ଯାଇଥିବାବେଳେ ଏହି ଘଟଣା ଘଟିଛି।

## ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଲେ ୬ କାଉଡ଼ିଆ

ଦେଓଘର, ୨୯।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ଜାମୁନିଆ ଅନ୍ତର୍ଗତ ନାୱାକୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୬ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି। ୨୪ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ଗୋଡା ସାଂସଦ ନିଶିକାନ୍ତ ଦୁବେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୧୮ ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ଡ୍ରାଇଭର ସୁବାଷ ତୁରିଙ୍କ ଆଖି ଲାଖି ଯିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏହି ଘରୋଇ ବସ୍‌ରେ କାଉଡିଆ ଦେଓଘରରୁ ବାବା ବୈଦ୍ୟନାଥଙ୍କ ଧାମକୁ ଯାଉଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ସିଟ୍ ସହିତ ଆସି ତଳେ ପଡ଼ିଥିଲେ। ପରେ ବସ୍ ବିନା ଡ୍ରାଇଭରରେ ଆହୁରି ୨୦୦ ମିଟର ଆଗକୁ ପଳାଇ ଥିଲା। ଇଟା ଗଦା ସହ ମାଡ଼ ହୋଇ ରହିଥିଲା। କାଉଡ଼ିଆଙ୍କ ସାମଗ୍ରୀ ବସ୍‌ରେ ଓହଳି ଥିବା ଦେଖାଯାଉଛି। ଏହି କାଉଡିଆ ବିହାରର ବାସିନ୍ଦା ଥିଲା। ଶ୍ରାବଣୀ ମେଳାରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନ୍ୟୁୟର୍କରେ ୫ ଜଣଙ୍କୁ ହତ୍ୟା

ନ୍ୟୁୟର୍କ, ୨୯।୭ (ଏଜେନ୍ସି): ଆମେରିକା ନ୍ୟୁୟର୍କ ସହରର ମିଡଟାଉନ ମ୍ୟାନହଟନ ସ୍ଥିତ ଏକ ଅଫିସ କୋଠାରେ ଗୁଳିକାଣ୍ଡ ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ପାର୍କ ଆଭିନ୍ୟୁର ହାଇପ୍ରୋଫାଇଲ କୋଠାରେ ପଶି ଅତର୍କିତ ଗୁଳିମାଡ଼ କରିଛି। ଜଣେ ପୁଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ଜୀବନ ନେଇ ଆକ୍ରମଣକାରୀ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ତା' ନିକଟରୁ ଲସ୍ ଭେଗାସର 'କନ୍‌ସିଲ୍ଡ କ୍ୟାରି ପରମିଟ' ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ।

## ଜେଲ୍‌ରେ ଆକ୍ରମଣ; ୧୭ ନିହତ

କିଭ, ୨୯।୭ (ଏଜେନ୍ସି): ରୁଷ୍ ମଙ୍ଗଳବାର ୟୁକ୍ରେନର ବିଲେନକିସ୍କା ଜେଲ୍ ଉପରେ ଆକାଶ ମାର୍ଗରୁ ଚାରୋଟି ଗାଇଡେଡ ବୋମା ମାଡ଼ କରିଛି। ଏଥିରେ ୧୭ କଏଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଜେଲ୍‌ର ଡାଇନିଂ ହଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ୟୁକ୍ରେନର ଅନେକ ସହରରେ ମଧ୍ୟ ରୁଷ୍ ଆକ୍ରମଣ କରିଛି। ଏଥିରେ ଗୋଟିଏ ତିନି ମହଲା ବିଶିଷ୍ଟ କୋଠା ଧ୍ୱଂସ ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗର୍ଭବତୀଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ଆଇଏଏସ୍ ଅଧିକାରୀଙ୍କୁ ବସ୍ ଉଠ କରାଇଲେ ଓକିଲ

ଲକ୍ଷ୍ନୌ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଶାହାଜାହାଁପୁରରେ ଓକିଲମାନେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଆଇଏଏସ ଅଧିକାରୀ ରିଙ୍କୁ ସିଂହ ରାହିଙ୍କୁ କାନ ଧରି ବସ୍ ଉଠ କରାଇଛନ୍ତି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ ମଙ୍ଗଳବାର ଦ୍ୱିପହରେ ଜଣେ ଓକିଲଙ୍କ ଆକାଉଣ୍ଟାଣ୍ଟଙ୍କୁ ପୱାୟାଁ ତହିସଲ ପରିସର ଭିତରେ ଥିବା ଖୋଲାସ୍ଥାନରେ ପରିସ୍ରା କରୁଥିବା ଦେଖିଥିଲେ। ପରେ ଅଧିକାରୀ ତାଙ୍କୁ ବସ୍‌ଉଠ କରାଇ ଥିଲେ। ଏହା ଜାଣିବା ପରେ ଓକିଲ କ୍ଷୁବ୍ଧ ହୋଇ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ଏଥିଯୋଗୁଁ ଶ୍ରୀ ସିଂହଙ୍କୁ ବସ୍‌ଉଠ ହେବାକୁ ପଡ଼ିଥିଲା। ନିୟମ ସମସ୍ତଙ୍କ ପାଇଁ ସମାନ। ସେ ନିଜେ ବି ବାହାରେ ପରିସ୍ରା କରିବେ ନାହିଁ ବୋଲି କହିଥିଲେ। ସୂଚନା ଅନୁଯାୟୀ ରିଙ୍କୁ ସିଂହ ମଥୁରାର ଯୁଗ୍ମ ମାଜିଷ୍ଟ୍ରେଟ ଥିଲେ। ସେ ଆଜି ହିଁ ପୱାୟାଁ ଏସ୍‌ଡିଏମ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ମାଟି ଖାଇ ୨୪ କ୍ୟାରେଟ ସୁନା ଦେବ ଜୀବାଣୁ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ପୃଥିବୀର ସବୁଠୁ ଗଭୀର ଏବଂ ବିଷାକ୍ତ କୋଣରେ ବାସ କରୁଥିବା ଏକ ସୂକ୍ଷ୍ମ ଜୀବକୁ ଠାବ କରିଛନ୍ତି। ଅନ୍ୟ କେହି ତିଷ୍ଠି ପାରୁ ନ ଥିବା ସ୍ଥାନରେ ରହୁଥିବା ଏହି ଜୀବାଣୁ ସୁନା ଦର ହ୍ରାସ କରିବାରେ ସହାୟକ ହେବ। କାରଣ ଏହି ଜୀବାଣୁ ମାଟି ଖାଇ ୨୪ କ୍ୟାରେଟ ସୁନା ହଗୁଛି। ଏହାର ନାମ 'କବ୍ରିଏଭିଡସ ମେଟାଲିଡ୍ୟୁରନ୍ସ'। ଏହା ବିଷାକ୍ତ ମାଟିରେ ରହୁଛି। ଏହା ନିଜ ଭିତରେ ଏଭଳି ଏକ ରାସାୟନିକ ପ୍ରକ୍ରିୟା କରୁଛି ଯାହା ବିଷାକ୍ତ ଭାରି ଧାତୁକୁ ଖାଇ ୨୪ କ୍ୟାରେଟ ସୁନା ଏବଂ ତମ୍ବା କଣିକାରେ ପରିଣତ କରିଦେଉଛି। ପରେ ଏହାକୁ ବାହାରକୁ ଛାଡ଼ି ଦେଉଛି। ଏହି ଜୀବାଣୁର ସନ୍ଧାନ କରିଥିବା ଟିମ୍‌ରେ ଅଷ୍ଟ୍ରେଲିଆ ଏବଂ ଜର୍ମାନୀ ଗବେଷକ ସାମିଲ ଅଛନ୍ତି। ଏହି ଜୀବାଣୁ ସୁନା ଖଣିର ରୂପରେଖକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏବେ ସୁନା ଖଣି ଦ୍ୱାରା ପରିବେଶର ଅଶେଷ କ୍ଷତି ହେଉଛି। ଏହି ଜୀବାଣୁ ମାଧ୍ୟମରେ କମ୍ ପ୍ରଦୂଷଣରେ ଶସ୍ତାରେ ସୁନା ବାହାର କରାଯାଇପାରିବ। ଏହା ଇଲେକ୍‌ଟ୍ରୋନିକ ଆବର୍ଜନା ଏବଂ ଖଣିରେ ରହି ସୁନା ବାହାର କରିବାରେ ସହାୟକ ହେବ।

# ବୋଇଂରେ ପୁଣି ଆତଙ୍କ

**ଆମେରିକା ବିମାନରୁ ଆସିଲା 'ମେଡେ' କଲ୍**

**ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ମଡେଲର ବିମାନ**

ୱାସିଂଟନ, ୨୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୦ ଜଣଙ୍କ ଜୀବନ ନେଇଥିଲା। ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆମେରିକା ଗଣମାଧ୍ୟମ ପାଇଲଟଙ୍କ ଉପରେ ଦୋଷ ଦେବାରେ ଲାଗିଥିଲା। ପୂର୍ବରୁ ଏହି ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇ ଥିଲେ। ଖୋଦ୍ ବୋଇଂର ପୂର୍ବତନ କର୍ମଚାରୀ ବିମାନର ନିର୍ମାଣ ଶୈଳୀ ଏବଂ ମାନକୁ ଖରାପ କହିଥିଲେ। ଏବେ ଆମେରିକାରେ ଆଉ ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଏହି ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଛି। ଏହା ଜାଣିବା ପରେ ପାଇଲଟ ଏମର୍ଜେନ୍ସି 'ମେଡେ' କଲ୍ ଦେଇଛନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ପାଇଲଟ ସୂଚନା ଦେବା ସତ୍ତ୍ୱେ ୨ ଘଣ୍ଟା ୩୮ ମିନିଟ ପର୍ଯ୍ୟନ୍ତ ବିମାନ ଆକାଶରେ ରହିଥିଲା। ଏହା ପରେ ଜରୁରୀ ଅବତରଣ କରିଥିଲା। ଗତ ୨୫ ତାରିଖରେ ଏହି ଅଘଟଣ ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି।



ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ଏମର୍ଜେନ୍ସି ଘୋଷଣା କରିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଭୟରେ ଥରହର ହେଉଥିଲେ। ତେବେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କୁହାଯାଇଥିଲା। ଫ୍ଲାଇଟ ଆୱେର ମତାବକ ୬ ହଜାର ଫୁଟରେ ଥିବାବେଳେ ପାଇଲଟ ଇନ୍ଧନ ଖାଲି କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଅନ୍ୟ ବିମାନଠାରୁ ସୁରକ୍ଷିତ ଦୂରତ୍ୱ ରଖିବା ଲାଗି ଏଟିସି ପାଇଲଟଙ୍କୁ ପରାମର୍ଶ ଦେଇଥିଲେ। ଓଜନ କମ୍ କରିବା ପାଇଁ ବିମାନ ଅଢେଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ୱାସିଂଟନର ଉତ୍ତର-ପଶ୍ଚିମରେ ଘୂରି ବୁଲି ଥିଲା। ଏହା ପରେ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ସହାୟତାରେ ଅବତରଣ ଲାଗି ପାଇଲଟ ଅନୁମତି ମାଗିଥିଲେ। ୱାସିଂଟନର ଡଲେସ ବିମାନବନ୍ଦରରେ ଅବତରଣ ପରେ ଖରାପ ଇଞ୍ଜିନ ଯୋଗୁଁ ବିମାନ ଆପେ ଆପେ ରନୱେରୁ ହଟିପାରି ନ ଥିଲା। ଏହାକୁ ଟାଣି ଟାଣି ହଟା ଯାଇଥିଲା। ସୋମବାର ପର୍ଯ୍ୟନ୍ତ ଏହି ବିମାନ ବିମାନବନ୍ଦରରେ ଛିଡ଼ା ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ୟୁନାଇଟେଡ ଏୟାରଲାଇନ୍ସ ଏବଂ ବିମାନ ଅଧିକାରୀ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ଆମେରିକାର ଡେନ୍‌ଭର ବିମାନବନ୍ଦରରେ ଆମେରିକାନ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ-୮ ବିମାନର ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇ ଯାଇଥିଲା। ଏଥିଯୋଗୁଁ ବିମାନର ପଛ ଭାଗରେ ନିଆଁ ଲାଗି ଯାଇଥିଲା। ଯାତ୍ରୀଙ୍କୁ ଏମର୍ଜେନ୍ସି ସ୍ଲାଇଡର ଦେଇ ବାହାରିବାକୁ ପଡ଼ିଥିଲା।

**ବିହାର ଏସ୍‌ଆଇଆର୍ ମାମଲା**

# ଅଧିକ ଭୋଟରଙ୍କ ନାମ କଟିଲେ ହସ୍ତକ୍ଷେପ କରିବୁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାରୁ ଯଦି ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଏ ତେବେ ମାମଲାରେ ହସ୍ତକ୍ଷେପ କରିବୁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଏସ୍‌ଆଇଆର୍ ବିରୋଧରେ ଦାଏର ଆବେଦନରେ କୁହାଯାଇଥିଲା ଯେ ୬୫ ଲକ୍ଷ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଏମାନଙ୍କ ମଧ୍ୟରୁ କିଛି ନିଜ ଘର ଛାଡ଼ି ଅନ୍ୟ କେଉଁଆଡେ ପଳାଇଛନ୍ତି ଏବଂ ଅନ୍ୟମାନେ ପ୍ରାଣ ହରାଇଥିବା କୁହାଯାଇଛି। ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ଯେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମାମଲା ଉପରେ ଦୃଷ୍ଟି ରଖିଛନ୍ତି। ତାଲିକାରୁ ବିପୁଳ ସଂଖ୍ୟକ ଭୋଟରଙ୍କୁ ବାଦ୍ ଦେଲେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବେ। ମୃତ କହି ଭୋଟର ତାଲିକାରୁ ନାମ କାଟି ଦିଆଯାଇଥିବା ଏଭଳି ୧୫ ଜୀବିତ ଲୋକଙ୍କୁ ଆଣି କୋର୍ଟକୁ ଆସନ୍ତୁ ବୋଲି ଆବେଦନକାରୀଙ୍କୁ କହିଥିଲେ। ଏହା ପୂର୍ବରୁ ସୋମବାର କୋର୍ଟ ଏସଆଇଆର ପ୍ରକ୍ରିୟାରେ କଟକଣା ଲଗାଇବାକୁ ମନା କରିଥିଲେ। ତ୍ରୁଟି ରହିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ବୋଲି ଆବେଦନକାରୀ ଏଡିଆରକୁ କହିଥିଲେ।

**ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲା**

# ଅଗଷ୍ଟ ୧୯ରେ ରାଷ୍ଟ୍ରପତିଙ୍କ ମତାମତ ଉପରେ ଶୁଣାଣି



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦନ ନେଇ ସୁପ୍ରିମକୋର୍ଟ ଏପ୍ରିଲ ୮ ରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଲାଗି କଣ୍ଟ ଧାର୍ଯ୍ୟ କରିଥିଲେ। ପରେ ଗତ ମେ' ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ଲୋଡ଼ିଥିଲେ। ସୁପ୍ରିମକୋର୍ଟ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଏ ଏସ ଚନ୍ଦୂରକରଙ୍କ ଖଣ୍ଡପୀଠ ଏ ନେଇ ଅଗଷ୍ଟ ୧୨ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଲିଖିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଠିକ୍ ସମୟରେ ମତାମତ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୯ ତାରିଖରେ ପ୍ରଥମେ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ପ୍ରଶ୍ନ ଉଠାଇ କେରଳ ଏବଂ ତାମିଲନାଡୁ ସରକାର ଦାଖଲ କରିଥିବା ଆବେଦନ ଉପରେ ଘଣ୍ଟାଏ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁପାରିସ ସମର୍ଥନ କରୁଥିବା କେନ୍ଦ୍ର ଏବଂ ଅନ୍ୟ ରାଜ୍ୟର ଆବେଦନ ଉପରେ ଅଗଷ୍ଟ ୧୯, ୨୦, ୨୧ ଓ ୨୬ରେ ଏବଂ ବିରୋଧରେ ଦାଏର ଆବେଦନର ଶୁଣାଣି ଅଗଷ୍ଟ ୨୮, ସେପ୍ଟେମ୍ବର ୨,୩ ଓ ୯ ତାରିଖରେ କରାଯିବ। ଯଦି ଏହା ଉପରେ କୌଣସି ପ୍ରତ୍ୟୁତ୍ତର ଦେବାର ଥାଏ ତେବେ ଏହାର ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ରାଷ୍ଟ୍ରପତିଙ୍କ ସୁପାରିସ ସାରା ଦେଶ ଉପରେ ପ୍ରଭାବ ପକାଇବ।

ଏପ୍ରିଲ ୮ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨କୁ ବ୍ୟବହାର କରି ବିଲ୍ ଉପରେ ଅନୁମୋଦନ ଲାଗି ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ନିମନ୍ତେ ୩ ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ରାୟ ମାଗିଥିଲେ। ରାଷ୍ଟ୍ରପତି-ରାଜ୍ୟପାଳଙ୍କ କ୍ଷମତା, ନ୍ୟାୟିକ ଦଖଲ ଏବଂ ସମୟସୀମା ଧାର୍ଯ୍ୟ କରିବା ଉପରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସମ୍ବିଧାନରେ ଏଭଳି କୌଣସି ବ୍ୟବସ୍ଥା ନ ଥିବାବେଳେ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ କେମିତି ରାଷ୍ଟ୍ରପତି-ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ଦେଇପାରିବେ, ସୁପ୍ରିମକୋର୍ଟଙ୍କ ରାୟ ନେବା ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ କି, ଧାରା ୧୪୨ ବ୍ୟବହାର କରି ସୁପ୍ରିମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ କି, ରାଜ୍ୟପାଳଙ୍କ ଅନୁମୋଦନ ବିନା ବିଧାନସଭାରେ ପାରିତ ବିଲ୍ କାର୍ଯ୍ୟକାରୀ ହୋଇପାରିବ କି, ସମ୍ବିଧାନର ବାଖ୍ୟା ପାଇଁ ଉଦ୍ଦିଷ୍ଟ ମାମଲାକୁ ପାଞ୍ଚ ଜଣିଆ ଖଣ୍ଡପୀଠକୁ ପଠାଇବା ବାଧ୍ୟତାମୂଳକ କି, ସମ୍ବିଧାନ କିମ୍ବା ବର୍ତ୍ତମାନ ଆଇନ ସହ ମେଳ ଖାଉ ନ ଥିବା ନିର୍ଦ୍ଦେଶ ସୁପ୍ରିମକୋର୍ଟ ଦେଇପାରିବେ କି, ସୁପ୍ରିମକୋର୍ଟ ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦକୁ କେବଳ ସୁପ୍ରିମକୋର୍ଟରେ ସମାଧାନ କରାଯାଇପାରିବ କି ବୋଲି ରାଷ୍ଟ୍ରପତି ପଚାରି ଥିଲେ।

## ଚୀନ୍‌ରେ ସନ୍ତାନ ଜନ୍ମକଲେ ମିଳିବ ୧.୩୦ ଲକ୍ଷ



ବେଜିଂ, ୨୯।୭ (ଏଜେନ୍ସି): ଜନ୍ମହାର ହ୍ରାସକୁ ନେଇ ଚୀନ୍ ସରକାରଙ୍କ ନିଦ ହଜି ଯାଇଛି। ଆର୍ଥିକ ସ୍ଥିତି ଏବଂ ଅନ୍ୟ କୌଣସି କାରଣରୁ ବିବାହ କରିବାକୁ ଅମଙ୍ଗ ହେଉଥିବା ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ଲାଗି ସି ଜିନପିଙ୍ଗଙ୍କ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ସରକାର ୧.୩୦ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ ଭାବେ ଜନ୍ମହାର ହ୍ରାସକୁ ନେଇ ଚିନ୍ତିତ ଚୀନ୍ ସରକାର ସନ୍ତାନ ଜନ୍ମ ପରେ ମାତାପିତାଙ୍କୁ କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ୩୬୦୦ ୟୁଆନ (ପ୍ରାୟ ୪୪ ହଜାର ଟଙ୍କା) ପ୍ରଦାନ କରିବେ। ଏବେ ଚୀନ୍‌ର ୨୧ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ । ପ୍ରାୟ ଦଶନ୍ଧି ତଳେ ଚୀନ୍ ନିଜର ବିବାଦୀୟ ଏକ ସନ୍ତାନ ନୀତିକୁ ପ୍ରତ୍ୟାହାର କରି ନେଇଥିଲା। ଏହା ସତ୍ତ୍ୱେ ଜନ୍ମହାର ହ୍ରାସ ପାଇ ଚାଲିଥିଲା।

ବିଶ୍ୱର ବୃହତ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଚୀନ୍‌ର ଜନ୍ମହାର ସବୁଠୁ କମ୍ ରହିଛି। ୨୦୧୬ରେ ଚୀନ୍‌ରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ୯୦ ଲକ୍ଷକୁ ଖସି ଆସିଥିଲା। କେବଳ ୭ ବର୍ଷରେ ଏହି କମ୍ୟୁନିଷ୍ଟ ରାଷ୍ଟ୍ରରେ ଜନ୍ମହାର ୫୦ ପ୍ରତିଶତ ହ୍ରାସ ପାଇଛି। ମୃତ୍ୟୁ ହାରଠାରୁ ଜନ୍ମ ହାର କମ୍ ଥିବାରୁ ମୋଟ ହ୍ରାସ ଧାରା ଜାରି ରହିଛି।

## ୨୨ ଅନାଥ ପିଲାଙ୍କୁ ପୋଷ୍ୟ କଲେ ରାହୁଲ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ପୁଞ୍ଚ ଜିଲ୍ଲାର ୨୨ ଅନାଥ ପିଲାଙ୍କୁ ସେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି। ରାହୁଲ ଏହି ପିଲାଙ୍କ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ପିଲମାନେ 'ଅପରେସନ ସିନ୍ଦୁର' ସମୟରେ ନିଜ ମାତାପିତାଙ୍କୁ ହରାଇଥିଲେ। ଏଲଓସିରେ ପାକିସ୍ତାନୀ ଗୁଳିମାଡ଼ରେ ଏହି ଶିଶୁଙ୍କ ମାତାପିତାଙ୍କ ଜୀବନ ଯାଇଥିଲା। ପୁଞ୍ଚ ଗସ୍ତ ସମୟରେ ରାହୁଲ ଏହି ପ୍ରଭାବିତ ପରିବାରଗୁଡ଼ିକୁ ଭେଟିଥିଲେ। ସେମାନେ ଅତି କଷ୍ଟରେ କାଳତିପାତ କରୁଥିବା ଦେଖିଥିଲେ। ଅର୍ଥାଭାବରୁ ତାଙ୍କ ପାଠପଢ଼ା ଉପରେ ବିପଦ ଦେଖା ଦେଇଥିଲା। ଏହା ଦେଖି ଏଭଳି ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାହୁଲ ଦଳୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଚ ଯାଇ ରାହୁଲ ଅନାଥ ପିଲାଙ୍କୁ ଭେଟୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ସେତେବେଳେ ରାହୁଲ କହିଥିଲେ ଯେ ଏହି ପିଲାମାନଙ୍କ ଶିକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବରେ କିଛି କରିବାକୁ ଚାହୁଁଛନ୍ତି। ଏହା ପରେ କଂଗ୍ରେସ ନେତାମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ ପିଲାଙ୍କୁ ସାହାଯ୍ୟ ଦିଆଯିବ।

# ରାଜ୍ୟସଭାରେ ଖଡ଼୍‌ଗେ-ନଡ୍ଡା ମୁହାଁମୁହିଁ



ନୂଆଦିଲ୍ଲୀ, ୨୯।୭: ରାଜ୍ୟସଭାରେ ଆଜି ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମୁହାଁମୁହିଁ ହୋଇଥିଲେ। ଅପରେସନ ସିନ୍ଦୂର ଉପରେ ଏକ ଘଣ୍ଟା ଧରି ତାଙ୍କର ମନ୍ତବ୍ୟ ରଖିବା ସମୟରେ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ସେ ଏମିତି କିଛି ଭାଷା ପ୍ରୟୋଗ କରିଥିଲେ, ଯାହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିଲେ ନଡ୍ଡା। ସେ ଖଡ଼ଗେଙ୍କୁ ସମାଲୋଚନା କରି କହିଥିଲେ ଯେ ଖଡ଼ଗେ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ନଡ୍ଡା ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। କିନ୍ତୁ ନିଜ ମନ୍ତବ୍ୟରୁ ନଡ୍ଡା ନ ଓହରିବାରୁ ଖଡ଼ଗେ କହିଥିଲେ, ସେ ଗୃହରେ ରାଜନାଥ ଓ ନଡ୍ଡାଙ୍କର ସମ୍ମାନ କରନ୍ତି। କାରଣ ସେମାନେ କେବେହେଲେ ଭାଷାରେ ସନ୍ତୁଳନ ହରାନ୍ତି ନାହିଁ। ଶେଷରେ ନଡ୍ଡା ତାଙ୍କର ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ଜଣେ ଅଭିଜ୍ଞ ଓ ଜ୍ଞାନୀ ଲୋକ। ବିଶ୍ୱର ଲୋକପ୍ରିୟ ନେତା ରୂପେ ପରିଚିତ ମୋଦୀଙ୍କ ପ୍ରତି ସେ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ତାଙ୍କର ମର୍ଯ୍ୟାଦା ଦୃଷ୍ଟିରୁ ଶୋଭା ପାଉନାହିଁ। ତେଣୁ ତାଙ୍କର ଏହି ମନ୍ତବ୍ୟକୁ ରାଜ୍ୟସଭାର ରେକର୍ଡରୁ ବାଦ୍ ଦିଆଯାଉ।

# ଷ୍ଟ୍ରେଚରରେ ଯୁବକଙ୍କ ଜୀବନ ଗଲା

**ଭାଙ୍ଗିଲାନି ଡାକ୍ତରଙ୍କ ନିଦ**



ମିରଟ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଈଶ୍ୱରଙ୍କ ଦ୍ୱିତୀୟ ରୂପ ଭାବେ ପରିଚିତ ଜଣେ ଡାକ୍ତରଙ୍କ ଅବହେଳା ପାଇଁ ଦୁର୍ଘଟଣା ପରେ ଚିକିତ୍ସା ନ ପାଇ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ଦୁର୍ଘଟଣା ସେତେ ଗୁରୁତର ନ ଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ମିଳି ପାରି ନ ଥିଲା। ଡାକ୍ତର ବାବୁ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିଲେ। ଅନ୍ୟମାନେ ଯାଇ ଡାକି ଥିଲେ ମଧ୍ୟ ଶୁଣି ନ ଥିଲେ। ଫଳରେ ଷ୍ଟ୍ରେଚରରେ ପଡ଼ି ରହିଥିବା ଯୁବକଙ୍କ ଅଧିକ ରକ୍ତସ୍ରାବ ହୋଇଥିଲା। ଶେଷରେ ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା। ଏହି ଅଭାବନୀୟ ଘଟଣା ମିରଟରେ ଥିବା ସରକାରୀ ଡାକ୍ତରଖାନାରେ ଘଟିଛି।

ସୂଚନା ଅନୁଯାୟୀ ରବିବାର ରାତି ୧ଟାରେ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଲାଲା ଲଜପତ ରାୟ ମେମୋରିଆଲ ମେଡିକାଲ କଲେଜକୁ ନିଆ ଯାଇଥିଲା। ଜରୁରୀକାଳୀନ ୱାର୍ଡରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏହା ପରେ ବି ଡାକ୍ତର ଭୂପେଶ କୁମାର ରାଏ ଚିକିତ୍ସା କରିବାକୁ ଆସି ନ ଥିଲେ। ପରିବାର ଲୋକେ ଅନେକ କାକୁତିମିନତି ହୋଇଥିଲେ ବି କେହି ତାଙ୍କ ଗୁହାରି ଶୁଣି ନ ଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଯୁବକ ସେମିତି ରକ୍ତାକ୍ତ ଅବସ୍ଥାରେ ୱାର୍ଡର ଷ୍ଟ୍ରେଚରରେ ପଡ଼ି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକଙ୍କ ପରିବାର ଲୋକେ ଡାକ୍ତର ବାବୁ ଶୋଇଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହାକୁ ଆଧାର କରି ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।

# ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀକୁ ନେଇ ସଂଶୟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ହତ୍ୟା ମାମଲାରେ ୟେମେନ ଜେଲ୍‌ରେ ବନ୍ଦୀ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ଏହି ମାମଲାରେ ଭାରତୀୟ ଗ୍ରାଣ୍ଡ ମୁଫ୍‌ତି କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଦାବି କରାଯାଇଛି। ନିମିଷାଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଥିବା କୁହାଯାଇଛି। ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆ ଯାଇଥିବା ଦର୍ଶାଯାଇଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଖବରକୁ ଖାରଜ କରିଦିଆଯାଇଛି। ଏଭଳି ଦାବିକୁ ଭ୍ରମାତ୍ମକ କୁହାଯାଇଛି। ଏହି ସୂଚନା ବର୍ତ୍ତମାନର ସ୍ଥିତିକୁ ସଠିକ୍ ଭାବେ ସୂଚାଉ ନାହିଁ ବୋଲି କୁହାଯାଉଛି।

ୟେମେନର ତଲାଲ ଅବାଦୋଙ୍କୁ ୨୦୧୭ ମସିହାରେ ହତ୍ୟା କରିବାକୁ ନେଇ ଗତ ୧୬ ତାରିଖରେ ନିମିଷାଙ୍କୁ ଫାଶୀ ଦିଆଯିବାର ଥିଲା। କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କାନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା ଲାଗି ଆଗକୁ ଆସିଥିଲେ। ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କ ଫାଶୀଦଣ୍ଡକୁ ଅଟକାଇ ଦିଆଯାଇଥିଲା। ତେବେ କାନ୍ଥପୁରମଙ୍କ ଦାବିକୁ ୟେମେନର ସାମାଜିକ କର୍ମୀ ତଥା ଆକ୍ସନ କାଉନସିଲ୍ ଫର୍ ତଲାଲ ମହଦିସ୍ ଜଷ୍ଟିସ୍-ଇନ୍- ୟେମେନର ପ୍ରବକ୍ତା ସରହନ ସମସାନ ଅଲ ୱିସୱାବିଙ୍କ ପକ୍ଷରୁ ମଧ୍ୟ ନିମିଷାଙ୍କ ଦଣ୍ଡ ରଦ୍ଦ ହେବା ଖବରକୁ ସ୍ୱୀକାର କରାଯାଇଛି। ଫେସବୁକ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଧାର୍ମିକ ଗୁରୁଙ୍କ ହସ୍ତକ୍ଷେପ ଯୋଗୁଁ ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି। ଏବେ ତାଙ୍କୁ ଜେଲରୁ ମୁକ୍ତ କରାଯିବ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ । ତେବେ ନିମିଷା ଜେଲ୍‌ରେ ରହିବେ କି 'ବ୍ଲଡ ମନି' ଦେଇ ମୁକୁଳିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଦିଲ୍ଲୀରେ ଉଠିଲା ଓଡ଼ିଶାର ନାରୀ ସୁରକ୍ଷା ପ୍ରସଙ୍ଗ

# ସଂସଦ ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ



ଭୁବନେଶ୍ୱର,୨୯।୭(ସମିସ): ଦିଲ୍ଲୀରେ ପହଞ୍ଚିଛି ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ଅସୁରକ୍ଷା ପ୍ରସଙ୍ଗ । ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭା ସାଂସଦମାନେ

- ପ୍ରବଳ ବର୍ଷାରେ ଧାରଣା ଦେଲେ ବିଜେଡି ରାଜ୍ୟସଭା ସାଂସଦ
- ବଲାଙ୍ଗୀ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି
- ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଦାବି କଲେ ନ୍ୟାୟିକ ତଦନ୍ତ

ସଂସଦ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଦଳର ୬ ଜଣ ରାଜ୍ୟସଭା ସାଂସଦ ପ୍ଲାକାର୍ଡ଼ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସମ୍ପ୍ରତି ଓଡ଼ିଶାରେ ନାରୀ ଓ ଶିଶୁ ଅସୁରକ୍ଷିତ। ଜଣେ ମହିଳା ଘରୁ ବାହାରିଲେ ସୁରକ୍ଷିତ ଭାବରେ ଫେରିବାର ନିଶ୍ଚିତତା ନାହିଁ । ଗତ କିଛି ମାସ ଧରି ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଘଟଣା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହୋଇଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛନ୍ତି।

ଏହି ପରିପ୍ରେକ୍ଷୀରେ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଓ ବଲାଙ୍ଗୀ ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଂସଦମାନେ ଦାବି କରିଛନ୍ତି। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ କହିଛନ୍ତି। ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

ପ୍ରତିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ସାଂସଦମାନେ କହିଛନ୍ତି ଯେ ରାଜ୍ୟରେ ନାରୀ, ଛୋଟ ଶିଶୁ ସମସ୍ତ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ବାଲେଶ୍ୱର ଏଫଏମ କଲେଜର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ପ୍ରଦାନ କରିଥିବା ବେଳେ, ପୁରୀ ଜିଲ୍ଲା ବଲଙ୍ଗାର ଜଣେ ଛାତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଉକ୍ତ ଛାତ୍ରୀଙ୍କର ୭୫ ପ୍ରତିଶତ ଶରୀର ପୋଡ଼ି ଯାଇଛି। ଏ ସମସ୍ତ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଠାବ କରିବାରେ ରାଜ୍ୟ ସରକାର,ପୁଲିସ ବିଫଳ ହୋଇଛନ୍ତି। ତେଣୁ ପ୍ରକୃତ ସତ୍ୟକୁ ପଦାକୁ ଆଣିବାକୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ। ମାତ୍ର ଏହାକୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳସ୍ୱରୂପ ଏପରି ସମ୍ବେଦନଶୀଳ ଘଟଣା ଗୁଡ଼ିକର ପ୍ରକୃତ ସତ୍ୟ ପଦାକୁ ଆସୁନାହିଁ। ରାଜ୍ୟ ସରକାର ଯଦି ନ୍ୟାୟିକ ତଦନ୍ତ ନ କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ କହିଛନ୍ତି।

■ ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆହୁରି ୨୪ ଘଣ୍ଟା ଛେଚିବ

ଭୁବନେଶ୍ୱର, ୨୯।୭(ସମିସ): ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ। ତେବେ ୩୧ ତାରିଖ ପରଠାରୁ ବର୍ଷା କମିବା ନେଇ ଆକଳନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବର୍ତ୍ତମାନ ଦକ୍ଷିଣ ବାଂଲାଦେଶ ଏବଂ ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ରହୁଛି ଓ ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେଉଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାର ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ସାଢ଼େ ୫ଟା ସୁଦ୍ଧା ଟିଟଲାଗଡ଼ରେ ୩୯ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୩୭ ମିମି, ବଲାଙ୍ଗିରରେ ୨୨ ମିମି, ନୂଆପଡ଼ାରେ ୨୩ ମିମି ଓ ଖୋର୍ଦ୍ଧା, ଛତ୍ରପୁର ଏବଂ ଚାନ୍ଦବାଲିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବୁଧବାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ଟ୍ରଫ୍ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଲମ୍ବିଛି। ଧୀରେଧୀରେ ମୌସୁମୀ ଟ୍ରଫ୍ ହିମାଳୟ ଆଡ଼କୁ ଯିବାକୁ ଥିବାରୁ ୩୧ କିମ୍ବା ୧ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବାର ସମ୍ଭାବନା ରହିଛି। ଏମିତିକି, ଗୋଟିଏ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ମୌସୁମୀ ବ୍ରେକ୍ ନେବାର ଆଶଙ୍କା କରାଯାଉଛି। ଏହା ପରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ହିଁ ମୌସୁମୀ ପୁଣିଥରେ ସକ୍ରିୟ ହେବ ଓ ମୌସୁମୀ ଟ୍ରଫ୍ ସ୍ୱାଭାବିକ ଅବସ୍ଥାକୁ ଫେରିବ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯୬.୯ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫୨୬.୪ ମିମିଠାରୁ ୧୩ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ଗୋଟିଏ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି, ଗତ ୨୪ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି।

# ଚାଲିଚାଲି ଆସି ମହାନଦୀକୁ ଡେଇଁପଡ଼ିଲେ

ସମ୍ବଲପୁର, ୨୯।୭ (ସମିସ): ମହାନଦୀ ଦ୍ୱିତୀୟ ସେତୁ ବୋଲାଉଥିବା ଚାଉଁରପୁର ବ୍ରିଜ୍‌ରେ ଆଜି ପୁଣି ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବ୍ରିଜ୍



ଉପରେ ଠିଆ ହୋଇ ମହାନଦୀର କ୍ଷୀପ୍ରସ୍ରୋତକୁ ସେ ଡେଇଁ ପଡ଼ିଛନ୍ତି। ଖବର ଲେଖାହେବା ବେଳକୁ ତାଙ୍କ ପରିଚୟ ମିଳି ପାରିନାହିଁ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଆଜି ଅପରାହ୍ଣ ପ୍ରାୟ ୨ଟାରୁ ସାଢ଼େ ୨ଟା ମଧ୍ୟରେ ଜଣେ ୫୦ରୁ ୬୦ବର୍ଷୀୟ ବ୍ୟକ୍ତି ଚାଉଁରପୁର ପାର୍ଶ୍ୱରୁ ସମ୍ବଲପୁର ପଟକୁ ଚାଲିଚାଲି ଆସୁଥିଲେ। କିଛି ସମୟ ବ୍ୟବଧାନ ଭିତରେ ସେ ବ୍ରିଜ୍ ବାଡ଼ାକୁ ଚଢ଼ି ମହାନଦୀ ସ୍ରୋତକୁ ଡେଇଁ ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀ ଗାଡ଼ିରେ ପଛକୁ ଫେରି ଦେଖିବା ବେଳେ ସେ ବହୁ ଦୂର ଭାସି ଯାଇଥିଲେ। ସଙ୍ଗେସଙ୍ଗେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ଅଗ୍ନିଶମ ବାହୀନି ମଧ୍ୟ ଖୋଜାଖୋଜି ଜାରି ରଖିଥିଲା। ଏବେ ହୀରାକୁଦର ୧୮ଟି ଗେଟ୍ ଖୋଲା ରହିଛି। ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ମହାନଦୀର କ୍ଷୀପ୍ର ସ୍ରୋତରେ ଖୋଜିବା ପ୍ରାୟ ସମ୍ଭବପର ହୋଇନାହି। ତଥାପି ଅପରାହ୍ଣ ୩ଟାରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ସାଢ଼େ ୬ଟା ବେଳକୁ ଅପରେସନ ସ୍ଥଗିତ କରାଯାଇଥିଲା। ଆସନ୍ତାକାଲି ପୁଣି ସକାଳୁ ଖୋଜା ଯିବା ବୋଲି ଅଗ୍ନିଶମ ଅଧିକାରୀ ସୁଦାମ କିଶୋକ କହିଛନ୍ତି।

ପ୍ରକାଶଥାଉକି ଏହି ସେତୁରେ ଆତ୍ମହତ୍ୟା କରିବା କୌଣସି ନୂଆ କଥା ନୁହେ। ଗତ ମାର୍ଚ୍ଚ ୧୦ ତାରିଖରେ ଜଣେ ମହିଳା ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତଳେ ପାଣି ନଥିବାରୁ ପଥରରେ ମାଡ଼ ହୋଇ ତାଙ୍କ ଜୀବନ ଚାଲି ଯାଇଥିଲା।

# ଦୁଇ ଦିନରେ ଦୁଇଥର ‘ପ୍ରଳୟ’ର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୯।୭(ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟରେଞ୍ଜ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ‘ପ୍ରଳୟ’ର ପରୀକ୍ଷଣ କ୍ରମାଗତ ଭାବେ ଦୁଇଦିନ ଧରି ଦୁଇଥର ସଫଳ ହୋଇଛି। ବ୍ୟାବହାରିକ ମୂଲ୍ୟାଙ୍କନର ଅଂଶବିଶେଷ କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି। ଏହି ଅବସରରେ ‘ପ୍ରଳୟ’ କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ୍ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଧାମରା ନିକଟ ଅବଦୁଲ କାଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର୍ ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ପୂର୍ବାହ୍ନ ପ୍ରାୟ ୯.୩୫ରେ ଉତ୍‌କ୍ଷେପଣ ହୋଇଥିଲା। ସେହିପରି କ୍ରମାଗତ ଭାବେ ଆଜି ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଦ୍ୱିତୀୟଥର ପାଇଁ ଉତ୍‌କ୍ଷେପଣ କରାଯାଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

- ଚୀନ୍ ଓ ପାକିସ୍ତାନ ସୀମାରେ ମୁତୟନ ହେବ
- ୫ଶହରୁ ୧ହଜାର କେଜି ଯୁଦ୍ଧାସ୍ତ୍ର ବହନ କରିପାରିବ
- ୩୫୦ରୁ ୫୦୦ କି.ମି ପର୍ଯ୍ୟନ୍ତ ଟାର୍ଗେଟ୍ ଲକ୍ଷ୍ୟଭେଦୀ

ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର୍ ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ସଠିକ ଭାବେ ଲକ୍ଷ୍ୟଭେଦ କରିପାରିବ।



ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି କ୍ଷେପଣାସ୍ତ୍ରକୁ ଚୀନ ସୀମାର ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଓ ପାକିସ୍ତାନ ସୀମାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲଓସି) ଅଞ୍ଚଳରେ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ଚୀନର ଡାଙ୍ଗଫେଙ୍ଗ ୧୨ ଓ ରୁଷର ଇସ୍କନ୍ଦର ଭଳି ଏହି କ୍ଷେପଣାସ୍ତ୍ର ଶକ୍ତିଶାଳୀ। ୟୁକ୍ରେନ୍ ସହ ଯୁଦ୍ଧରେ ରୁଷ ଇସ୍କନ୍ଦର କ୍ଷେପଣାସ୍ତ୍ରର ବହୁଳ ବ୍ୟବହାର କରିଛି। ପାକିସ୍ତାନ ନିକଟରେ ମଧ୍ୟ ପ୍ରଳୟ ଭଳି ଟେକ୍ଟିକାଲ ମିସାଇଲ ରହିଛି। ପ୍ରଳୟ କ୍ଷେପଣାସ୍ତ୍ର ସଠିକତା ଓ ଗତି ହିସାବରେ ସର୍ବାଧିକ ଘାତକ ସାବ୍ୟସ୍ତ ହେବ ବୋଲି କୁହାଯାଇଛି।

୨୦୨୨ ଡିସେମ୍ବରରେ ୨୪ ଘଣ୍ଟା ମଧ୍ୟରେ ଏହି କ୍ଷେପଣାସ୍ତ୍ରର ଦୁଇ ଥର ସଫଳ ପରୀକ୍ଷଣ ହୋଇଥିବା ବେଳେ ୨୦୨୩ମସିହା ନଭେମ୍ବର ୭ ତାରିଖରେ ମଧ୍ୟ ପ୍ରଳୟର ସଫଳ ପରୀକ୍ଷଣ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ପର୍ଯ୍ୟାୟ ବ୍ୟାବହାରିକ ପରୀକ୍ଷଣର ସଫଳତା ନିକଟ ଭବିଷ୍ୟତରେ ପ୍ରଳୟ କ୍ଷେପଣାସ୍ତ୍ରକୁ ସେନାବାହିନୀରେ ସାମିଲ ପାଇଁ ପଥ ପ୍ରଶସ୍ତ କରିଛି ବୋଲି କହିଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

ବଡ଼ବିଲ,୨୯।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ କାରାଖେଣ୍ଡରା ଗ୍ରାମରେ ବଣୁଆ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ସୋମବାର ରାତି ପ୍ରାୟ ୧୦ଟାରେ ଦୁଇଟି ହାତୀ ଗ୍ରାମ ଭିତରେ ପଶିଥିଲେ। ମୃତକ ଲୁଣ୍ଡୁ ମୁଣ୍ଡାଙ୍କ ବାଡ଼ିରେ ଲାଗିଥିବା କଦଳୀ ଗଛକୁ ଖାଉଥିବା ବେଳେ ଲୁଣ୍ଡୁ ଏବଂ କିଛି ଗ୍ରାମବାସୀ ସେମାନଙ୍କୁ ଘଉଡ଼ାଇବା ବେଳେ ଅସାବଧାନତା କାରଣରୁ ଲୁଣ୍ଡୁ ତଳେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ବନବିଭାଗ ଅଧିକାରୀ ମୃତଦେହକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇବା ସହ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଭୁବନେଶ୍ୱର ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

- ବ୍ୟାଙ୍କକରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ
- ୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ
- ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ବଢ଼ୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ)ର ଚାହିଦା। ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି। ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ମାରିଜୁଆନା ଚାଲାଣ କରୁଥିବା ୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହାଯାଉଛି। ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ।



୩ଜଣ ଅଭିଯୁକ୍ତ ନିୟମିତ ଭାବେ ବ୍ୟାଙ୍କକରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ କରନ୍ତି। ପୂର୍ବରୁ ସେମାନେ ଚାଲାଣ କରିଥିବା କଷ୍ଟମ ବିଭାଗ ଆଗରେ କହିଛନ୍ତି। ତେଣୁ ସେମାନେ ବ୍ୟାଙ୍କକରୁ ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ମାରିଜୁଆନା ଆଣିଥିବା ଖବର କଷ୍ଟମ ବିଭାଗ ଆଗୁଆ ଖବର ପାଇଯାଇଥିଲା। ୩ଜଣ ଯାତ୍ରୀ ବିମାନରୁ ଓହ୍ଲାଇବା ପୂର୍ବରୁ କଷ୍ଟମ ବିଭାଗର ଅଧିକାରୀମାନେ ଜଗି ରହିଥିଲେ। ୩ଜଣ କର୍ମଚାରୀ ବିମାନରୁ ଓହ୍ଲାଇ ବାହାରକୁ ଆସୁଥିଲେ ଏହି ସମୟରେ ସେମାନଙ୍କୁ ଅଟକ ରଖି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବ୍ୟାଗ୍ ଯାଞ୍ଚ କରିବା ପରେ ୩୦ କିଲୋ ମାରିଜୁଆନା ମିଳିଥିଲା। ଏହାପରେ କଷ୍ଟମ ବିଭାଗ ୩ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ୩ଟି ବ୍ୟାଗ ଭର୍ତ୍ତି ଥିବା ୩୦ କିଲୋ ମାରିଜୁଆନା ମିଳିଥିବାରୁ ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ। ଏହି ୩୦କୋଟିର ମାରିଜୁଆନା କୁଆଡେ ଯାଉଥିଲା। ଭୁବନେଶ୍ୱରର କିଏ ଏହି ୩ଜଣଙ୍କ ଠାରୁ ମାରିଜୁଆନା ନେଉଛନ୍ତି? ଏହି ରାକେଟ୍ ପଛର ମାଷ୍ଟରମାଇଣ୍ଡ କିଏ? ଅନ୍ୟ କେଉଁ ସବୁ ରାଜ୍ୟକୁ ଚାଲାଣ କରିଛନ୍ତି? ସେନେଇ ପଚରାଉଚରା କରୁଛି କଷ୍ଟମ ବିଭାଗ। ପୂର୍ବରୁ ମଧ୍ୟ ଭୁବନେଶ୍ୱରୀ ବିମାନ ବନ୍ଦରରୁ ୩ଥର ୧୦୦କୋଟିର ମାରିଜୁଆନା ଧରାପଡ଼ିଥିଲା। ବିଦେଶରୁ ଏଭଳି ବାରମ୍ବାର ମାରିଜୁଆନା ଭୁବନେଶ୍ୱର ଆସୁଥିବାରୁ ରାଜଧାନୀ ନିଶାରେ କବଳିତ ହୋଇଗଲାଣି ବୋଲି କୁହାଯାଉଛି।

# ଶିମିଳିପାଳକୁ ଆସିବ ଅଣ୍ଡିରା ବାଘ

ଭୁବନେଶ୍ୱର,୨୯।୭(ସମିସ): ଶିମିଳିପାଳକୁ ଜୀନତ ଓ ଯମୁନା ଆସିବା ପରେ ଆହୁରି ବାଘଙ୍କୁ ଆଣିବାକୁ ଯୋଜନା କରାଯାଇଛି। ଶିମିଳିପାଳକୁ ଦୁଇଟି ପୁରୁଷ ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା। ଏଥିମଧ୍ୟରୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଆସନ୍ତା ବର୍ଷା ଆରମ୍ଭରୁ ଗୋଟିଏ ଅଣ୍ଡିରା ବାଘ ଶିମିଳିପାଳକୁ ଆଣିବା ପାଇଁ ବନ ବିଭାଗ ଯୋଜନା କରୁଛି। ବାହାର ରାଜ୍ୟରୁ ଆସିଥିବା ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କର ବ୍ୟବହାର ଓ ପରିବେଶ ସହିତ ସେମାନେ କିପରି ଖାପ ଖୁଆଉଛନ୍ତି, ତାହାର ଅନୁଧ୍ୟାନ କରାଯାଉଛି। ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିବା ବେଳେ ପୁଣି ଶିମିଳିପାଳକୁ ନୂଆ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା। ଆସନ୍ତା ବର୍ଷ ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତ୍ତରାଖଣ୍ଡରୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବା ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

**କଳାବାଘଙ୍କ ସଂଖ୍ୟାବୃଦ୍ଧିରେ ଲାଗିବ ରୋକ୍**

ବ୍ୟାଘ୍ର ଦିବସ ପାଳନ ଅବସରରେ ସେ କହିଛନ୍ତି ରାଜ୍ୟରେ ମାତ୍ର ଦୁଇଟି ଟାଇଗର ରିଜର୍ଭ ଶିମିଳିପାଳ ଓ ସାତକୋଶିଆ ରହିଛି। ବର୍ତ୍ତମାନ ସମୟରେ ଶିମିଳିପାଳରେ ବାଘ ରହିଛନ୍ତି। ଏଠାରେ ଉଭୟ ସାଧାରଣ ବାଘ ଓ କଳା ବାଘ ଅଛନ୍ତି। ଶିମିଳିପାଳରେ ବାଘଙ୍କ ସଂଖ୍ୟା ୩୦ ରହିଥିବା ବେଳେ ଅନେକ ଶାବକ ରହିଛନ୍ତି। ୨ ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ। ଅନ୍ୟପଟେ ସାତକୋଶିଆରେ ୫ ବର୍ଷ ପୂର୍ବରୁ ବାଘ ରହିଥିଲେ, ବର୍ତ୍ତମାନ ସେଠି ଆଉ ବାଘ ନାହାନ୍ତି। ନିକଟ ଅତୀତରେ ଏହାକୁ ନେଇ ଆଗକୁ ମଧ୍ୟ କୌଣସି ଯୋଜନା କରାଯାଇନାହିଁ। ମାତ୍ର ଡ଼େବ୍ରିଗଡ଼ରେ ଏକ ବ୍ୟାଘ୍ର ପ୍ରକଳ୍ପ କରିବା ନେଇ ଯୋଜନା କରାଯାଉଛି। ଏହାରି ମଧ୍ୟରେ କେନ୍ଦ୍ର ସରକାର ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ୍ୟ କରିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକ ଟିମ ଗଠନ କରିଛନ୍ତି। ଏହି ଟିମ ଦେବ୍ରିଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ। ପରବର୍ତ୍ତୀ ସମୟରେ ପ୍ରକଳ୍ପର ଗତି ଆଗକୁ ଯିବ ବୋଲି ସେ କହିଛନ୍ତି।

ଅନ୍ୟପଟରେ ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଏକ ଚିନ୍ତାର କାରଣ। ଇନବିଡିଂ ଯୋଗୁଁ ଏହି ବାଘଙ୍କ ସଂଖ୍ୟା ବଢୁଛି। ଏଥିପାଇଁ ବାହାର ରାଜ୍ୟରୁ ବାଘ ଆଣିବା ପାଇଁ ବନ ବିଭାଗ ଯୋଜନା କରିଥିଲା। ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳରେ ଆଣି ଛଡ଼ାଯାଇଥିଲା। ପୁଣି ଅଣ୍ଡିରା ବାଘ ଆସିବା ପରେ ଶିମିଳିପାଳରେ ବାଘଙ୍କ ମଧ୍ୟରେ ଜାରି ରହିଥିବା ଇନବିଡିଂ ପ୍ରକ୍ରିୟା କମିବା ସହ କଳାବାଘଙ୍କ ସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ରୀ ଓ ନାରୀ ଅସୁରକ୍ଷିତ

## ଅଗଷ୍ଟ ୧ରୁ ୧୪ ଯାଏ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ଆସନ୍ତା ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଆନ୍ଦୋଳନ କରିବ ବିଜୁ ଛାତ୍ର ଓ ଯୁବ ଜନତା ଦଳ। ଦଳ ଦୁଇ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।




- ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଦେବେ ସ୍ମାରକପତ୍ର
- ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ରାଜ୍ୟର ଛାତ୍ରଛାତ୍ରୀ

ବ୍ୟୋମକେଶ କହିଛନ୍ତି ଯେ ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି। ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସବୁଠାରେ ଛାତ୍ରୀମାନେ ଅସୁରକ୍ଷିତ। ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହି ସମୟରେ ରାଜ୍ୟ ବିଜେପି ସରକାର ନିଘୋଡ ନିଦରେ ଶୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଲଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜରେ ଆନ୍ଦୋଳନ କରିଛି। ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ଯାଏ ସାରା ରାଜ୍ୟର ଛାତ୍ରଛାତ୍ରୀ ଏ ସଂକ୍ରାନ୍ତରେ ପ୍ରତିବାଦ ଜାରି ରଖିବେ। ଛାତ୍ରଛାତ୍ରୀ ମାନେ ନିଜ ଥାନା ଓ ଏସପିଙ୍କୁ ଭେଟି ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ। ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ବୋଲି ଶ୍ରୀ ରାୟ କହିଛନ୍ତି।

ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ନିକଟରେ ଘଟି ଯାଇଥିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନ ଯିବା ପାଇଁ ଆମେରିକା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି। ଓଡିଶା ପାଇଁ ଏହା ଲଜ୍ୟା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଲଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବାସହ ବ୍ୟବସ୍ଥାଗତ ବିଫଳତାକୁ ସମାଲୋଚନା କରିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି ।

# ମୋହନପଡାରେ ବ୍ୟାପୁଛି ଚିକନଗୁନିଆ; ୬ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୨୯।୭ (ସମିସ):



ଗତ କିଛି ଦିନ ହେଲା ସଦର ବ୍ଲକ୍ ପଦ୍ମପୁର ଗ୍ରାମପଞ୍ଚାୟତର ମୋହନପଡ଼ା ଗ୍ରାମରେ ଅଧିକାଂଶ ଲୋକ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଚିକନଗୁନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ମୋହନପଡ଼ାରେ ପ୍ରାୟ ୩୦୦ ପରିବାରର ୧୦୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ବସବାସ କରନ୍ତି। ଗତ ୧୪ ତାରିଖରୁ ଲୋକେ ଜ୍ୱରରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ଗ୍ରାମର ଗୋଟିଏ ୱାର୍ଡରେ ୫୯ ଓ ଅନ୍ୟ ୱାର୍ଡରେ ୬୦ ଜଣଙ୍କୁ ଜ୍ୱର ହୋଇଥିଲା, ବର୍ତ୍ତମାନ ଅନେକ ସୁସ୍ଥ ହୋଇ ସାରିଛନ୍ତି; କିନ୍ତୁ ଆଉ କେତେକଙ୍କ ଜ୍ୱର କମି ନାହିଁ। ଖବର ପାଇ ୧୯ ତାରିଖରୁ ମେଡିକାଲ ଟିମ୍ ପହଞ୍ଚି ଜ୍ୱରରେ ଆକ୍ରାନ୍ତ ୨୨ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଚିକନଗୁନିଆ ପଜେଟିଭ୍ ରିପୋର୍ଟ ଆସିଛି। ମୋହନପଡାରେ ବର୍ଷା ଦିନେ ଗ୍ରାମର ନାଳ ଓ ଦାଣ୍ଡ ଗୁଡିକ ସଫା ନଥିବା ଓ ମଶା କାମୁଡ଼ିବା ଯୋଗୁଁ ଏହି ରୋଗ ବ୍ୟାପୁଥିବା ଜଣାଯାଇଛି। ଗ୍ରାମର ଗୋଟିଏ ଅଙ୍ଗନବାଡିକୁ ଗ୍ରାମ କଲ୍ୟାଣ ସମିତିକୁ ବାର୍ଷିକ ୧୦ ହଜାର ଟଙ୍କା ମିଳୁଥିବା ଯୋଗୁଁ ଏହା ଏତେ ବଡ ଗାଁକୁ ସଫେଇ କରିବା ମୁସ୍କିଲ ରହୁଥିବା ଗ୍ରାମବାସୀ କହିଛନ୍ତି। ଏବେ ବର୍ଷା ଯୋଗୁଁ ମଶା ଧୂଆଁ ଓ ମଶା ତେଲ ଗାଁରେ ପକାଇବା ସମ୍ଭବପର ହୋଇ ପାରୁନି। ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ବ୍ୟାପୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମେସିନ ଖରାପ ଯୋଗୁଁ ଚିକନଗୁନିଆ ପରୀକ୍ଷା ଜୟପୁରରେ ହେଉନଥିବା ବେଳେ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଉଛି। ପରୀକ୍ଷା ରିପୋର୍ଟ ଆସିବାପରେ ବିଳମ୍ବ ହେଉଥିବାରୁ ଶୀଘ୍ର ଚିକିତ୍ସା କରାଯାଇ ପାରୁନି; ଯାହା ଫଳରେ ଲୋକେ ଗୁରୁତର ହେଉଛନ୍ତି ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ତେଣୁ ଜୟପୁରରେ ମେସିନ କାର୍ଯ୍ୟକ୍ଷମ କରାଇ ପରୀକ୍ଷା କରାଯିବାକୁ ଦାବି ହେଉଛି। ମଙ୍ଗଳବାର ଡାକ୍ତର ଅବିନାଶ ଚିନାରାଙ୍କ ନେତୃତ୍ୱରେ ମହିଳା ସ୍ୱାସ୍ଥ୍ୟ କର୍ମୀ ସ୍ମିତା ନାୟକ, ସ୍ୱାସ୍ଥ୍ୟ କର୍ମୀ ସୁଜିତ ସାହୁ, ବେବି ସ୍ୱାଇଁ ପ୍ରମୁଖ ଗ୍ରାମରେ ଉପସ୍ଥିତ ରହି ଚିକିତ୍ସା ଜାରି ରଖିଥିବା ଦେଖିବାକୁ ମିଳିଛି। ଚିକେନଗୁନିଆ ପରୀକ୍ଷା ମେସିନ ଖରାପ ସମ୍ପର୍କରେ ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରବିନ୍ଦ୍ର କୁମାର ମିଶ୍ରଙ୍କ ସହ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲା କିନ୍ତୁ ଯୋଗାଯୋଗ ସମ୍ଭବ ହୋଇପାରି ନଥିବାରୁ କୌଣସି ଉତ୍ତର ମିଳିପାରି ନାହିଁ।

> ➤ ମେସିନ୍ ଖରାପ ଯୋଗୁଁ ଜୟପୁରରେ ହେଉନି ପରୀକ୍ଷା
> ➤ ଭୁବନେଶ୍ୱର ଉପରେ ନିର୍ଭର କୋରାପୁଟ ରୋଗୀ

**● ପୁରାତନ ବସ୍‌ଷ୍ଟାଣ୍ଡରେ ମରାମତି ନାମରେ ଦୋକାନ ଗୃହ ନିର୍ମାଣ**

# ଅଟୋ ଚାଳକଙ୍କ ବିରୋଧ; ଦୋକାନୀକୁ ପୌର କର୍ମଚାରୀଙ୍କ ତାଗିଦ୍

ଜୟପୁର,୨୯।୭ (ସମିସ): ଜୟପୁର ସହରର ପୁରାତନ ସରକାରୀ ବସଷ୍ଟାଣ୍ଡରେ ଜମି ତଥା ଦୋକାନଗୃହର ମାଲିକାନାରେ ରହିଥିବା ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି) ଅଧିନ ରହିଛି। କିନ୍ତୁ ଜୈନିକ ଦୋକାନୀ ଓଏସ୍‌ଆରଟିସି ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ଦୋକାନର ମରାମତି ନେଇ ଅନୁମତି ନେଇଥିବା ବେଳେ ଦୋକାନର ମୁହଁ ମୁଖ୍ୟରାସ୍ତା ପଟକୁ ରଖିବାକୁ ପ୍ରୟାସ ଆରମ୍ଭ ନେଇ ନିର୍ମାଣ କରୁଛନ୍ତି। ପୁରାତନ ସରକାରୀ ବସ୍‌ଷ୍ଟାଣ୍ଡର ମୁଖ୍ୟ ଫାଟକ ପାଶ୍ୱର୍ରେ ଗତ ୫୦ବର୍ଷ ପୂର୍ବରୁ ରିକ୍ସାଷ୍ଟାଣ୍ଡ ରହିଥିବା ବେଳେ ବର୍ତ୍ତମାନ ଗତ ୨୫ ବର୍ଷରୁ ଉର୍ଦ୍ଧ୍ୱର ହେଲାଣି ପ୍ରାୟ ୧୦ରୁ ୨୦ ଅଟୋ ଷ୍ଟାଣ୍ଡ ଭାବେ ବ୍ୟବହାର କରୁଥିବା ଯୋଗୁଁ ସେମାନଙ୍କୁ ଉଠିବାକୁ ବେଆଇନ ନିର୍ମାଣ କରୁଥିବା ଦୋକାନୀ ମାଲିକ ଧମକ ଚମକ ଦେଉଛନ୍ତି। ଏନେଇ ଜୟପୁର ନିଗମର ଜିଲ୍ଲା ମ୍ୟାନେଜର ଇଶ୍ୱର ମହାପାତ୍ରଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ଉଚ୍ଚ କର୍ତ୍ତୃପକ୍ଷ ମରାମତି ପାଇଁ ଅନୁମତି ଦେଉଥିବା ନେଇ ସ୍ଥାନୀୟ ଓଏସଆରଟିସି କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି । ଉକ୍ତ ଦୋକାନୀ ମରାମତି ନାମରେ ନିର୍ମାଣ କରିଥିବା ବେଳେ ଏହାର ମୁଖଭାଗ ମୁଖ୍ୟରାସ୍ତା ପଟକୁ ପରିବର୍ତ୍ତନ ଆରମ୍ଭ କରିଦେଇଛନ୍ତି। ଶେଷରେ ଅଟୋ ଚାଳକମାନେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ। ଏନେଇ ଓଏସ୍‌ଆରଟିସି ସ୍ଥାନୀୟ ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କ ସହ ଅଧ୍ୟକ୍ଷ ଶ୍ରୀ ମହାନ୍ତି ଫୋନ ଯୋଗେ ଆଲୋଚନା କରିଥିଲେ। ଓଏସ୍‌ଆରଟିସି ବିଭାଗର ଉଦାସିନତା ଯୋଗୁଁ ଶେଷରେ ପୌରସଂସ୍ଥାର ଅମିନ ଶୁଭସ୍ମିତା ଜେନା ଏବଂ କର୍ମଚରୀ ସତ୍ୟନାରାୟଣ ପାତ୍ର ଆଜି ପୂର୍ବାହ୍ନରେ ଉକ୍ତ ବିବାଦୀୟ ଦୋକାନ ଗୃହ ନିକଟରେ ପହଞ୍ଚି ମୁଖ୍ୟରାସ୍ତା ସମ୍ମୁଖ ଭାଗକୁ ଦୋକାନର ମୁଖ୍ୟଭାଗ ନିର୍ମାଣ କରିବାକୁ ବନ୍ଦ କରିବାକୁ ତାଗିଦ୍ କରିଥିଲେ। ଅନ୍ୟପକ୍ଷର ସ୍ଥାନୀୟ ଓଏସ୍‌ଆରଟିସି କର୍ତ୍ତୃପକ୍ଷ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ମରାମତି କରୁଥିବା ଆଳ ଦେଖାଇ ଘଟଣାସ୍ଥଳକୁ ଯାଉନାହାଁନ୍ତି କିମ୍ବା ଉକ୍ତ ଦୋକାନ ମାଲିକଙ୍କୁ ଏହିପରି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ନେଇ ତାଗିଦ କରୁନାହାଁନ୍ତି। ତେଣୁ ଏପରି ବିଭାଗର ଉଦାସିନତାକୁ ନେଇ ଅଟୋ ଚାଳକ ଓ ଜନସାଧାରଣଙ୍କ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଓଏସ୍‌ଆରଟିସି ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କ ପଚାରିବାରେ ଏପରି ବିବାଦକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରି ସମସ୍ୟାର ସମାଧାନ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି। ଏହି ବିବାଦୀୟ ଦୋକାନ ଗୃହ ନିର୍ମାଣକୁ ନେଇ ସକାଳରେ ଗତ ଜୁନ ୬ ତାରିଖରେ ଖବର ପ୍ରକାଶ ପାଇଥିଲା। ଜିଲ୍ଲା ମ୍ୟାନେଜର ଶ୍ରୀ ମହାପାତ୍ରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଯୋଗୁଁ ବର୍ତ୍ତମାନ ଏହା ଏକ ବଡ ବିବାଦ ସୃଷ୍ଟି କରିବା ସହ ଦୋକାନୀ ଏବଂ ଅଟୋ ଚାଳକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହେବାର ଆଶଙ୍କା ଦେଖାଦେଇଛି।

**● ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା**

# ରାୟଗଡ଼ା ଜିଲ୍ଲାରୁ ଜଣେ ଶିକ୍ଷକଙ୍କୁ ଉଠାଇନେଲା କ୍ରାଇମବ୍ରାଞ୍ଚ

ରାୟଗଡ଼ା,୨୯।୭ (ସମିସ):

ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଗ୍ରାମର ଜଣେ ଶିକ୍ଷକଙ୍କୁ ଉଠାଇନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଘଟଣାରୁ ପ୍ରକାଶ ଯେ, ଗତ ଦିନରେ ହେବାକୁ ଥିବା ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷା ବାତିଲ କରାଯାଇଥିଲା। ତେବେ ଏହି ମାମଲାର କ୍ରାଇମ ବ୍ରାଞ୍ଚ ତଦନ୍ତ ସ୍ୱରୂପ ରାୟଗଡ଼ା ଜିଲ୍ଲା ଏକ୍ସ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ ସଭାପତି ତଥା ଡ଼ଙ୍ଗରବୋରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବିଜୟ ମିଶ୍ରଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲେ। ତେଣୁ ମଙ୍ଗଳବାର ସ୍ଥାନୀୟ ପୋଲିସ ସାହାଯ୍ୟରେ କ୍ରାଇମବ୍ରାଞ୍ଚ ବିଜୟଙ୍କୁ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ଡାବୁଗାଁ,୨୯।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ମଙ୍ଗଳବାର ଅପରାହ୍ନରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ୍‌ସଦର ମହକୁମା ସ୍ଥିତ ଶିବ ମନ୍ଦିରଠାରେ ବ୍ଲକ୍ ମିଳିତ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ମିଳିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ୟୁନିଫାଏଡ ଉପସ୍ଥାନ ପଦ୍ଧତିକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତମଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ୟୁନିଫାଏଡ ଉପସ୍ଥାନ ପଦ୍ଧତି ଦ୍ୱାରା ଉପସ୍ଥାନ ତୁରନ୍ତ ସ୍ଥଗିତ କରାଯିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ଠିକା ନିଯୁକ୍ତି ବନ୍ଦ କରିବା, ଏଚ୍‌ଆର୍‌ଏମ୍‌ଏସ୍‌ରେ ଛୁଟିନେବା ସହ ଲିଖିତ ଆକାରରେ ଛୁଟି ନେବାକୁ ମଧ୍ୟ ଅନୁମତି ପ୍ରଦାନ, ଏକ୍ସ-କ୍ୟାଡର ଉଚ୍ଛେଦ କରି ସମସ୍ତ ଶିକ୍ଷକଙ୍କୁ ଗୋଟିଏ କ୍ୟାଡର କରାଯିବା ଓ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇଦେବା ଆଦି ଦାବି ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**● ଝଡିଗୁଡା ଅଙ୍ଗନବାଡିରେ ତାଲା ପକାଇବା ଘଟଣା**

# ଶୁଖିଲା ଖାଦ୍ୟ ବଣ୍ଟନ ପରେ ତାଲା ଖୋଲିଲେ ଗ୍ରାମବାସୀ




ବୈପାରିଗୁଡା,୨୯।୭ (ସମିସ): ବୈପାରିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚିପାକୁର ପଞ୍ଚାୟତର ଝଡିଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗକୁ ନେଇ ଗତକାଲି କେନ୍ଦ୍ରରେ ତାଲା ଠୁଙ୍କିଥିଲେ ଗାଁ ଲୋକେ। ଏନେଇ 'ସକାଳ' ଖବର କାଗଜରେ ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ। ସିଡିପିଓ ସବିତା ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ସମନ୍ୱିତ ଶିଶୁ ବିକାଶ ଯୋଜନା କ୍ଷେତ୍ର ପରିଦର୍ଶିକା ଏ ଘଟଣାରେ ହସ୍ତକ୍ଷେପ କରିଛନ୍ତି। ଝଡ଼ିଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। କ୍ଷେତ୍ର ପରିଦର୍ଶିକାଙ୍କ ଉପସ୍ଥିତିରେ ଅଙ୍ଗନବାଡ଼ି କର୍ମୀଙ୍କ ଲିଖିତ ପ୍ରତିଶ୍ରୁତି ଦେବା ସହ ୨ ଜଣ ଗର୍ଭବତୀ, ୩ ଜଣ ପ୍ରସୂତୀ ମା ଏବଂ ଅନ୍ୟ୧୩ ଜଣଙ୍କୁ ଶୁଖିଲା ଖାଦ୍ୟ ହିତାଧିକାରୀଙ୍କୁ ୩ ମାସର ଛତୁଆ, ଅଣ୍ଡା, ଲଡୁ ଆଦି ବିଭିନ୍ନ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି। ଏହାପରେ ଗାଁ ଲୋକେ ଅଙ୍ଗନବାଡି କେନ୍ଦ୍ରରୁ ତାଲା ଖୋଲିଥିବା ଜଣାପଡିଛି।

# ଏକାଧିକଙ୍କ ବଦଳି ଓ ନିଯୁକ୍ତି ଆଦେଶ ବାତିଲ କଲେ ନୂତନ ଜିଲ୍ଲାପାଳ

ରାୟଗଡ଼ା,୨୯/୭ (ସମିସ):

ରାୟଗଡ଼ା ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଦ୍ୱାରା ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତିରେ ଜିଲ୍ଲାର ରାଜସ୍ୱ ନିରୀକ୍ଷକ, ସେକ୍ସନ ଅଧିକାରୀ,ବରିଷ୍ଠ ଓ କନିଷ୍ଠ ରାଜସ୍ୱ ସହାୟକଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରତିଷ୍ଠାନ ବିଭାଗ ଆଦେଶ ନଂ ୧୮୫୮/୨୨/୭/୨୦୨୫ କ୍ରମିକ ସଂଖ୍ୟା ୧୯୦୪/୧୯୦୬/୧୯୦୮/୧୯୧୦ ଏବଂ ୧୯୧୨/୨୫/୭/୨୦୨୫ ପ୍ରକାରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟକୁ ବଦଳି ଏବଂ ନିଯୁକ୍ତି ନିର୍ଦ୍ଦେଶ ଦେଇଥିଲେ। ତାହାକୁ ଜିଲ୍ଲାପାଳଙ୍କ ପ୍ରତିଷ୍ଠାନ ବିଭାଗ ପତ୍ର ସଂଖ୍ୟା ୧୯୨୩/୨୮/୭/୨୦୨୫ ପ୍ରକାରେ ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ବାତିଲ କରିବା ସହ ସେହି ସମୟରେ ଯେଉଁ କର୍ମଚାରୀମାନେ ଅବ୍ୟାହତି ପାଇଥିଲେ ସେମାନଙ୍କୁ ପୂର୍ବ ପଦବୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବିଭାଗ ପଦୋନ୍ନତି କମିଟି ଅଧୀନରେ ପଦୋନ୍ନତି କ୍ଷେତ୍ରରେ ସେ ବର୍ତ୍ତମାନ ପାଇଁ ତାଙ୍କର ମୂଳ ପଦବୀରେ ରହିବେ ବୋଲି ନୂତନ ଜିଲ୍ଲାପାଳ ଆଦେଶ ପତ୍ରରେ ଉଲ୍ଲେଖ କରିଛନ୍ତି। ତତ୍କାଳିନ ଜିଲ୍ଲାପାଳଙ୍କ ଦ୍ୱାରା ଗତ ୨୪ ତାରିଖରେ ଅନୁଷ୍ଠିତ ପଦୋନ୍ନତି କମିଟି ଅଧିନରେ ମନୋଜ କୁମାର ପାତ୍ର, ସନ୍ତୋଷ ନିମାଲା, ମନୋଜ ସନୋପତି, ଭାରତୀ କୁସୁଲିଆ, ମନୋରଂଜନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ପ୍ରଧାନ, ରାକେଶ କୁମାର ସାହୁ, ଲତା ପଟ୍ଟନାୟକ, ପ୍ରଭାକର ବଦାନା, ଭାଗିରଥୀ ଗମାଙ୍ଗ, ବିଜୟିତା ପାଢୀ ଓ ନୀଳକଣ୍ଠ ମିଶ୍ର ୧୨ ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବଦଳି ଓ ନିଯୁକ୍ତି ହୋଇଥିବା ବେଳେ ରାମଚନ୍ଦ୍ର ରଥ, ଏସ୍ ପ୍ରତିମା, ଭି.ଶ୍ରୀନିବାସ ରାଓ, ନାରାୟଣ ଦଳପତି ୪ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କୁ ସେକ୍ସନ ଅଫିସର ପଦକୁ ପଦୋନ୍ନତି କରାଯାଇ ବଦଳି ଓ ନିଯୁକ୍ତି ଦିଆଯାଇଥିଲା। ସେହିପରି ସ୍ନେହଲତା ପଟ୍ଟନାୟକ, ତିଲୋତମା ଶବର, ଲାଲୁ ଲିମା, ଗୁରଜାପୁ ଦିବାକର, ସୁବାଷ ଚନ୍ଦ୍ର ବାଉରୀ, ପ୍ରଦୀପ ଚନ୍ଦ୍ର ବେନିଆ, ସଂଜୟ ଲିମା ଓ ଦାମିନୀ କରକରିଆ ୮ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ଭାବେ ପଦୋନ୍ନତି ଦିଆଯାଇ ବଦଳି ଓ ନିଯୁକ୍ତି ଦିଆଯାଇଥିବା ବେଳେ ଶିବାଜୀ ପଟ୍ଟନାୟକ, ବବିତା ପଣ୍ଡା, କାଳି ଚରଣ ରଥ ଓ ତ୍ରିନାଥ ମହାନ୍ତି ୪ଜଣ ସେକ୍ସନ ଅଫିସରଙ୍କୁ ବଦଳି କରାଯାଇଥିଲା। ଏବେ ଆଶୁତୋଷ କୁଲକର୍ଣ୍ଣି ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଦାୟିତ୍ୱ ଗ୍ରହଣର ୩ଦିନ ପୂର୍ବରୁ ହୋଇଥିବା ବଦଳି ଓ ନିଯୁକ୍ତି ଆଦେଶକୁ ବାତିଲ କରିଛନ୍ତି। ଯାହାକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି।

# ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ; ୨୫ ହଜାର ଜରିମାନା ଆଦାୟ



ବାଲିମେଳା,୨୯।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା। ମଧ୍ୟାହ୍ନ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ୍ ସହରର ମାର୍କେଟ ଠାରୁ ଆରମ୍ଭ କରି କାଳିଛକ ସମେତ ବିଭିନ୍ନ ସ୍ଥାନରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କିଛି ହୋଟେଲ ଏବଂ ରାସନ ଦୋକାନ ଗୁଡିକର ପରିବେଶ ଠିକ୍ ନଥିବା ଦେଖି ବିଗିଡିଥିଲେ ଖାଦ୍ୟ ସୁରକ୍ଷା ବିଭାଗ ଟିମ। ୩ଟି ଦୋକାନ ସିଲ କରାଯାଇଥିବାବେଳେ କିଛି ଦୋକାନୀଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥିଲା। ପାଖାପାଖି ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ ସୂଚନା ଦେଇଛନ୍ତି। ଏଥିସହ ଉକ୍ତ ବ୍ୟବସାୟୀମାନଙ୍କୁ ଫୁଡ୍ ଲାଇସେନ୍ସ ସାର୍ଟିଫିକେଟ ଆବେଦନ ନିମନ୍ତେ ତାଗିଦ ମଧ୍ୟ କରାଯାଇଥିଲା। ଆଜିର ଏହି ଚଢ଼ଉରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ତାଙ୍କ ଟିମ ଉପସ୍ଥିତ ଥିବାବେଳେ ସ୍ଥାନୀୟ ପୋଲିସ ସହଯୋଗ କରିଥିଲେ।

# ମାଝୀ ଧନୁଆ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳିତ

କୋଷାଗୁମୁଡା,୨୯।୭ (ସମିସ): ଆଜି ସୁରକ୍ଷା ସପ୍ତାହ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଦ୍ରୀ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସଭାପତି, ମୋ ବିଦ୍ୟାଳୟ ସଭାପତି, ସରପଞ୍ଚ, ଅଗ୍ନି ନିର୍ବାପକ ଷ୍ଟେସନ୍ ମାଷ୍ଟର ପ୍ରସାଦ ବେହେରା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ, ଲାଇଫ ଜ୍ୟାକେଟ ମାଧ୍ୟମରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ କିପରି ରକ୍ଷା କରାଯାଇପାରିବ ତାହା ବୁଝାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ତିନୋଟି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବିଷ୍ଣୁ ଚଣ୍ଡାଳ ପ୍ରଥମ, ଅଜୟ ଚଣ୍ଡାଳ ଦ୍ୱିତୀୟ, ସନ୍ତୋଷୀ ବିଶୋଇ ତୃତୀୟ ହୋଇଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

# ମାଲକାନଗିରିକୁ ୪ ସ୍ୱର୍ଣ୍ଣ




ମାଲକାନଗିରି,୨୯।୭ (ସମିସ): ଆଜି ଭୁବନେଶ୍ୱର ସ୍ଥିତ ଲୋକସଭା ଭବନରେ ଯୋଜନା ଓ ସଂଯୋଜନା ବିଭାଗ ଓ ନୀତି ଆୟୋଗର ମିଳିତ ଆନୁକୁଲ୍ୟରେ ଆୟୋଜିତ ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ମାଲକାନଗିରି ଜିଲ୍ଲାକୁ ୪ ଟି ସ୍ୱର୍ଣ୍ଣ ପଦକ ମିଳିଛି। ନୀତିଆୟୋଗ ଅଧୀନରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ୬ ଗୋଟି ବର୍ଗରେ ଜିଲ୍ଲାକୁ ସ୍ୱର୍ଣ୍ଣ ପଦକ ମିଳିଛି। ମାଲକାନଗିରିକୁ ଜିଲ୍ଲାସ୍ତରରେ ଗୋଟିଏ ସ୍ୱର୍ଣ୍ଣ ଓ ଆକାଂକ୍ଷୀ ବ୍ଲକ୍ ଭାବେ ଚିତ୍ରକୋଣ୍ଡା, ଖଇରପୁଟ ଓ ମାଥିଲି ବ୍ଲକ୍‌କୁ ତିନି ଗୋଟି ସ୍ୱର୍ଣ୍ଣ ପଦକ ମିଳିଛି। ସମଗ୍ର ଦେଶରେ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏଭଳି ବିରଳ କୃତିତ୍ୱ ହାସଲ କରିବାରେ ମାଲକାନଗିରି ଏକମାତ୍ର ଜିଲ୍ଲା ଅଟେ। ଆକାଂକ୍ଷୀ ଜିଲ୍ଲା ଅଧୀନରେ ଗର୍ଭବତୀ ମାଆମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ୯ ରୁ ୧୧ ବର୍ଷର ଶିଶୁଙ୍କ ଟୀକାକରଣ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ବିଦ୍ୟୁତ୍ ସଂଯୋଗୀକରଣ ଓ ବିଦ୍ୟାଳୟରେ ଶତ ପ୍ରତିଶତ ପାଠ୍ୟ ପୁସ୍ତକ ବଣ୍ଟନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ସେହିପରି ଆକାଂକ୍ଷୀ ବ୍ଲକ୍ ଅଧୀନରେ ଗର୍ଭବତୀ ମା'ମାନଙ୍କର ପ୍ରଥମ ଟୀକାକରଣ ପଞ୍ଜୀକରଣ, ମଧୁମେହ ରୋଗୀ ଚିହ୍ନଟ, ଯକ୍ଷ୍ମା ରୋଗୀ ଚିହ୍ନଟ ପ୍ରକ୍ରିୟା, ସମ୍ପୂର୍ଣ୍ଣତା ପୋଷଣ ଅଭିଯାନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୂର୍ଣ୍ଣ ଚଳନ ରାଶି ପ୍ରଦାନରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ପୂର୍ବତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସମୟର ଜିଲ୍ଲାପାଳ ସଚିନ୍ ପାୱାରଙ୍କୁ ଏଥି ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପୂର୍ବତନ ଜିଲ୍ଲାପାଳ ଶ୍ରୀ ପାଟିଲ ଏହି ସଫଳତା ସମଗ୍ର ଜିଲ୍ଲାର। ସମସ୍ତଙ୍କ ମିଳିତ ପ୍ରୟାସରେ ଆଜି ଏତେ ବଡ଼ ସଫଳତା ଆମେ ହାସଲ କରି ପାରିଛୁ ବୋଲି କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଜିଲ୍ଲା ପକ୍ଷରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଅନୁରୂପ ଭାବେ ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାରୀ, ଖଇରପୁଟ ବିଡିଓ ଉମା ଶଙ୍କର କୋୟା, ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା ବ୍ଲକ୍ ପାଇଁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଏହି ଅବସରରେ ଡିପିଏମ୍ୟୁ ଡିଡି ଗୋଲକ ଚନ୍ଦ୍ର ଦଳେଇ ଓ ପିରାମଲ୍ ଫାଉଣ୍ଡେସନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ରାଜା ରାମ ମଲ୍ଲିକ ଉପସ୍ଥିତ ଥିଲେ।

## କୋରାପୁଟକୁ ଆକାଂକ୍ଷା ଜିଲ୍ଲା ରୌପ୍ୟ ପଦକ



କୋରାପୁଟ,୨୯।୭ (ସମିସ): ବିଭିନ୍ନ ଉନ୍ନୟନ ଯୋଜନାର ଉଲ୍ଲେଖନୀୟ ସଫଳତା ପାଇଁ କୋରାପୁଟ ଜିଲ୍ଲାକୁ ମିଳିଛି ଆକାଂକ୍ଷା ଜିଲ୍ଲା ରୌପ୍ୟ ପଦକ। ମଙ୍ଗଳବାର ଭୁବନେଶ୍ୱରରେ ଲୋକ ସେବା ଭାବନର କନ୍‌ଫରେନ୍ସ ହଲ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଆକାଂକ୍ଷା ଜିଲ୍ଲାର ଜିଲ୍ଲାପାଳ ଓ ଆକାଂକ୍ଷା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆକାଂକ୍ଷା ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କୋରାପୁଟ ଜିଲ୍ଲାରେ ତ୍ରୟମାସିକ ଗର୍ଭବତୀଙ୍କର ପଞ୍ଜୀକରଣ, ମଧୁମେହ ସ୍କ୍ରିନିଂ, ଉଚ୍ଚ ରକ୍ତଚାପ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ବିଦ୍ୟାଳୟରେ ପୁସ୍ତକ ବଣ୍ଟନ ଓ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକର ବିଦ୍ୟୁତୀକରଣ ଭଳି ୫ ସୂଚକର ସମ୍ପୂର୍ଣ୍ଣତା ହାସଲ କରିଥିବାରୁ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ରୌପ୍ୟ ପଦକ ଗ୍ରହଣ କରିଛନ୍ତି। ଏହା ସହିତ ଲକ୍ଷ୍ମୀପୁର ଏବଂ ଲମତାପୁଟ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଆକାଂକ୍ଷା ବ୍ଲକ୍ କାର୍ଯ୍ୟକ୍ରମ ଅଧୀନରେ ରୌପ୍ୟ ପଦକ ମିଳିଛି।

## ଲକ୍ଷ୍ମୀପୁରକୁ ରୌପ୍ୟ ପଦକ



ଲକ୍ଷ୍ମୀପୁର,୨୯।୭ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରୌପ୍ୟ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମୟରେ ଓଡିଶାର ମୁଖ୍ୟ ଶାସନ ସଚିବ ମୋଜନ ଆହୁଜା, ଉନ୍ନୟନ ସଚିବ ଅନୁ ଗର୍ଗ ଉପସ୍ଥିତ ରହିଥିଲେ । ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ କାର୍ଯ୍ୟକ୍ରମରେ କୋରାପୁଟର ପୂର୍ବତନ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ଓ ନୂତନ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇଙ୍କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ରୌପ୍ୟ ପଦକ ପ୍ରଦାନ କରିଥିବା ନେଇ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ କହିଛନ୍ତି।

## ଗୁଡାରି ବ୍ଲକ୍‌ରେ ଟାୱାର ଅଛି; ନେଟ୍‌ୱର୍କ ନାହିଁ

ଗୁଡାରି,୨୯।୭(ସମିସ): ଗୁଡାରି ବ୍ଲକ୍‌ରେ ସହରରୁ ପଲ୍ଲୀ ପର୍ଯ୍ୟନ୍ତ ଟାୱାର ହେଲା ହେଲେ ନେଟୱାର୍କ ନାହିଁ, ଯାହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସହର ଓ ଗ୍ରାମାଞ୍ଚଳର ଜନସାଧାରଣ। ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଡିଜିଟାଲ ସେବା ଯୋଗାଇବା ନିମନ୍ତେ ନିଷ୍ପତ୍ତି ହୋଇଥିବା ବେଳେ ଅନେକ ସ୍ଥାନରେ ନେଟୱର୍କରୁ ବଞ୍ଚିତ ଅଛନ୍ତି ଅଞ୍ଚଳବାସୀ। ଗୁଡାରି ବ୍ଲକ୍‌ର ୯ ଗୋଟି ଗ୍ରାମ ପଞ୍ଚାୟତ ଜିଓ ଟାୱାର ରହିଛି; କିନ୍ତୁ ନେଟୱର୍କ ଗ୍ରାମରେ ଠିକ୍ ଭାବେ ଆସୁନଥିବାରୁ ଇଣ୍ଟରନେଟ୍ ଚାଲୁନି। ଯାହାଦ୍ୱାରା ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗୁଡାରି ବ୍ଲକର କେତୋଟି ଅଞ୍ଚଳରେ ଥିବା ଷ୍ଟେଟ୍ ବ୍ୟାଙ୍କ, ମେଡିକାଲ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ହାଇସ୍କୁଲ ପ୍ରଭୃତିରେ ନେଟ୍‌ୱର୍କ ନଥିବାରୁ ଅନ୍‌ଲାଇନ୍ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖିବାକୁ ମିଳିଛି। ଆବାସ ଯୋଜନା, ଆୟୁଷ୍ମାନ ଯୋଜନା, ପିଡିଏଫ୍ ଚାଉଳ ପ୍ରଦାନ କାର୍ଯ୍ୟ ପାଇଁ କର୍ମଚାରୀ ଓ ସାଧାରଣ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅତିଶୀଘ୍ର ନେଟ୍‌ୱର୍କ ସୁବିଧା ଉପଲବ୍ଧ କରାଯିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାୟଗଡ଼ା ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ



ରାୟଗଡା,୨୯।୭(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ତାଙ୍କର ଉଦବୋଧନରେ ବୈଦିକ ଦର୍ଶନ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ସିମାଞ୍ଚଳ ପାଲୋ ଯୋଗଦେବା ସହ ତାଙ୍କର ବକ୍ତବ୍ୟରେ ବୈଦିକ ଦର୍ଶନ ସମ୍ପର୍କରେ ଆଲୋଚନା କରିବା ସହ ସେହି ଦର୍ଶନକୁ ଆମ ଜୀବନ ଶୈଳୀରେ ଅପଣେଇଲେ ଜୀବନ ସୁନ୍ଦର ହେଇ ପାରିବ ବୋଲି ମତ ପ୍ରକାଶ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ପି. ଅରୁଣ କୁମାର ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଯୁବସଂସ୍କାର କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ପ୍ରିୟଦର୍ଶିନୀ ବଳ, ସହ ସଂଯୋଜିକା ସୁଶ୍ରୀ ସ୍ନେହାଞ୍ଜଳି ପାଣ୍ଡେ ଓ ପି. ବିନୟ ପରିଚାଳନା କରିଥିଲେ।

## ବିଡିଓଙ୍କୁ ମିଶନ ଶକ୍ତିର ସିଆରପି ଓ ସିଏମ୍‌ଙ୍କ ଦାବିପତ୍ର



ବିଷମକଟକ,୨୯।୭(ସମିସ): ରାଜ୍ୟସରକାରଙ୍କ ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟରତ ସିଆର୍‌ପି ଓ ସିଏମ୍ କର୍ମଚାରୀମାନଙ୍କ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ)ଙ୍କୁ ପାଞ୍ଚଦଫା ଦାବିପତ୍ର ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅଧୀନରେ କାର୍ଯ୍ୟରତ ୨୧ ଗୋଟି ପଞ୍ଚାୟତର ମିଶନ ଶକ୍ତିର ସିଆର୍‌ପି ଓ ସିଏମ୍ ମହିଳାମାନେ ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଷମ କଟକ ବ୍ଲକ୍ ସିଆର୍‌ପି ଓ ସିଏମ୍ ସଂଘର ସଭାପତି ପିଙ୍କଜିନି ନାଗ, ସମ୍ପାଦକ ବାସନ୍ତୀ ନାୟକଙ୍କ ନେତୃତ୍ୱରେ ୨୧ ଗୋଟି ପଞ୍ଚାୟର ସିଆର୍‌ପି ଓ ସିଏମ୍‌ମାନେ ଏକତ୍ରିତ ହୋଇ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ସିଆରପି ଓ ସିଏମ୍‌ମାନଙ୍କ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ୧୦ ହଜାର ପ୍ରଦାନ କରିବା, ଭି.ଆର.ଏଫ୍. କାମ ବାବଦକୁ ପାରିଶ୍ରମିକ ୫୦୦୦ ଟଙ୍କା ଓ ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟି.ଏ., ଡି.ଏ. ବାବଦକୁ ୩୦୦୦ ମିଶାଇ ମୋଟ ୧୮,୦୦୦ ପ୍ରଦାନ କରିବା, ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ପ୍ରଦାନ କରିବା, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟ ଜରିଆରେ ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା ଭଳି ପାଞ୍ଚଟି ଦାବି ରହିଛି। ଏହି ଦାବି ଗୁଡାକ ପୂରଣ ନହେଲେ ଆସନ୍ତା ୧ ତାରିଖରୁ ଭୁବନେଶ୍ୱରରେ ଧାରଣାରେ ବସିବାକୁ ସେମାନେ ଚେତାବନୀ ଶୁଣାଇଛନ୍ତି।

### ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷିକାଙ୍କ ଦୁର୍ବ୍ୟବହାର ଘଟଣା

# ବଦଳି ପର୍ଯ୍ୟନ୍ତ ଶ୍ରେଣୀକୁ ଯିବେ ନାହିଁ ପ୍ରଶିକ୍ଷିକା

ଜୟପୁର,୨୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଶିକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର (ଡିଆଇଇଟି)ରେ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କୁ ଜଣେ ପ୍ରଶିକ୍ଷିକା ଦୁର୍ବ୍ୟବହାର ଘଟଣାକୁ ନେଇ ଲାଗି ରହିଥିବା ଛାତ୍ର ଅଶାନ୍ତି ମଙ୍ଗଳବାର ଶାନ୍ତ ପଡିଛି। ମଙ୍ଗଳବାର ଅନ୍‌ଲାଇନ୍ ମାଧ୍ୟମରେ ବିଭାଗର ନିର୍ଦ୍ଦେଶିକା ବୈଠକ କରି ଅଭିଯୋଗ ଆସିଥିବା ପ୍ରଶିକ୍ଷିକାଙ୍କ ବଦଳି ପର୍ଯ୍ୟନ୍ତ ଶ୍ରେଣୀକୁ ପାଠପଢ଼ାଇବାକୁ ଯିବା ଉପରେ ରୋକ୍ ଲଗାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୋମବାରଠାରୁ ଲାଗି ରହିଥିବା ଅଶାନ୍ତି ଶାନ୍ତ ପଡିଛି। ସୂଚନାନୁଯାୟୀ, ପ୍ରଶିକ୍ଷିକା ସ୍ୱାତି ସୁଚିସ୍ମିତା ପାତ୍ର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ

### ଅନ୍‌ଲାଇନ୍ ବୈଠକରେ ନିର୍ଦ୍ଦେଶ ଦେଲେ ସହକାରୀ ନିର୍ଦ୍ଦେଶିକା

ଶିକ୍ଷାର୍ଥୀମାନେ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଗତକାଲି କେନ୍ଦ୍ରର ଅଧ୍ୟକ୍ଷ ରୂପଚନ୍ଦ୍ର ସୋରେନ ଏହାର ସମାଧାନ ପାଇଁ ଏକ ବୈଠକ ଡକାଇଥିଲେ। କିନ୍ତୁ ଛାତ୍ରଛାତ୍ରୀ ଅଭିଯୋଗ ଆଣିଥିବା ସଂପୃକ୍ତା ପ୍ରଶିକ୍ଷିକା ସ୍ୱାତି ସୁଚିସ୍ମିତା ପାତ୍ର ବୈଠକକୁ ଆସିନଥିଲେ। ବାରମ୍ବାର ଡକାଯାଇଥିଲେ ସୁଦ୍ଧା ସେ ବୈଠକକୁ ଆସିବାକୁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଛାତ୍ରଛାତ୍ରୀମାନେ ସଂପୃକ୍ତା ପ୍ରଶିକ୍ଷିକା ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ଶ୍ରେଣୀ ବର୍ଜନ କରିବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଶେଷରେ ଅଧ୍ୟକ୍ଷ ଶ୍ରୀ ସୋରନ ଭୁବନେଶ୍ୱର ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଥିଲେ। ପରେ ସୋମବାର ରାତି ୯ଟା ସମୟରେ ସଂପୃକ୍ତା ପ୍ରଶିକ୍ଷିକା ଶ୍ରୀମତୀ ପାତ୍ର ନିଜ ସ୍ୱାମୀଙ୍କ ସହ କେନ୍ଦ୍ରକୁ ଆସିବା ପରେ ମଙ୍ଗଳବାର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ହେବାକୁ ଥିବା ଅନ୍‌ଲାଇନ୍ ବୈଠକରେ ଉପସ୍ଥିତ ରହିବାକୁ ଅଧ୍ୟକ୍ଷ ପ୍ରଶିକ୍ଷିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଆଜି ମଧ୍ୟାହ୍ନରେ ଗଣଶିକ୍ଷା ବିଭାଗର ସହକାରୀ ନିର୍ଦ୍ଦେଶିକା ଲିପିକା ସାହୁଙ୍କ ଅଧ୍ୟକ୍ଷତାରେ ଅନ୍‌ଲାଇନ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରର ଅଧ୍ୟକ୍ଷ, ସମସ୍ତ ପ୍ରଶିକ୍ଷକ, ପ୍ରଶିକ୍ଷିକା, ଅଭିଯୋଗ ଆସିଥିବା ସଂପୃକ୍ତ ପ୍ରଶିକ୍ଷିକା ବୈଠକରେ ଯୋଗଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦାବି ଅନୁଯାୟୀ ସଂପୃକ୍ତା ପ୍ରଶିକ୍ଷିକା ଶ୍ରୀମତୀ ପାତ୍ରଙ୍କୁ ଏହି କେନ୍ଦ୍ରରେ ରହିବା ପର୍ଯ୍ୟନ୍ତ ଶ୍ରେଣୀରେ ପାଠ ପଢ଼ାଇବା ଉପରେ ପ୍ରତିବନ୍ଧକ ଲଗାଯିବା ସହ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇ ତାଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ନିଷ୍ପତ୍ତି ଶୁଣାଇଥିଲେ। ଅଧ୍ୟକ୍ଷ ଶ୍ରୀ ସୋରେନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ପରେ କେନ୍ଦ୍ର ପରିସରରେ ଲାଗି ରହିଥିବା ଅଶାନ୍ତି ଶେଷ ହେବା ସହ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ହତ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାରଣା କରି ଅଭିଯୁକ୍ତ ରଞ୍ଜିତା ହରିଜନକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାନୁଯାୟୀ, ଖାତିଗୁଡା ଥାନା ଅନ୍ତର୍ଗତ ପଡାପଲା ଗ୍ରାମର ପ୍ରତିମା ଜାନି ଗତ ୨୦୨୦ ଅଗଷ୍ଟ ୩୧ ତାରିଖରେ ତାଙ୍କ ସ୍ୱାମୀ ସୁବାଷ ଜାନି ନିଖୋଜ ସମ୍ପର୍କିତ ଏକ ଅଭିଯୋଗ କରିଥିଲେ। ପୋଲିସ ସବ୍ ଇନିସ୍ପେକ୍ଟର ପର୍ଶୁରାମ ସାହୁ ଘଟଣାର ତଦନ୍ତ କରି ପଡାପଲା ଗ୍ରାମର ଜଙ୍ଗଲରୁ ନିଖୋଜ ହୋଇଥିବା ସୁବାଷ ଜାନିଙ୍କ ମର ଶରୀରକୁ ହାତ ବନ୍ଧା ଅବସ୍ଥାରେ ଉଦ୍ଧାର କରିଥିଲେ। ପୋଲିସ ଏହାକୁ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ପରେ ମୃତକ ସୁବାଷଙ୍କ ମୋବାଇଲ ସିମ୍‌ର ସିଡିଆର ଏବଂ ଏସ୍‌ଡିଆର ପରୀକ୍ଷା କରିଥିଲା। ଏହି ମାମଲାରେ ଗୁଡୁ ଅରଫ ମୋହନ ବାଘ ଓ ରଞ୍ଜିତା ନାଗ ଓରଫ ରଞ୍ଜିତା ହରିଜନଙ୍କୁ ହତ୍ୟା ଓ ପ୍ରମାଣ ଲୁଚେଇବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜିଲ୍ଲା ଦୌରା ଜଜ୍ ସୁବ୍ରତ ମହାନ୍ତି ଏହି ମାମଲାକୁ ବିଚାରଣା କରିବା ସହ ସମସ୍ତ ୧୧ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମୁଦୁଲା ରଞ୍ଜିତା ହରିଜନ ଓରଫ ରଞ୍ଜିତା ନାଗକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ମୁଦୁଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତପନ କୁମାର ସିଂ ଓ ତାଙ୍କ ସହଯୋଗୀ ଅଶୋକ ନାୟକ କେସକୁ ପରିଚାଳନା କରିଥିବା ବିଶିଷ୍ଟ ଆଇନଜୀବୀ ଶ୍ରୀକାନ୍ତ ପଣ୍ଡା ସୂଚନା ଦେଇଛନ୍ତି।

## ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘର ବିକ୍ଷୋଭ

ରାୟଗଡ଼ା,୨୯।୭(ସମିସ): ଅଲ୍ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସଫେଇ ଓ ହାଉସ୍‌କିପିଙ୍ଗ୍ କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାର କୌଣସି ସମାଧାନ ହୋଇପାରିଲାନାହିଁ। ତେଣୁ ଦାବି ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ସଂଘ ପକ୍ଷରୁ ନେହା ସିଂ ଓ କସ୍ତୁରୀ ନାୟକଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ଉପସଭାପତି ଦୂର୍ଗା ମାଧବ ଘୋଷଙ୍କ ତତ୍ତ୍ୱାବଧାନରେ ଆଜି ବାରିଖୋଲା ସ୍ଥିତ ଜିଲ୍ଲା ମୁଖ୍ୟ




ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଭି. ସରୋଜିନୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର କୌଣସି ସମାଧାନ କରା ନ ଗଲେ ସଂଘ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବ। ଏଥିରେ ଯଦି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ହସ୍ପିଟାଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଚେତାବନୀ ଦେଇଥିଲେ। ଦାବି ମଧ୍ୟରେ ସଫେଇ କର୍ମଚାରୀମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଇପିଏଫ ଏବଂ ଇଏସଆଇ ପ୍ରତ୍ୟେକ ମାସରେ ଜମା କରିବା, ପ୍ରତି ମାସରେ ଠିକ୍ ସମୟରେ ଦରମା ଦେବା, ଦରମା ଦୁଇ ମାସ, ତିନି ମାସ, ଆଉ କିଛି ଚାରି ମାସକୁ ଥରେ ଅଲଗା ଅଲଗା ଦରମା ନ ଦେଇ ଠିକ୍ ସମୟରେ ସମସ୍ତଙ୍କୁ ଏକାଥରେ ଦରମା ଦେବା, ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା, ବିଶ୍ରାମ ଗୃହ ଯୋଗାଇ ଦେବା, ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ଯୋଗାଇ ଦେବା, ମାସକୁ ୧୮ ହଜାର ଟଙ୍କା ଦରମା ଦେବା ପ୍ରମୁଖ ଦାବି ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀମାନେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତି ହରିଜନ, ୱାଇ. କବିତା, ଏସ୍ ଭାରତୀ, ସିମାଞ୍ଚଳ ସାମଲ, ଲକ୍ଷ୍ମୀ ଗଣ୍ଡା ପରିଚାଳନା କରିଥିଲେ।

● ନୂତନ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ବୈଠକ

## ଲୋକଙ୍କ ସେବା ପାଇଁ ୨୪ ଘଣ୍ଟା କାର୍ଯ୍ୟକରିବାକୁ ପରାମର୍ଶ



କୋରାପୁଟ,୨୯।୭(ସମିସ): ନୂତନ ଜିଲ୍ଲାପାଳ ଭାବେ ମନୋଜ ସତ୍ୟବାନ ମହାଜନ କାର୍ଯ୍ୟରେ ଯୋଗ ଦେବା ପରେ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟଅଧିକାରୀଙ୍କୁ ନେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସୂଚନା ଆଦାନ ପ୍ରଦାନ କରାଯାଇଥିଲା। ଲୋକଙ୍କ ସେବା ପାଇଁ ୨୪ ଘଣ୍ଟା ସତର୍କତା ଅବଲମ୍ବନ କରି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନିୟମ ଅନୁଯାୟୀ କାର୍ଯ୍ୟ କରିବା ସମସ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ କେଉଁ ବିଭାଗରେ କିଭଳି ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ତାହା ବିଭାଗର ଅଧିକାରୀମାନେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମୁଖ୍ୟ ଚିକତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ରନାଥ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତୃପ୍ତି ବାରହି, କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ହତ୍ୟାକାରୀକୁ ୧୦ ବର୍ଷ କାରାଦଣ୍ଡ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଏବଂ ଦୌରା ଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାର କରି ହତ୍ୟାକାରୀ ଜଗେଶ୍ୱର ନାୟକକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫,୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଆହୁରି ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି। ଧାରା ୩୨୪ ରେ ମଧ୍ୟ ଦୋଷୀ ସାବ୍ୟସ୍ତ କରି ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୧,୦୦୦ ଟଙ୍କା ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ ମାସ ସଶ୍ରମ କାରାଦଣ୍ଡ ଭୋଗୀବାକୁ ଆଦେଶରେ ଉଲ୍ଲେଖ କରିଛନ୍ତି। ସୂଚନାନୁଯାୟୀ, ଗତ ୨୦୨୪ ଏପ୍ରିଲ ୨୭ରେ ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଧଣ୍ଡରା ଗ୍ରାମର ଜଗେଶ୍ୱର ନାୟକ ମଦ୍ୟ ପାନ କରି ତାଙ୍କ ଘରକୁ ଫେରି ପାଟିତୁଣ୍ଡ କରିବାକୁ ଲାଗିଲା, ତେଣୁ ତା ବଡ ପୁଅ ଦେବ ନାୟକ କାହିଁକି ପାଟିତୁଣ୍ଡ କରୁଛ ବୋଲି କହିବାରୁ ତାକୁ ସେ ଆଗରୁ ଧରିଥିବା କୁକୁଡ଼ା କାତିରେ ତା ଛାତିରେ ଭୁସି ହତ୍ୟା କରିଥିଲା। ସାନଭାଇ ଅଭିମନ୍ୟୁ ନାୟକ ଛଡେଇବାକୁ ଚେଷ୍ଟା କଲାବେଳେ ତାକୁ ମଧ୍ୟ ସେହି କୁକୁଡ଼ା କାତିରେ ଆକ୍ରମଣ କରିବାରୁ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଆରଦିନ ସକାଳେ ସାନ ପୁଅ ପାର୍ଥ ନାୟକ ବାପା ବିରୁଦ୍ଧରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଆସାମୀକୁ ଗିରଫ କରି ହତ୍ୟାରେ ବ୍ୟବହୃତ କୁକୁଡ଼ା କାତିକୁ ଜବତ କରି କୋର୍ଟ ଚାଲାଣ କରିଥିଲେ। ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଦାଲତ ଏହି ଦଣ୍ଡଦେଶ ଶୁଣାଇଛନ୍ତି ବୋଲି କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ସୂଚନା ଦେଇଛନ୍ତି। ଏହି ମାମଲାକୁ ମଧ୍ୟ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀ ଏକ୍କା ପରିଚାଳନା କରୁଥିବା ସୂଚନା ଦେଇଛନ୍ତି।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା ଶିବିର

ନବରଙ୍ଗପୁର,୨୯।୭(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ନବରଙ୍ଗପୁର ପକ୍ଷରୁ ପାପଡାହାଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ୱା ଗୋଛାୟତ ମୁଖ୍ୟଅତିଥି



ଭାବେ ଯୋଗଦେଇ କିଶୋର ନ୍ୟାୟ ଯତ୍ନ ଓ ସୁରକ୍ଷା ଆଇନ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପୋଲିସ ଉପ ଅଧିକ୍ଷକ ସତ୍ୟଜିତ କନ୍ଦନକେଲ, ଉପମୁଖ୍ୟ ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜ କିଶୋର ନାଗ, ପାନେଲ ଲୟାର କିଶୋରୀ ପଟ୍ଟନାୟକ, ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ପ୍ରଭାତୀ ବେହେରା ପ୍ରମୁଖଙ୍କ ସମେତ ପାରା ଲିଗାଲ ସଦସ୍ୟ ଓ ପାନେଲ ଲୟାର ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ପାପଡାହାଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଭାତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନଗର ବିଜେଡି ପକ୍ଷରୁ ୱାର୍ଡର୍ ସଭାପତିଙ୍କ ନାମ ଘୋଷିତ

ନବରଙ୍ଗପୁର,୨୯।୭(ସମିସ): ନବରଙ୍ଗପୁର ନଗର ବିଜୁ ଜନତା ଦଳ ପକ୍ଷରୁ ୱାର୍ଡ ସଭାପତିଙ୍କ ନାମ ତାଲିକା ଘୋଷଣା କରାଯାଇଛି। ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ସଚି ନନ୍ଦନ ସ୍ୱାଇଁ ଏହି ନାମ ତାଲିକା ଘୋଷଣା କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ୧୭ଟି ୱାର୍ଡ ପାଇଁ ୧୭ ଜଣଙ୍କ ନାମ ଘୋଷଣା କରାଯାଇଛି। ନବରଙ୍ଗପୁର ପୌର ପରିଷଦ ଅଞ୍ଚଳର ୧ ନମ୍ବର ୱାର୍ଡ ସଭାପତି ଭାବରେ ରମେଶ ଗାଣ୍ଡାଙ୍କୁ ମନୋନୀତ କରାଯାଇଥିବା ବେଳେ ଦୁଇ ନମ୍ବର ୱାର୍ଡ ସଭାପତି ଭାବରେ ଖଗପତି ହରିଜନ, ୩ ନମ୍ବର୍ ୱାର୍ଡ ସଭାପତି ଭାବରେ ଅଶୋକ ପଣ୍ଡା, ୪ ନମ୍ବର ୱାର୍ଡ ସଭାପତି ଭାବରେ ବୃନ୍ଦା ଜାନି, ୫ ନମ୍ବର ୱାର୍ଡ ସଭାପତି ଭାବରେ ମହେଶ୍ୱର ବେବର୍ତା, ୬ ନମ୍ବର୍ ୱାର୍ଡ ସଭାପତି ଭାବରେ ଜିତେନ୍ଦ୍ର ସାହୁ, ୭ ନମ୍ବର୍ ୱାର୍ଡ ସଭାପତି ଭାବରେ ରାମ ପଟ୍ଟନାୟକ, ୮ ନମ୍ବର୍ ୱାର୍ଡ ସଭାପତି ଭାବରେ ଶ୍ୟାମ ବେନିଆ, ୯ ନମ୍ବର୍ ୱାର୍ଡ ସଭାପତି ଭାବରେ ଦୁର୍ଗା ପ୍ରସାଦ ତ୍ରିପାଠି, ୧୦ ନମ୍ବର୍ ୱାର୍ଡ ସଭାପତି ଭାବରେ ରାଜେଶ କୁମାର ପଣ୍ଡା, ୧୧ ନମ୍ବର୍ ୱାର୍ଡ ସଭାପତି ଭାବରେ ଶିବ ପ୍ରସାଦ ପ୍ରଧାନୀ, ୧୨ ନମ୍ବର୍ ୱାର୍ଡ ସଭାପତି ଭାବରେ ସିଏଚ୍. ଶ୍ରୀଧର ରାଓ, ୧୩ ନମ୍ବର ୱାର୍ଡ ସଭାପତି ଭାବରେ ହୁସେନ ଖାନ୍, ୧୪ ନମ୍ବର୍ ୱାର୍ଡ ସଭାପତି ଭାବରେ ଇସ୍ରାଏଲ ସୁନା, ୧୫ ନମ୍ବର ୱାର୍ଡ ସଭାପତି ଭାବରେ ଡି.ପାପା ରାଓ, ୧୬ ନମ୍ବର୍ ୱାର୍ଡ ସଭାପତି ଭାବରେ ସୀତାରାମ ଡଙ୍ଗ୍ରି ଏବଂ ୧୭ ନମ୍ବର ୱାଡର୍ ସଭାପତି ରୂପେ ବଂଶୀଧର ପାଣିଗ୍ରାହୀଙ୍କ ନାମ ଘୋଷଣା କରାଯାଇଥିବା ନବରଙ୍ଗପୁର ନଗର ବିଜୁ ଜନତା ଦଳର ନଗର ସଭାପତି ପ୍ରମୋଦ କୁମାର ରଥ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି।

## ଦେଓମାଳି ପବ୍ଲିକ ସ୍କୁଲ ଅଧ୍ୟକ୍ଷଙ୍କୁ ଭକ୍ତ ସାଲବେଗ ସମ୍ମାନ

ନନ୍ଦପୁର,୨୯।୭(ସମିସ): ଚଳିତ ବର୍ଷ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ କବି ସମାରୋହ ସମ୍ମିଳନୀରେ ସେମିଳିଗୁଡ଼ା ଦେଓମାଳି ପବ୍ଲିକ ସ୍କୁଲ ଅଧ୍ୟକ୍ଷ କରାମତ ଅଲ୍ଲୀଙ୍କୁ ଭକ୍ତ ସାଲବେଗ ସମ୍ମାନରେ ସମ୍ମାନିତ କରାଯାଇଛି। ଅଧ୍ୟକ୍ଷ ଶ୍ରୀ ଅଲ୍ଲୀ ସେମିଳିଗୁଡା ଦେଓମାଳି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଭାବେ ତାଙ୍କ ଦାୟିତ୍ୱ କର୍ତ୍ତବ୍ୟକୁ ଅତି ସୁନ୍ଦରତାର ସହ ପରିଚାଳିତ କରି ଦୀର୍ଘ ବର୍ଷ କାର୍ଯ୍ୟରତ ହୋଇ ଶିକ୍ଷାକ୍ଷେତ୍ରରେ ତାଙ୍କ ଉନ୍ନତି ଆଣିଥିବାରୁ ସମାରୋହରେ ଉପସ୍ଥିତ ଅତିଥିମାନେ ଉଚ୍ଚ ପ୍ରଶଂସା କରିବା ସହ ଅଧ୍ୟକ୍ଷ ଶ୍ରୀ ଅଲ୍ଲୀଙ୍କୁ ଭକ୍ତ ସାଲବେଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନ ପାଇବା ପରେ ଅଧ୍ୟକ୍ଷ ଶ୍ରୀ ଅଲ୍ଲୀ ଅନୁଷ୍ଠାନକୁ ଧନ୍ୟବାଦ୍ ଜଣାଇବା ସହ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପଟେ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଶ୍ରମ ଅଧିକାରୀ ବିନି ମୁଦୁଲି, ମୁଖ୍ୟବକ୍ତା ପ୍ରମେୟ ଜୟପୁର ସଂସ୍କରଣ ମୁଖ୍ୟ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅନୁଷ୍ଠାନର ସଭାପତି ଡ. ରାଜେନ୍ଦ୍ର କୁମାର ପାଢ଼ି, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅନୁଷ୍ଠାନର ସମ୍ପାଦକ କବି ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଟୁନେସ କୁମାର ପାତ୍ର, ଆବାହକ ଭଗବାନ ମହାପାତ୍ର, ଶତ୍ରୁଘ୍ନ ହିକାବାଡ଼ିଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



### ନେଟ୍‌ୱର୍କ ସମସ୍ୟାକୁ ନେଇ ଅଧିକାରୀଙ୍କୁ ଘେରିଲେ ଖୁଡି ପଞ୍ଚାୟତବାସୀ


# ସମାଧାନ ଦାବିରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା



ସେମିଳିଗୁଡ଼ା,୨୯।୭(ସମିସ): କୋରାପୁଟ ସେମିଳିଗୁଡ଼ା ବ୍ଲକ୍‌ର ଖୁଡି ପଞ୍ଚାୟତରେ ନେଟ୍‌ୱର୍କ ସମସ୍ୟା ଲାଗିରହିଛି। ଏହାର ସମାଧାନ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟକୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପାଇଁ ଆସିଥିବା ଅଧିକାରୀଙ୍କୁ ପଞ୍ଚାୟତବାସୀ ଘେରିଥିଲେ। ଏପରିକି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଫଳରେ ଦୁଇ ଘଣ୍ଟା ବିଳମ୍ବରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ସୂଚନାନୁଯାୟୀ, ଦୀର୍ଘ ଦିନରୁ ପଞ୍ଚାୟତରେ

### ଦୁଇ ଘଣ୍ଟା ବିଳମ୍ବରେ ହେଲା ଅଭିଯୋଗ ଶୁଣାଣି

ମୋବାଇଲ ଟାୱାର ନଥିବାରୁ ଅଞ୍ଚଳରେ ବୋହୁ ସମସ୍ୟା ଦେଖାଯାଇଛି। ସେମିଳିଗୁଡା ବ୍ଲକ୍‌ରେ ପ୍ରତ୍ୟେକ ପଞ୍ଚାୟତରେ ଟାୱାର ଥିବା ବେଳେ ଖୁଡି ପଞ୍ଚାୟତରେ ନଥିବାରୁ ସ୍କୁଲ ଛାତ୍ରଛାତ୍ରୀ ଅନଲାଇନ ପାଠ ପଢ଼ିପାରୁନାହାନ୍ତି। ଟାୱାର ନଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରି ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ପାଇଁ ଆସିଥିବା ଅଧିକାରୀକୁ ଦୁଇ ଘଣ୍ଟା ଧରି ଘେରିବା ସହ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଉପସ୍ଥିତ ବ୍ଲକ୍ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଇଲା ପରେ ବି ଶୁଣି ନ ଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ଖବରପାଇ ପଞ୍ଚାୟତରେ ପହଞ୍ଚି ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀଙ୍କୁ ବୁଝାଇ ଥିଲେ। ଟାୱାର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତବାସୀ ମୁଖ୍ୟ ଫାଟକ ତାଲା ଖୋଲିଥିଲେ। ଏହାପରେ ଜନ ଶୁଣାଣି ହୋଇଥିଲା। ଏଥିରେ ୧୩ଟି ଅଭିଯୋଗ ଆସିଥିଲା। ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିରେ ଅଧ୍ୟକ୍ଷତା କରି ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବାକୁ ବ୍ଲକ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ
THE SAKALA

# ମଉଳା ମେଟ୍ରୋ

ଭୁବନେଶ୍ୱରରେ ବହୁଆକାଂକ୍ଷିତ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଆପାତତଃ ମଉଳି ଯାଇଛି। ପୂର୍ବ ସରକାର ଅମଳରେ ଏଥିପାଇଁ ହୋଇଥିବା ଟେଣ୍ଡର ଏବେ ବାତିଲ୍ ହେବା ପରେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଟେଣ୍ଡର ବାତିଲ୍ ପଛର କାରଣ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନଥିଲେ ମଧ୍ୟ ସରକାରୀ ମହଲକୁ ଛାଡ଼ି ପ୍ରାୟତଃ ସବୁଆଡ଼େ ଅସନ୍ତୋଷ ଓ ସମାଲୋଚନାର ସ୍ୱର ଶୁଣିବାକୁ ମିଳୁଛି। ନୂଆ ଡିପିଆର ଚୂଡ଼ାନ୍ତ ହେବା ଏବଂ ସାନି ଟେଣ୍ଡର ଏକ ସହଜ ପ୍ରକ୍ରିୟା ନୁହେଁ। ତା'ଛଡ଼ା ମେଟ୍ରୋ ଟ୍ରେନ୍‌ର ପରିବର୍ତ୍ତିତ ରୂପରେଖକୁ ନେଇ ମନ୍ତ୍ରିପରିଷଦର ସଦସ୍ୟମାନେ ବିଭିନ୍ନ ସମୟରେ ଦେଇଥିବା ବିବୃତ୍ତିରେ ତାଳମେଳ ରହୁ ନଥିବାରୁ ଏହି ପ୍ରକଳ୍ପ ଯେ ନିକଟ ଭବିଷ୍ୟତରେ ଆରମ୍ଭ ହେବାର ନାହିଁ ତାହା ଅନୁମାନ କରାଯାଉଛି।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। ବରଂ କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏପରିକି ମେଟ୍ରୋ ରେଳ ଏବେ ସହରାଞ୍ଚଳରେ ସବୁଠୁ ଲୋକପ୍ରିୟ ଗଣପରିବହନ ଏବଂ ତ୍ୱରିତ ଗମନାଗମନର ମାଧ୍ୟମ ପାଲଟିଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ବିପୁଳ ଅର୍ଥ ଓ ବୈଷୟିକ ଜ୍ଞାନକୌଶଳ ସହାୟତା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଦେଶର ୧୨ଟି ପ୍ରମୁଖ ସହରରେ ୬୭୦ କିମି ମେଟ୍ରୋ ରେଳପଥରେ ଟ୍ରେନ୍ ଚଳାଚଳ କରୁଛି। ଏହାବାଦ୍ ଅନ୍ୟ ୧୫ଟି ସହରରେ ୫୦୦ କିମି ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି।

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଜନସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଥିବା ବେଳେ ଆଇଆଇଟି ଖଡ଼ଗପୁର ରିପୋର୍ଟ ଅନୁସାରେ ଚୌଦ୍ୱାର-କଟକ-ଭୁବନେଶ୍ୱର-ଜଟଣୀ-ପିପିଲିକୁ ନେଇ ପରିକଳ୍ପିତ ବୃହତ୍ ସହରାଞ୍ଚଳର ଜନସଂଖ୍ୟା ୨୦୫୦ ବେଳକୁ ୧ କୋଟି ଟପିବ। ତେଣୁ ଏବେଠାରୁ ଗଣପରିବହନ ବ୍ୟବସ୍ଥାକୁ ସୁସଂହତ, ସୁଗମ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ଏହି ପୃଷ୍ଠଭୂମିରେ ମେଟ୍ରୋରେଳ ଜନସାଧାରଣଙ୍କ ପାଇଁ ଯେ ଏକ ଚରମ ଆବଶ୍ୟକତା ଏହାକୁ ହୃଦୟଙ୍ଗମ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ମହତାକାଂକ୍ଷୀ ଦୃଷ୍ଟିକୋଣ ନେଇ ନବୀନ ପଟ୍ଟନାୟକଙ୍କ ସରକାର ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ କରିଥିଲେ। ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଥିଲେ।

ମୋଟ୍ ୬୨୫୫ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪, ଜାନୁଆରୀ ୧ ତାରିଖରେ କଟକ ଉପକଣ୍ଠ ରଣଗଡ଼ଠାରେ କରିଥିଲେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଦିଲ୍ଲୀ ମେଟ୍ରୋ ନିଗମ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମେଟ୍ରୋ ରେଳପଥ କଟକ ଓ ପୁରୀ ଦିଗକୁ ସଂପ୍ରସାରିତ ହେବାର ଯୋଜନା ରଖାଯାଇଥିଲା। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ଥିଲା - ବାଙ୍କୀ ଓ ଆଠଗଡ଼ ଦିଗକୁ ବଢୁଥିବା ଦ୍ୱୈତ ମହାନଗରୀର ଗମନାଗମନ ଆବଶ୍ୟକତା ପୂରଣ କରିବା। କିନ୍ତୁ ଏବେ ଟେଣ୍ଡର ବାତିଲ୍ ହୋଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଯେ ପୁଣି ଓଡ଼ିଶା ପ୍ରକଳ୍ପ ପାଇଁ ଆଗ୍ରହୀ ହେବେ ସେ ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

ଇତିମଧ୍ୟରେ ବୈଷୟିକ ଜ୍ଞାନକୌଶଳରେ ପ୍ରଭୂତ ବିକାଶ ଫଳରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଭୂମିତଳ ସୁଡ଼ଙ୍ଗ ଆଉ ଅପରିହାର୍ଯ୍ୟ ହୋଇ ରହିନାହିଁ। ଦେଶର ପ୍ରମୁଖ ବୃହତ୍ ସହରମାନଙ୍କରେ ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ରେଳ ଲାଇନ୍ ନିର୍ମାଣ ହେଉଛି। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପ୍ରକଳ୍ପ ମାଟି ତଳେ କରାଯିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି। ଟେଣ୍ଡର ବାତିଲ୍ ହେବା ପଛରେ ଏହା ଆଉ ଏକ କାରଣ ବୋଲି ଜଣାପଡ଼ିଛି। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ନାହିଁ, ତାହାର ଦୂରଦୃଷ୍ଟିର ଅଭାବ ରହେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଟେଣ୍ଡର ବାତିଲ୍ ହେବା ପରେ ଓଡ଼ିଶା ୧୦ ବର୍ଷ ପଛକୁ ଚାଲିଯାଇଛି।

ବିଶେଷଜ୍ଞ ମହଲରେ ଏବେ ଆଲୋଚନା ହେଉଛି ଯେ ଡିପିଆରରେ କିଛି ତ୍ରୁଟିବିଚ୍ୟୁତି ଥିଲେ ତାହାକୁ ସଂଶୋଧନ କରା ଯାଇପାରିଥା'ନ୍ତା। କିନ୍ତୁ ଟେଣ୍ଡର ବାତିଲ୍ ଯଦି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଏବଂ ପ୍ରକଳ୍ପର ଶ୍ରେୟ ବିଜେଡି ସରକର ନେଇଯିବାର ଭୟ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘାରିଥାଏ ତେବେ ଜନମାନସରେ ସରକାର ନିନ୍ଦିତ ହେବା ହିଁ ସାର ହେବ। ମେଟ୍ରୋ ଚଳାଚଳ ପାଇଁ ଡବଲ୍ ଇଞ୍ଜିନ୍‌ର ଦକ୍ଷତା, କ୍ଷମତା ଓ ଆନ୍ତରିକତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି। ସାନି ଡିପିଆର ପ୍ରସ୍ତୁତ ପରେ ତୁରନ୍ତ ଟେଣ୍ଡର ଚୂଡ଼ାନ୍ତ କରିବା ଏବେ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବରଂ ସରକାର ଅପବାଦରୁ ମୁକ୍ତି ପାଇବେ। ସର୍ବୋପରି କିଛିଟା ବିଳମ୍ବ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯୁଗ୍ମପ୍ରଥମ ଯୋଜନାବଦ୍ଧ ରାଜଧାନୀ ସହର ଭୁବନେଶ୍ୱର ମେଟ୍ରୋ ରେଳ ସେବା ମଣ୍ଡିତ ହୋଇପାରିବ। ●

# ଧରିତ୍ରୀ ଶିଖର ସମ୍ମିଳନୀ ଓ ଭାରତ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ସ୍ୱିଡେନ୍‌ର ରାଜଧାନୀ ଷ୍ଟୋକହୋମ୍‌ଠାରେ ପ୍ରଥମ ଥର ପାଇଁ ମାନବୀୟ ପରିବେଶ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ (୫-୧୬ ଜୁନ୍ ୧୯୭୨) ପରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଶିଖର ସମ୍ମିଳନୀ ଥିଲା 'ଜାତିସଂଘ ପରିବେଶ ଏବଂ ବିକାଶ ସମ୍ମିଳନୀ'(ୟୁଏନ୍‌ସିଇଡି), ଯାହାକୁ 'ଧରିତ୍ରୀ ଶିଖର ସମ୍ମିଳନୀ' ମଧ୍ୟ କୁହାଯାଏ। ଏହା ୧୯୯୨ ମସିହା, ଜୁନ୍ ୩-୧୪ ପର୍ଯ୍ୟନ୍ତ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିଲା। ଏହି ଶୀର୍ଷ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୩ଟି ପ୍ରମୁଖ ଦଲିଲ ପ୍ରସ୍ତୁତ କରାଯାଇଥିଲା, ଯଥା - (୧) ରିଓ ଘୋଷଣାନାମା ଆଧାରିତ ପରିବେଶ ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିବା ପାଇଁ ବ୍ୟାପକ ନୀତିର ଏକ ବିବୃତ୍ତି, (୨) ସମସ୍ତ ପ୍ରକାରର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଉପରେ ଏକ ଅଣ-ଆଇନଗତ ଭାବରେ ବାଧ୍ୟତାମୂଳକ ବିବୃତ୍ତି, (୩) ଏକବିଂଶ ଶତାବ୍ଦୀ ପାଇଁ ଦୀର୍ଘସ୍ଥାୟୀ ଖସଡ଼ା, ପାଣି ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ଏବଂ ଆକଳନ ଉପସ୍ଥାପନ କରୁଥିବା ଏକ ବିଶାଳ ଦଲିଲ। ୩ଟି ଚୁକ୍ତି ଯଥା - ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱାର୍କ ଶିଖର ସମ୍ମିଳନୀ(ୟୁଏନ୍‌ଏଫ୍‌ସିସିସି), ଜୈବ ବିବିଧତା ଶିଖର ସମ୍ମିଳନୀ(ସିବିଡି), ମରୁଭୂମି ମୁକାବିଲା ପାଇଁ ମିଳିତ ଜାତିସଂଘ ଶିଖର ସମ୍ମିଳନୀ(ୟୁଏନ୍‌ସିସିଡି)। ଏଗୁଡ଼ିକ ଯଥାକ୍ରମେ ୧୯୯୪, ୧୯୯୩ ଓ ୧୯୯୬ରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥିଲା।

ୟୁଏନ୍‌ଏଫ୍‌ସିସିସର ମୂଳ ଉଦ୍ଦେଶ୍ୟ ହେଉଛି ସବୁଜଗୃହ ବାଷ୍ପ ସାନ୍ଦ୍ରତାକୁ ହ୍ରାସ କରି ଏପରି ସ୍ତରରେ ସ୍ଥିର କରିବା, ଯାହା ଜଳବାୟୁ ପ୍ରଣାଳୀ ସହିତ ବିପଦପୂର୍ଣ୍ଣ ମାନବଜାତ(ମାନବ ପ୍ରେରିତ) ହସ୍ତକ୍ଷେପକୁ ରୋକିପାରିବ। ସିବିଡି ରାଷ୍ଟ୍ରଗୁଡ଼ିକର ଜୈବିକ ସମ୍ପଦ ଉପରେ ସାର୍ବଭୌମ ଅଧିକାରକୁ ପୁନଃନିର୍ଦ୍ଦିଷ୍ଟ କରିବା ସହିତ ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦର ବ୍ୟବହାରରୁ ଉତ୍ପନ୍ନ ଲାଭର ନିରପେକ୍ଷ ଓ ସମାନ ବଣ୍ଟନ ଉପରେ ଗୁରୁତ୍ୱାରୋପ କରେ। ୟୁଏନ୍‌ସିସିଡିର ମୌଳିକ ଉଦ୍ଦେଶ୍ୟ ହେଉଛି ଆମର ଭୂମିକୁ ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ସହିତ ଏକ ସୁରକ୍ଷିତ, ନ୍ୟାୟପୂର୍ଣ୍ଣ ଓ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା।

ତିନୋଟିଯାକ ଶିଖର ସମ୍ମିଳନୀ ପାଇଁ ଅଂଶୀଦାର ଦେଶର ପ୍ରତିନିଧିମାନେ ନିୟମିତ ଆୟୋଜିତ ସମ୍ମିଳନୀରେ ଏକତ୍ରିତ ହୋଇ ଆଲୋଚନା କରନ୍ତି, ଯାହାକୁ କୁହାଯାଏ କନଫରେନ୍ସ ଅଫ୍ ପାର୍ଟିସ୍(ସିଓପି ବା କୋପ୍)। 'କୋପ୍'ଗୁଡ଼ିକ ସମ୍ମିଳନୀର ପରିଚାଳନା ସଂସ୍ଥା ଏବଂ ଏହାର ସାମୟିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ। ୟୁଏନ୍‌ଏଫ୍‌ସିସିସିର ସର୍ବଶେଷ ବା ୨୯ତମ ଅଧିବେଶନ ଥିଲା କୋପ୍-୨୯, ଯାହା ୧୧-୨୨ ନଭେମ୍ବର ୨୦୨୪ରେ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ସିବିଡିର ସର୍ବଶେଷ ଅଧିବେଶନ ଥିଲା କୋପ୍-୧୬, ଯାହା ଅକ୍ଟୋବର ୨୧-୧ ନଭେମ୍ବର ୨୦୨୪ରେ କଲମ୍ବିଆର କାଲିରେ ଅନୁଷ୍ଠିତ ହୋଇଥିଲା। ସମଭାବରେ ୟୁଏନ୍‌ସିସିଡିର ଏପର୍ଯ୍ୟନ୍ତ ସର୍ବଶେଷ ଅଧିବେଶନ କୋପ୍-୧୬, ସାଉଦି ଆରବର ରିୟାଦରେ ୨ ରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୟୁଏନ୍‌ଏଫ୍‌ସିସିସ ଶିଖର ସମ୍ମିଳନୀ ୨୯ ଥର ଅନୁଷ୍ଠିତ ହୋଇସାରିଥିବା ବେଳେ ସିବିଡି ଓ ୟୁଏନ୍‌ସିସିଡିର ଶିଖର ସମ୍ମିଳନୀ ପ୍ରତ୍ୟେକେ ୧୬ ଥର ଲେଖାଏଁ ଅନୁଷ୍ଠିତ ହୋଇଛି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୧୨ ଡିସେମ୍ବର ୨୦୧୫ରେ ଶେଷ ହୋଇଥିବା ୟୁଏନ୍‌ଏଫ୍‌ସିସିସି ବା କୋପ୍-୨୧ ବହୁତ ପ୍ରଭାବଶାଳୀ ଥିଲା। ଏହି ସମ୍ମିଳନୀରେ ଗୃହୀତ ଚୁକ୍ତିନାମା, ଯାହା 'ପ୍ୟାରିସ ଚୁକ୍ତିନାମା' ନାମରେ ଖ୍ୟାତ, ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶ୍ୱ ହାରାହାରି ତାପମାତ୍ରାକୁ ପ୍ରାକଶିଳ୍ପାୟନ ସ୍ତରଠାରୁ ୨ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରଖିବା ଏବଂ ପ୍ରାକଶିଳ୍ପାୟନ ସ୍ଥିତି ସ୍ତର ଠାରୁ ତାପମାତ୍ରା ବୃଦ୍ଧିକୁ ମାତ୍ର ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ପ୍ରୟାସ କରିବା।

ଅଂଶୀଦାର ଦେଶମାନେ ସବୁଜ ଗୃହ ବାଷ୍ପ ପରିମାଣ ହ୍ରାସ କରିବା ପାଇଁ ପ୍ୟାରିସରେ ୨୦୧୫ ରେ କୋପ୍ ୨୧ ସମୟରେ ନିଜସ୍ୱ ଅଙ୍ଗୀକାରବଦ୍ଧତା ଦାଖଲ କରିଥିଲେ। ଭାରତ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ନିର୍ଗମନ ହାରରେ ୩୩% ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସିବିଡି ପ୍ରତିଶ୍ରୁତି ଅନୁଯାୟୀ, ୧୯୯୯ରେ ଭାରତର ପ୍ରଥମ ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ଆରମ୍ଭ କରିଥିଲା। ଭାରତ ୨୦୨୫-୩୦ ଆର୍ଥିକ ବର୍ଷରେ ଜୈବ ବିବିଧତା ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରାୟ ୮୧, ୬୬୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି। ୟୁଏନ୍‌ସିସିଡି ତଥ୍ୟ ଅନୁଯାୟୀ, ୨୦୧୫-୨୦୧୯ ପର୍ଯ୍ୟନ୍ତ ଭାରତର ମୋଟ ରିପୋର୍ଟ କରାଯାଇଥିବା ଜମିର ୩୦.୫୧ ନିୟୁତ ହେକ୍ଟର ଅବକ୍ଷୟ ହୋଇଥିଲା। ଏହାର ଜବାବରେ ଭାରତ ଭୂମି ଅବକ୍ଷୟକୁ ସମାଧାନ କରିବା, ମରୁଡ଼ି ସ୍ଥିତିସ୍ଥାପକତା ନିର୍ମାଣ କରିବା, ପରିବେଶ ପୁନରୁଦ୍ଧାର ଏବଂ ଜୈବ ବିବିଧତା ବୃଦ୍ଧି ପାଇଁ ଏକ ବ୍ୟାପକ ପଦ୍ଧତି ଗ୍ରହଣ କରିଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏବେ ପ୍ରତିବର୍ଷ ପ୍ରାୟ ୪.୧ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାର କାମ୍ଳ ସମତୁଲ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ କରେ, ଯାହା ଚୀନ୍ (୧୫.୯ ବିଲିୟନ ମେଟ୍ରିକ୍ ଟନ୍) ଏବଂ ଆମେରିକା (୬ ବିଲିୟନ ଟନ୍) ପରେ ବିଶ୍ୱରେ ତୃତୀୟ ସର୍ବାଧିକ ଯୋଗଦାନକାରୀ। ତେବେ ଭାରତରେ ମୁଣ୍ଡପିଛା ନିର୍ଗମନ (୨.୯) ମେଟ୍ରିକ୍ ଟନ୍ ଆମେରିକା (୧୭.୬) ଏବଂ ଚୀନ (୧୧.୧) ତୁଳନାରେ ବହୁତ କମ୍। ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ପରେ ଭାରତକୁ ଏବେ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଗକୁ ବଢ଼ାଇବାକୁ ପଡ଼ିବ ଏବଂ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ଯଦି ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ ୨୦୩୦ ସୁଦ୍ଧା ହାସଲ କରିବାକୁ ହୁଏ, ତେବେ ବିଶ୍ୱସ୍ତରୀୟ ସହଯୋଗ, ବିଶେଷକରି ବିକଶିତ ଦେଶମାନଙ୍କ ଦ୍ୱାରା, ଅତ୍ୟନ୍ତ ଜରୁରୀ। ୨୦୨୫ ହେଉଛି କୋପ୍ ୨୧ରେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ୨୦୧୫ ର ପ୍ରଥମ ଦଶନ୍ଧି। ପ୍ୟାରିସ୍ ଚୁକ୍ତିନାମାର ଧାରା ୨.୧ ସି ନିର୍ଗମନ ହ୍ରାସ ଏବଂ ଜଳବାୟୁ-ସ୍ଥାପକତା ସହିତ 'ଆର୍ଥିକ ପ୍ରବାହକୁ ସୁସଙ୍ଗତ କରିବା' ଉପରେ ଧ୍ୟାନ ଦିଏ। ଧାରା ୯.୧ ରେ କୁହାଯାଇଛି ଯେ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଏଥିପାଇଁ 'ଅର୍ଥ ଯୋଗାଇବେ'। ଦୁଇଟି ବଡ଼ ତୈଳ ରପ୍ତାନିକାରୀ ରାଷ୍ଟ୍ର ଇରାନ ଓ ଲିବିଆ ୧୪-ସଦସ୍ୟ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶ ସଂଗଠନ ମଧ୍ୟରୁ ଏବଂ ୟେମେନ୍ ପ୍ୟାରିସ୍ ଚୁକ୍ତିନାମାକୁ ଅନୁମୋଦନ କରିନାହାନ୍ତି। ଦ୍ୱିତୀୟ ସର୍ବାଧିକ ନିର୍ଗମନକାରୀ ଆମେରିକା ୨୦୨୦ରେ ଚୁକ୍ତିନାମାରୁ ଓହରିଗଲା, ୨୦୨୧ ରେ ପୁନର୍ବାର ଯୋଗ ଦେଲା ଏବଂ ୨୦୨୫ରେ ପୁଣି ପ୍ରତ୍ୟାହାର ଘୋଷଣା କଲା। ଗତ ବର୍ଷ ୟୁଏନ୍‌ଏଫ୍‌ସିସିସିର କୋପ୍‌୨୯ ରେ, ରାଷ୍ଟ୍ରଗୁଡ଼ିକ ୨୦୩୫ ସୁଦ୍ଧା 'ଜଳବାୟୁ ଆର୍ଥିକ ବଜେଟ ଅଟକଳ' ବାର୍ଷିକ ଅତିକମରେ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ସହମତ ହୋଇଥିଲେ, ଯାହା ମୁଖ୍ୟତଃ ବିକଶିତ ଦେଶଗୁଡ଼ିକରୁ ଆସିବ। ଏହି ଅର୍ଥ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କର ନିର୍ଗମନକୁ ନିୟନ୍ତ୍ରଣ କରିବାରେ ଏବଂ ଆହୁରି ଅଧିକ ଜଟିଳ ଜଳବାୟୁ ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ପ୍ରାୟତଃ ସମସ୍ତ ଜଳବାୟୁ ସହାୟତା ବାତିଲ କରିସାରିଛି। ଜର୍ମାନୀ, ଫ୍ରାନ୍ସ ଏବଂ ୟୁକେ ସମେତ ପ୍ରମୁଖ ୟୁରୋପୀୟ ଦାତାମାନେ ମଧ୍ୟ ସହାୟତା ହ୍ରାସ ଘୋଷଣା କରିଛନ୍ତି। ଏହା ଆର୍ଥିକ ସହାୟତା କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ।

ୟୁଏନ୍‌ଏଫ୍‌ସିସିସିର କୋପ୍ ୩୦ ଚଳିତ ବର୍ଷ ନଭେମ୍ବର ୨୦୨୫ ରେ ବ୍ରାଜିଲର ବେଲେମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ପୂର୍ବରୁ ସମ୍ପୃକ୍ତ ପକ୍ଷ ରାଷ୍ଟ୍ର ପ୍ରତିନିଧିମାନେ ଗତ ଜୁନ୍ ମାସରେ ବନ୍ (ଜର୍ମାନୀ) ରେ ପୂର୍ବ ପ୍ରସ୍ତୁତି ବୈଠକ ଆଲୋଚନା କରି ଏଥିପାଇଁ ଏଜେଣ୍ଡା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ରାଜନୈତିକ, ସାଂସ୍କୃତିକ, ଭୌଗୋଳିକ, ଅର୍ଥନୈତିକ ଏବଂ ସାମାଜିକ ସୀମା ଅତିକ୍ରମ କରି ଚାଲିଛି, ଯାହା ବ୍ୟକ୍ତି, ସମ୍ପ୍ରଦାୟ, ପରିସଂସ୍ଥା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ସବୁଠାରୁ ଦୁର୍ବଳ ଲୋକଙ୍କ ଉପରେ ଲଦି ହେଉଛି। ଆଶା କରାଯାଏ, କୋପ୍‌୩୦ ନିଶ୍ଚିତ ଭାବରେ ଏକ ମୋଡ଼ ହେବ, ଯାହା କେବଳ ମହତ୍ୱାକାଂକ୍ଷା ଉପରେ ନୁହେଁ ବରଂ ସର୍ବାଧିକ ଜଳବାୟୁ ବିପଦର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ସମାନତା, ଆର୍ଥିକ ଏବଂ ନ୍ୟାୟ ପ୍ରଦାନ କରିବ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଦ୍ୱିତୀୟ କ୍ୱାଣ୍ଟମ ବିପ୍ଳବ

**ଡ. ଗୌରୀ ଶଙ୍କର ତ୍ରିପାଠୀ**

ଚଳିତ ବର୍ଷକୁ ବିଶ୍ୱରେ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବର୍ଷ ରୂପେ ପାଳନ କରାଯାଉଛି। ପ୍ରାୟ ୧୦୦ ବର୍ଷ ପୂର୍ବେ କ୍ୱାଣ୍ଟମ୍ ମେକାନିକ୍ସ ବିଜ୍ଞାନରେ ଏକ ଚାଞ୍ଚଲ୍ୟକାରୀ ଜ୍ଞାନ ଭାବେ ଆବିର୍ଭାବ ହେଇଥିଲା। କ୍ୱାଣ୍ଟମ୍ ତତ୍ତ୍ୱରେ ଏମିତି କିଛି ରହସ୍ୟ ଲୁଚି ରହିଥାଏ, ଯାହା ଅନ୍ୟ କୋଉଠି ନଥାଏ। ଯେମିତି କି କ୍ୱାଣ୍ଟମ୍ ଦୁନିଆରେ ସୁପରପୋଜିସନ୍ ନିୟମ ଲାଗୁ ହେଇଥାଏ। ଗୋଟିଏ ବସ୍ତୁ ଏକାଥରେ ଦୁଇଟା ଅବସ୍ଥାରେ ରହିପାରେ। ଆଉ ଗୋଟେ ଆଶ୍ଚର୍ଯ୍ୟ ନିୟମ ହେଲା କ୍ୱାଣ୍ଟମ ଏନଟାଙ୍ଗଲ୍‌ମେଣ୍ଟ ତଥା କ୍ୱାଣ୍ଟମ୍-ଜଡ଼ିତତା, ଯାହାକି ଦୁଇଟା କଣିକା ଯେତେ ଦୂରରେ ଥିଲେ ବି କିଛି ଗୋଟେ ଅଦୃଶ୍ୟ ସୂତାରେ ଦୁଇଟାକୁ ଯୋଡ଼ି ରଖିଥାଏ। ଏମିତି ଅନେକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳେ କ୍ୱାଣ୍ଟମ୍ ଦୁନିଆରେ।

କ୍ୱାଣ୍ଟମ୍ ବିଜ୍ଞାନ ଆବିର୍ଭାବ ପରଠାରୁ ଏହି ଜ୍ଞାନ ଅନେକ ଯୁଗାନ୍ତକାରୀ ତଥ୍ୟ, ତତ୍ତ୍ୱ ଓ ପ୍ରଯୁକ୍ତିବିଦ୍ୟାକୁ ଜନ୍ମ ଦେଇଛି। ଏହାଦ୍ୱାରା ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଏଭଳିକି ଜୀବ ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ମଧ୍ୟ ଋଦ୍ଧିମନ୍ତ ହେଇଛି। ଏହାର ଦ୍ୱିତୀୟ ସଂସ୍କରଣ ଏବେ ଏକ ଅଭିନବ ବିଜ୍ଞାନ ଭାବେ ଉଭା ହେଇଛି। ଏହି ଜ୍ଞାନରେ ଅଧିକତର ଗବେଷଣା ଏବଂ ବିକାଶ ଭବିଷ୍ୟତରେ ଆମ ଜୀବନକୁ ଆହୁରି ଅଧିକ ବିସ୍ମୟମଣ୍ଡିତ କରିବ। ସେଇଥିପାଇଁ ସମଗ୍ର ବିଶ୍ୱ ଏହି ବିଜ୍ଞାନରେ ଶ୍ରେଷ୍ଠତା ପ୍ରାପ୍ତି ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି।

ଭାରତର ଜାତୀୟ କ୍ୱାଣ୍ଟମ୍ ମିଶନ(ଏନ୍‌କ୍ୟୁଏମ୍) ୨୦୨୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଇଥିବା ଏକ ଆଠ ବର୍ଷିଆ ପ୍ରକଳ୍ପ, ଯେଉଁଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏନ୍‌କ୍ୟୁଏମ୍ ଚାରୋଟି ଦିଗର ବିକାଶ ଉପରେ ଧ୍ୟାନ ଦେଉଛି: (୧) କ୍ୱାଣ୍ଟମ୍ କମ୍ପ୍ୟୁଟିଂ; (୨) କ୍ୱାଣ୍ଟମ୍-ଯୋଗାଯୋଗ; (୩) କ୍ୱାଣ୍ଟମ୍-ସେନ୍ସିଂ ଓ ମାପ ବିଜ୍ଞାନ; (୪) କ୍ୱାଣ୍ଟମ୍-ବସ୍ତୁ ଓ କ୍ୱାଣ୍ଟମ୍-ଉପକରଣ। ଭାରତ ଯଦି କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ଚାହୁଁଛି, ତେବେ ଏହି କ୍ଷେତ୍ରରେ ପ୍ରୟାସକୁ ତୀବ୍ର କରିବା ସହିତ ଘରୋଇ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ। ଏହା ଏନ୍‌କ୍ୟୁଏମ୍‌ର ପ୍ରଥମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଦେଶର ଡିଜିଟାଲ୍ ଭିତ୍ତିଭୂମିକୁ କ୍ୱାଣ୍ଟମ୍-ସୁରକ୍ଷିତ କରିବା ପାଇଁ ଏହାର ସୁରକ୍ଷା ଓ ନିୟମାବଳୀରେ ଉନ୍ନତି ଆଣିବାକୁ ପଡ଼ିବ।

'ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସହ ଜଡ଼ିତ ହେବା ରଣନୀତି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ କ୍ୱାଣ୍ଟମ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ଭାରତ ବିଶ୍ୱରେ ନେତୃତ୍ୱ ନେବାର ଆଗ୍ରହ ରଖିଛି ଏବଂ ଏହି ଦିଗରେ ପ୍ରୟାସ କରୁଛି। ଏଥିରେ ଅଛି କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ତ୍ରୁଟି-ସଂଶୋଧନ ଆଲଗୋରିଦମ୍। ଏହାବ୍ୟତୀତ, କ୍ୱାଣ୍ଟମ୍ ହାର୍ଡୱେର ନିର୍ମାଣ ପାଇଁ ଦରକାର ସୁପରକଣ୍ଡକ୍ଟିଂ ସର୍କିଟ୍, ଫସି ରହିଥିବା ପରମାଣୁ/ଆୟନ ଏବଂ ଇଞ୍ଜିନିୟର୍ଡ କ୍ୱାଣ୍ଟମ୍-ଡଟ୍ ଉପଯୋଗର ବିକାଶ। ଉଦାହରଣ ସ୍ୱରୂପ, ଏନ୍‌କ୍ୟୁଏମ୍ ସମର୍ଥିତ ବେଙ୍ଗାଲୁରୁ-ଭିତ୍ତିକ ଷ୍ଟାର୍ଟଅପ୍ କ୍ୟୁପିଆଇଏଆଇ ସମ୍ପ୍ରତି 'ଇଣ୍ଡସ୍' ନାମକ ଏକ ୨୫-ସୁପରକଣ୍ଡକ୍ଟିଂ କ୍ୟୁବିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟର ବିକଶିତ କରିଛି। ଏହା ସମ୍ପୂର୍ଣ୍ଣ ଦେଶୀୟ ନୁହେଁ। ଏହାର କ୍ୟୁବିଟ୍‌ଗୁଡ଼ିକ ବିଦେଶରେ ତିଆରି ହେଇଥିବା ଅନୁମାନ କରାଯାଉଛି। ଏହାସତ୍ତ୍ୱେ ଏହା ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ।

ତଥ୍ୟକୁ ବିରାମ ଦେଇ ବିଜ୍ଞାନ ଉପରେ ବର୍ତ୍ତମାନ ଆମେ କିଛି ଧ୍ୟାନ ଦେବା। ଏହି କ୍ୟୁବିଟ୍ କ'ଣ? ଏକ କ୍ୟୁବିଟ୍ (କ୍ୱାଣ୍ଟମ୍ ବିଟ୍) ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରରେ ସୂଚନାର ଏକ ମୌଳିକ ଏକକ। ଏକ ନିୟମିତ କମ୍ପ୍ୟୁଟରରେ ଆମେ ବିଟ୍ ବ୍ୟବହାର କରୁ, ଯାହା ୦ କିମ୍ବା ୧ ହୋଇପାରେ। କିନ୍ତୁ କ୍ୱାଣ୍ଟମ୍‌ବିଟ୍ ସ୍ୱତନ୍ତ୍ରତା ବହନକରେ। କାରଣ ଏହା ଏକ ସମୟରେ ୦, ୧, କିମ୍ବା ଉଭୟ ହୋଇପାରେ। ଏହାକୁ ଉପରେ ବର୍ଣ୍ଣିତ ସୁପରପୋଜିସନ୍ କୁହାଯାଏ। ଉଦାହରଣରେ ବାୟୁରେ ଘୁରୁଥିବା ଏକ ମୁଦ୍ରାକୁ ଭାବନ୍ତୁ। ଯେପର୍ଯ୍ୟନ୍ତ ଏହା ଅବତରଣ କରିନାହିଁ, ଏହା ଏକା ସମୟରେ ଉଭୟ ମୁଣ୍ଡ ଏବଂ ଲାଞ୍ଜ ହୋଇଥାଏ। ଏକାଧିକ ଅବସ୍ଥାରେ ରହିବାର ଏହି କ୍ଷମତା କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ନିୟମିତ କମ୍ପ୍ୟୁଟର ଅପେକ୍ଷା ବହୁତ ଶୀଘ୍ର ଜଟିଳ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। କ୍ୟୁବିଟ୍‌ସର ଆଉ ଏକ ଆକର୍ଷଣୀୟ ଗୁଣ ହେଉଛି ଜଡ଼ିତତା। ଦୁଇଟି କ୍ୟୁବିଟ୍ ଏପରି ଭାବରେ ସଂଯୁକ୍ତ ହୋଇପାରିବେ ଯେ, ସେମାନେ ଯେତେଦୂରରେ ଥିଲେ ମଧ୍ୟ, ଗୋଟିଏକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ୟଟି ପ୍ରଭାବିତ ହୁଏ। ଏହି କ୍ୱାଣ୍ଟମ୍-ଜଡ଼ିତତା ଏପରି ଏକ ଜଟିଳ ବିଷୟ, ଯାହାକୁ ପ୍ରସିଦ୍ଧ ବିଜ୍ଞାନୀ ଆଇନଷ୍ଟାଇନ ଏକ ବିଚିତ୍ର(ସ୍ପୁକି) ଚିନ୍ତାଧାରା ବୋଲି କହିଥିଲେ।

ଭାରତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଉପରେ ଗବେଷଣା ୧୯୯୦ରୁ ଆରମ୍ଭ ହୋଇଥିଲା। ଭାରତ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସଫ୍ଟୱେର୍-କେନ୍ଦ୍ରିକ, ତାତ୍ତ୍ୱିକ ଏବଂ ଆଲଗୋରିଦମିକ୍ ଦିଗଗୁଡ଼ିକରେ ଦୃଢ଼, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହାର୍ଡୱେରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ ହେଇନାହିଁ। ଏହି କାର୍ଯ୍ୟ ଏକ ନବଜାତ ପର୍ଯ୍ୟାୟରେ ରହିଛି। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ କ୍ୱିବିଟ୍ ଏବଂ ଅନ୍ୟାନ୍ୟ ସହାୟକ ହାର୍ଡୱେର ତିଆରି କରିବା ପାଇଁ ସ୍ୱଦେଶୀ କ୍ଷମତାକୁ ଉନ୍ନୀତ କରିବା ପାଇଁ ପ୍ରୟାସର ବିଶେଷ ଆବଶ୍ୟକତା ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବେ ବି ବିକଶିତ ହେଉଛି। କିନ୍ତୁ ଏଥିରେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ଔଷଧୀୟ-କ୍ଷେତ୍ରରେ ବିପ୍ଳବ ଆଣିବାର ସମ୍ଭାବନା ଅଛି। ସୁତରାଂ, ଅତୀତର ଜ୍ଞାନ-ଗରିମା ଉପରେ ବହୁତ ତର୍କ-ବିତର୍କ ନ କରି ବର୍ତ୍ତମାନର ଜ୍ଞାନକୌଶଳକୁ ଆଗେଇନେବା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ। ବର୍ତ୍ତମାନ ନିବେଶକ ଏବଂ ପ୍ରଯୁକ୍ତିବିଦ୍ୱାନଙ୍କ ପାଇଁ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ବିପୁଳ ନିବେଶ କରିବାର ସମୟ ଆସିଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିର ଭବିଷ୍ୟତର କମ୍ପ୍ୟୁଟିଂ ଏବଂ ସଞ୍ଚାର କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଏହା ଭବିଷ୍ୟତ ଜୀବନର ପ୍ରତ୍ୟେକ ଦିଗକୁ ବଦଳାଇ ଦେବ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ରିମା ଛତ୍ର ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ମଧ୍ୟଭାରତରେ ରିମା ନାମକ ଏକ ଛୋଟ ରାଜ୍ୟ ଥିଲା। ସେଠାରେ ରଘୁରାଜ ସିଂହ ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ରଘୁରାଜ ମର୍ଯ୍ୟାଦାପୁରୁଷ ରଘୁନାଥଙ୍କ ପରି ସୁଶାସକ ଓ ପ୍ରଜାବତ୍ସଳ ଥିଲେ। ପୁରାଣରୁ ସେ ନୀଳାଚଳ ନିବାସୀ ଜଗନ୍ନାଥଙ୍କ ମହିମା ଶୁଣିଥିଲେ। ତେଣୁ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। କିଛି ପାରିଷଦଙ୍କ ସାଙ୍ଗରେ ନେଇ ରାଜା ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି କୃତ୍ୟକୃତ୍ୟ ହେଲେ। ସମଗ୍ର ବିଶ୍ୱର ସାଙ୍କେତିକ ସ୍ୱରୂପ, ନିରାକାର, ପୁଣି ନରାକାର ମହାପ୍ରଭୁଙ୍କ ରୂପ ତାଙ୍କୁ ବିମୋହିତ କଲା। ସେ କିଛିଦିନ କ୍ଷେତ୍ରରେ ରହି ପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବା ପାଇଁ ନିଷ୍ପତ୍ତି ନେଲେ।

ଦିନେ ରାଜା ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅରୁଣଚକଡ଼ାରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ କାଉ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଣ୍ଡେ ଅମାଲୁ ଧରି ଉଡ଼ି ଆସିଲା। ଅମାଲୁ ଖଣ୍ଡକ କାଉ ଥଣ୍ଟରୁ ରାଜାଙ୍କ ସମ୍ମୁଖରେ ଅକସ୍ମାତ୍ ଖସି ପଡ଼ିଲା। ରାଜା ମହାପ୍ରସାଦ ଖଣ୍ଡକୁ ଉଠାଇ ଆଣିବା ପାଇଁ ହାତ ବଢ଼େଇଲା ବେଳକୁ ଗୋଟିଏ କୁକୁର କାହିଁ ଥିଲା, ପବନ ବେଗରେ ଆସି ଅମାଲୁରୁ ଖଣ୍ଡେ ନେଇ ଚାଲିଗଲା। କୁକୁର ଅଇଁଠା ହେଲେ ମଧ୍ୟ ମହାପ୍ରସାଦର ପବିତ୍ରତା ହାନି ହୁଏ ନାହିଁ। ସେ ବିଷୟରେ ଶାସ୍ତ୍ରରେ ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ରାଜା ସେ ବିଷୟରେ ଅଜ୍ଞାତ ଥିବାରୁ ଅମାଲୁ କୁକୁର ଅଇଁଠା ହୋଇଗଲା ବୋଲି ଆଉ ଆଣିଲେ ନାହିଁ। ମହାପ୍ରସାଦକୁ ଅସମ୍ମାନ କରିବା ଅପରାଧ ଯୋଗୁଁ ରାଜା କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ରାଜା ଏକଥା ଜାଣିପାରି ପ୍ରଭୁଙ୍କର ଶରଣାଗତ ହେଲେ ଏବଂ କ୍ଷେତ୍ର ଛାଡ଼ି ଗଲେ ନାହିଁ। କିନ୍ତୁ ରାଜ୍ୟର ଭଲମନ୍ଦ କଥା ଭାବି ଭାବି ସେ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଅନ୍ତର୍ଯ୍ୟାମୀ ମହାପ୍ରଭୁ ଭକ୍ତର ମନକଥା ଜାଣିପାରିଲେ। ସେ ଦିନେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଆଦେଶ ଦେଲେ - 'ରାଜା! ମୁଁ ତୁମର ଭକ୍ତିରେ ସନ୍ତୁଷ୍ଟ। ତୁମେ ମୋର କୈବଲ୍ୟ ପ୍ରସାଦ ନେଇ ରାଜ୍ୟକୁ ଫେରିଯାଅ। ମୋର କୈବଲ୍ୟ ସେବନ କରି ତୁମେ ରୋଗମୁକ୍ତ ହେବ।' ରାଜା ମହାପ୍ରଭୁଙ୍କ ଆଦେଶାନୁସାରେ କୈବଲ୍ୟ ନେଇ ରାଜ୍ୟକୁ ଫେରି ଗଲେ। ପ୍ରତିଦିନ ସ୍ନାନପରେ ମହାପ୍ରଭୁଙ୍କୁ ଆରାଧନା କରି କୈବଲ୍ୟ ସେବା କରିବା ପରେ ପାନଭୋଜନ ଗ୍ରହଣ କରୁଥିଲେ। ଅଳ୍ପଦିନ ପରେ ସେ ରୋଗମୁକ୍ତ ହୋଇ ଯିବାରୁ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ବହୁଗୁଣିତ ହେଲା।

ତା'ପରେ ରାଜା ପୁଣିଥରେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ କ୍ଷେତ୍ର ଓ ଭକ୍ତମାନଙ୍କ ପାଇଁ କିଛି କରିବାକୁ ସଙ୍କଳ୍ପ କଲେ। ସେଦିଗରେ ଉପଯୁକ୍ତ ପ୍ରସ୍ତୁତି ସହ ସେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେ ପ୍ରଥମେ ମହାପ୍ରଭୁଙ୍କ ରତ୍ନଭଣ୍ଡାରକୁ ସାଢ଼େସାତ ମହଣ ସୁନା ଦାନ କଲେ। ତା' ପରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନଙ୍କୁ ସାଢ଼େସାତ ମହଣ ସୁନା ଦାନ କଲେ। ଶେଷରେ ସେ ଶ୍ରୀକ୍ଷେତ୍ରରେ ରହି ଠାକୁରଙ୍କୁ ଆରାଧନା କରୁଥିବା ସାଧୁ, ସନ୍ଥ ଓ ମଠ ମହନ୍ତମାନଙ୍କୁ ସମାନ ଓଜନର ସୁନା ଦାନ କରିବାକୁ ଚାହୁଁଥିଲେ। କିନ୍ତୁ ସାଧୁ, ସନ୍ଥ ଓ ମହନ୍ତମାନେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କୃପାପ୍ରାର୍ଥୀ ହେବେ ନାହିଁ ବୋଲି ଦୃଢ଼ତାର ସହ ଜଣେଇ ଦେଲେ। ତେଣୁ ରାଜା ସେ ସୁନାକୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ଉଦ୍ଦେଶ୍ୟରେ ଏମାର ମଠର ମହନ୍ତଙ୍କୁ ଦାନ କଲେ ଏବଂ ନିଜେ ବଡ଼ଦାଣ୍ଡ କଡ଼ରେ ଏକ ଗୃହ ନିର୍ମାଣ କରି ବାସ କଲେ। ପ୍ରଥମେ ଅନ୍ନଛତ୍ର ରାଜାଙ୍କ ବସାପାଖରେ ଆରମ୍ଭ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା। ତା' ପରେ ଏମାର ମଠପାଖରେ ଏକ ମଣ୍ଡପ ନିର୍ମାଣ କରାଯାଇ ଅନ୍ନଛତ୍ରକୁ ସେଠକୁ ସ୍ଥାନାନ୍ତର କରାଗଲା।

ବଡ଼ଦାଣ୍ଡରେ ନିର୍ମିତ ରିମା ରାଜାଙ୍କ ପ୍ରାସାଦ ପରବର୍ତ୍ତୀ କାଳରେ ଏକ ମଠରେ ରୂପାନ୍ତରିତ ହେଲା ଏବଂ ତାହା 'ରିମା ଛତ୍ର ମଠ' ଭାବରେ ଖ୍ୟାତ ହେଲା। ଏମାର ମଠର ମହନ୍ତଙ୍କ ତଦାରଖରେ ଏ ମଠ ପୂର୍ବେ ପରିଚାଳିତ ହେଉଥିବାରୁ ଏହା ଶ୍ରୀସଂପ୍ରଦାୟର ମଠ ଥିଲା। ଶୁଣାଯାଏ ଯେ ଏମାର ମଠର ମହନ୍ତ ଶ୍ରୀଗଦାଧର ରାମାନୁଜ ଦାସଙ୍କ ସମୟରେ କୌଣସି କାରଣରୁ ମଠର ଅନ୍ନଛତ୍ର ବନ୍ଦ ହୋଇଗଲା। ପରେ ଏହି ମଠ ଶ୍ରୀମନ୍ଦିର ପରିଚାଳନା ସମିତିକୁ ହସ୍ତାନ୍ତରିତ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପ୍ରବେଶଠାରୁ ନିଷ୍କାସନ ଅଧିକ

## ୨ ଗେଟ୍ ବନ୍ଦ କଲା ହୀରାକୁଦ

**ସମ୍ବଲପୁର, ୨୯।୭ (ସମିସ):** ଉପରମୁଣ୍ଡରେ ବର୍ଷା କମିବା ଓ ହୀରାକୁଦ ଜଳଭଣ୍ଡାରରୁ ଜଳସ୍ତର ଖସିବାରୁ ନଦୀବନ୍ଧ କର୍ତ୍ତୃପକ୍ଷ ଆଜି ୨ଟି ଗେଟ୍ ବନ୍ଦ କରିଦେଇଛନ୍ତି। ଏବେ ୧୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଥିବା ବେଳେ ସଂଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୩.୧୦ ଫୁଟ୍‌ରେ ପହଞ୍ଚିଛି। ନଦୀବନ୍ଧର ବାମପଟର ୧୨ଟି ଓ ଡାହାଣପଟର ୬ଟି, ମୋଟ ୧୮ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୭,୭୬୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୧୨,୫୦୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୭୨,୮୪୪ ଘନଫୁଟ, ପାୱାର ଚେନାଲ ଦେଇ ୩୫,୬୫୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩,୭୭୬ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୩,୨୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୨,୦୭୦ କ୍ୟୁସେକ୍, ଖଇରମାଲଠାରେ ୪,୧୮,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୮୧,୨୫୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪,୬୩,୮୧୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୦.୦୨ ମିମି ଏବଂ ତଳମୁଣ୍ଡରେ ୧୪.୧୧ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ୮ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

## ଶିକ୍ଷକ ଫେରାର୍; ପୋକ୍ସୋ ଆକ୍ଟରେ ମାମଲା

**ବାରିପଦା/ବେତନଟୀ, ୨୯।୭ (ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ପୋକସୋ ଆକ୍ଟ ଅନୁଯାୟୀ (କେସ ନଂ ୩୮୦/୨୫)ରେ ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ନିଲମ୍ବିତ ଶିକ୍ଷକ ଫେରାର୍ ହୋଇଯାଇଥିବାରୁ ପୁଲିସ ଗିରଫ କରିପାରିନାହିଁ।

ସୂଚନାଯୋଗ୍ୟ, ୮ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଶିକ୍ଷକ ଶ୍ରୀ ମହାନ୍ତ କୋଳରେ ବସାଇ ଗେଲ କରିବା ଆଳରେ ଅସଦାଚରଣ କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଶିକ୍ଷକଙ୍କୁ କୈଫିୟତ ତଲବ ଘଟଣା ଏବଂ ପୀଡ଼ିତା ଛାତ୍ରୀଙ୍କ ତଦନ୍ତ ଘଟଣା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ବେତନଟୀ ବିଇଓ ୨୧ ତାରିଖରେ ୧୫ ଦିନିଆ ଅସ୍ଥାୟୀ ନିଲମ୍ବନ କରି ତଦନ୍ତ ଆଦେଶ ଦେଇଥିଲେ। ମାତ୍ର ଘଟଣାକୁ ଚପାଇବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲା; ଯାହାକୁ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ପୁଲିସ ମଙ୍ଗଳବାର ସ୍କୁଲକୁ ଯାଇ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ବୟାନକୁ ରେକର୍ଡ କରିଛି। ତେବେ ପୂର୍ବରୁ ଏକାଧିକ ସ୍କୁଲରେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ବାରମ୍ବାର ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ଶିକ୍ଷକଙ୍କୁ ଗିରଫ ଓ ଚାକିରିରୁ ବହିଷ୍କାର କରିବାକୁ ବେତନଟୀ ବ୍ଲକ୍ ଜେଏମ୍‌ଏମ୍ ପକ୍ଷରୁ ଦାବି କରାଯାଇ ବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଅବଶିଷ୍ଟାଂଶ

### ସଂସଦରେ 'ସିନ୍ଦୂର'...

ଶିକ୍ଷା ଦିଆଯାଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ପୂରା ସ୍ୱାଧୀନତା ଦିଆଯାଇଥିଲା। ଆମର ସେନା ଆତଙ୍କବାଦର ମାଷ୍ଟରମାଇଣ୍ଡଙ୍କୁ ଏପରି ଜବାବ ଦେଇଛନ୍ତି ଯେ ସେମାନଙ୍କର ନିଦ ହଜିଯାଇଛି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଆମର ସେନା ପାକିସ୍ତାନ ସହିତ ଲଢ଼େଇ କରୁଥିବା ବେଳେ ବିରୋଧୀ ନେତାମାନେ 'ଛିଛୋରାପନ'ରେ ମାତିଥିଲେ। ସେମାନେ ଜାତୀୟ ସୁରକ୍ଷାର ରାଜନୀତିକରଣ କରୁଥିଲେ। ସେ କହିଲେ ଯେ ବିରୋଧୀଙ୍କ ଏଭଳି ଆଚରଣ କେବଳ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରିବ। ସେମାନେ କେବେହେଲେ ଦେଶବାସୀଙ୍କ ହୃଦୟ ଜିଣିପାରିବେ ନାହିଁ। ଅପରେସନ ସିନ୍ଦୂରର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତୀୟ ସେନା ଲକ୍ଷ୍ୟଭେଦି ଆକ୍ରମଣ କରି ୨୨ ମିନିଟ ମଧ୍ୟରେ ସଫଳତା ପାଇଥିଲେ। ଏପ୍ରିଲ ୨୨ ତାରିଖରେ ପହଲଗାମ ଆକ୍ରମଣ ପରେ ପାକିସ୍ତାନ ଜାଣିଥିଲା ଯେ ଭାରତ ଆକ୍ରମଣ କରିବ। ଏବଂ ଆମେ ଅପରେସନ ସିନ୍ଦୂର ମାଧ୍ୟମରେ ଆମର ଦୃଢ଼ ଇଚ୍ଛାଶକ୍ତିର ପ୍ରଦର୍ଶନ କରିଛୁ। ଭାରତ ପ୍ରମାଣ କରିଦେଇଛି ଯେ କୌଣସି ପରମାଣୁ ବ୍ଲାକମେଲିଂ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କର ଅନେକ ବାୟୁସେନା ଘାଟୀ ଏବେ ଆଇସିୟୁରେ ରହିଛି ବୋଲି ସେ କହିଥିଲେ। ଏହା ଥିଲା ଟେକନୋଲୋଜି ଭିତ୍ତିକ ଯୁଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଥିପାଇଁ ପ୍ରସ୍ତୁତ କରିନଥିଲେ, ପାକିସ୍ତାନର ଏଭଳି ଅକଳ୍ପନୀୟ କ୍ଷତି ହୋଇନଥାଆନ୍ତା।

ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ପହଲଗାମ ଆକ୍ରମଣରେ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି ବୋଲି ଉଲ୍ଲେଖ କରି ଶାହ କହିଲେ ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ, ଏହାର ପ୍ରମାଣ ଆମ ପାଖରେ ରହିଛି। ପହଲଗାମ ଆକ୍ରମଣରେ ସଂପୃକ୍ତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେ କହିଲେ ଯେ ଭାରତର ବିଭାଜନକୁ କଂଗ୍ରେସ ବିରୋଧ କରିଥିଲେ ଯେ ଆଜି ଆତଙ୍କବାଦୀ ହିଂସା ହୋଇନଥାଆନ୍ତା। ସେ କହିଲେ ଯେ ୧୯୪୮ରେ ପାକ୍ ଅଧିକୃତ କଶ୍ମୀରକୁ ପୁଣି ଦଖଲ କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ବେଳେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏକତରଫା ଭାବେ ଅସ୍ତ୍ରବିରତି ଘୋଷଣା କରିଥିଲେ। ସେହିଭଳି ୧୯୭୧ରେ ପାକିସ୍ତାନର ୯୩ ହଜାର ସୈନ୍ୟ ଆତ୍ମସମର୍ପଣ କରିଥିଲେ ଏବଂ ପାକିସ୍ତାନର ୧୫ ହଜାର ବର୍ଗକିଲୋମିଟର ଭାରତର କବ୍ଜାରେ ଥିଲା। ତଥାପି ପାକ୍ ଅଧିକୃତ କଶ୍ମୀର ଦଖଲ କରାଗଲା ନାହିଁ। ସେ କହିଲେ ଯେ ୨୦୦୫ରୁ ୨୦୧୧ ମଧ୍ୟରେ ଭାରତରେ ୨୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କିନ୍ତୁ ଏହାର ମୁକାବିଲା ଲାଗି ସେତେବେଳେ କଂଗ୍ରେସ ସରକାର କଣ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ଏବେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କଲେ ଏହାର କଡ଼ା ଜବାବ ଦିଆଯାଉଛି।

ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ମୁକାବିଲା କରିବାରେ ଭାରତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିଲା ବୋଲି ଅଭିଯୋଗ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ଲୋକସଭାରେ ଏହି ପ୍ରସଙ୍ଗରେ ଚାଲିଥିବା ଆଲୋଚନାରେ ଭାଗ ନେଇ ରାହୁଲ କହିଲେ ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିବା ଲାଗି ଭାରତୀୟ ବାୟୁସେନାକୁ ପଠାଯାଇଥିଲା, କିନ୍ତୁ ପାଇଲଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ। ଏହି କାରଣରୁ ଭାରତକୁ କିଛି ଜେଟ୍ ହରାଇବାକୁ ପଡ଼ିଲା। ଏହା ନିଜେ ଭାରତୀୟ ସାମରିକ ଅଧିକାରୀ ସ୍ୱୀକାର କରିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନକୁ ଭାରତ କାହିଁକି ଜଣାଇଥିଲା ଯେ ପାକିସ୍ତାନର ପ୍ରତିରକ୍ଷା ପ୍ରତିଷ୍ଠାନକୁ ଆକ୍ରମଣ କରାଯିବ ନାହିଁ। ଏହା ଆମର ଦୁର୍ବଳତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦର୍ଶାଉଛି। ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ସଫଳତା ହାସଲ କରୁଥିବା ବେଳେ କଣ ପାଇଁ ଯୁଦ୍ଧବିରତି କରାଗଲା ବୋଲି ପ୍ରଶ୍ନ ଉଠାଇ ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୯ଥର କହିଲେଣି ଯେ ତାଙ୍କ ଯୋଗୁଁ ଯୁଦ୍ଧବିରତି ହୋଇଛି। ଯଦି ଟ୍ରମ୍ପ ମିଛ କହୁଛନ୍ତି, ତାହେଲେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ମିଛୁଆ କାହିଁକି କହୁ ନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ରାଜନାଥ ସିଂହଙ୍କ ତୁଳନାକୁ ବିରୋଧ କରି ରାହୁଲ କହିଲେ ଯେ ବାଂଲାଦେଶ ଯୁଦ୍ଧ ବେଳେ ପାକିସ୍ତାନର ବିଭାଜନକୁ ବିରୋଧ କରିବା ଲାଗି ଆମେରିକା ଏହାର ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ପଠାଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଖାତିର ନକରି ପାକିସ୍ତାନକୁ ଦୁଇ ଭାଗ କରାଇଥିଲେ। ସେଭଳି ଇଚ୍ଛାଶକ୍ତି ଅପରେସନ ସିନ୍ଦୂର ବେଳେ ନଥିଲା। ଅପରେସନ ସିନ୍ଦୂର ପରେ ଭାରତର କୁଟନୀତିର ସମାଲୋଚନା ରାହୁଲ କହିଲେ ଯେ ଚୀନ ଓ ପାକିସ୍ତାନକୁ ଅଲଗା ରଖିବାରେ ଆମ ନୀତି ବିଫଳ ହୋଇଛି। ଅପରେସନ ସିନ୍ଦୂର ବେଳେ କେବଳ ଭାରତ କେବଳ ପାକିସ୍ତାନ ନୁହେଁ, ଚୀନ ସହ ମଧ୍ୟ ଲଢ଼ିଥିଲା।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଲେ ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଲା। ଏଥିପାଇଁ କେହି ନିଜ ଉପରକୁ ଦୋଷ ନେଉ ନାହାନ୍ତି କାହିଁକି। ନେହରୁ, ଇନ୍ଦିରା ଓ ସୋନିଆଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କାହିଁକି ହେଲା, ସେସଂପର୍କରେ କାହିଁକି ନିରବ ରହିଲେ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ।

### ବ୍ୟାଙ୍କରେ ୬୭ ହଜାର...

ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ଏବଂ କାନାରା ବ୍ୟାଙ୍କ ୬୨୭୮.୧୪ କୋଟି ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ରହିଛି। ସେ କହିଛନ୍ତି ଯେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ୨୦୬୩.୪୫ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଏହା ପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧୬୦୯.୫୬ କୋଟି ଟଙ୍କାର ଅଘୋଷିତ ଜମା ଅଛି ଏବଂ ଆକ୍ସିସ୍ ବ୍ୟାଙ୍କରେ ୧୩୬୦.୧୬ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଦାବି ନ ଥିବା ଜମା ରାଶି ପର୍ଯ୍ୟନ୍ତ ପ୍ରବେଶ ବୃଦ୍ଧି କରିବା ଏବଂ ସନ୍ଧାନ ପ୍ରକ୍ରିୟାକୁ ସରଳ କରିବା ପାଇଁ, ଆରବିଆଇ ଜନସାଧାରଣଙ୍କ ପାଇଁ ଏକ କେନ୍ଦ୍ରୀୟ ୱେବ୍ ପୋର୍ଟାଲ୍ 'ଉଦ୍‌ଗମ୍' ଆରମ୍ଭ କରିଛି। ଉକ୍ତ ପୋର୍ଟାଲ୍ ପଞ୍ଜିକୃତ ଉପଭୋକ୍ତାମାନଙ୍କୁ ଏକାଧିକ ବ୍ୟାଙ୍କରେ କେନ୍ଦ୍ରୀୟ ଭାବରେ ଏକ ସ୍ଥାନରେ ଅଘୋଷିତ ଜମା/ରାଶି ପରିମାଣ ଖୋଜିବାର ସୁବିଧା ପ୍ରଦାନ କରେ।

### କେଉଁଠି ରଖିବେ...

ଆଲୋଚନା କରିବା ସହ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ଓ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ବଳକା ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫସିଆଇର ମନମାନିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ଫେରାଦ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ପରୋକ୍ଷରେ ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ତଥା ଏଫସିଆଇର ମନମାନି କରାଣରୁ ରାଜ୍ୟ ସରକାର ଦୋଛକିରେ ପଡ଼ିଛନ୍ତି। ଇନପୁଟ ସବସିଡି ସହ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କରିବା ପରେ ସରକାରଙ୍କୁ ଧାନ ବିକିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଯୋଗୁଁ ଗତ ଖରିଫରେ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ସରକାର ଦାବି କରିଥିଲେ। ମାତ୍ର ଏବେ ଏଫସିଆଇ ଚାଉଳ ଉଠାଉ ନଥିବାରୁ ଆସନ୍ତା ଖରିଫରେ ଚାଷୀଙ୍କଠାରୁ ଧାନ କିଣି ସରକାର କଣ କିଣିବେ, ସେନେଇ ଚିନ୍ତା ପ୍ରକାଶ ପାଇଲାଣି। ଅତଏବ ଚାଷୀଙ୍କ ଠାରୁ କମ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ, ଇ-କେୱାଇସି ପରି ଜଟିଳ ପନ୍ଥା ଆପଣେଇଛନ୍ତି ବୋଲି ଚାଷୀ ନେତାଏ ସନ୍ଦେହ ପ୍ରକାଶ କରୁଛନ୍ତି। ଅତୀତରେ ବିଜେଡି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲା, ଦଳୀୟ ସାଂସଦମାନେ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ମାତ୍ର ଏବେ ରାଜ୍ୟରୁ ନିର୍ବାଚିତ ୨୦ ସାଂସଦ ଏହି ପ୍ରସଙ୍ଗକୁ ନେଇ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳର ସାଂସଦମାନେ ଏହାକୁ ସଂସଦରେ କାହିଁକି ଉଠାଉ ନାହାନ୍ତି ବୋଲି ରାଜ୍ୟର ଚାଷୀମାନେ ପ୍ରଶ୍ନ କରିଛନ୍ତି।

### ଚଷମାରେ ଗୁପ୍ତ...

ଶ୍ରୀମନ୍ଦିର ଭିତରେ ବୁଲୁଥିଲେ। ତେବେ ସେ ଫଟୋ କ୍ୟାପ୍‌ଚର କରୁଥିବା ପୁଲିସର ସନ୍ଦେହ ହୋଇଥିଲା। ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇବା ପରେ ସିଂହଦ୍ୱାର ଥାନାକୁ ଆଣିଥିଲା। ସେଠାରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଚଷମାକୁ ଯାଞ୍ଚ କରାଯାଇଥିଲା। ସେଥିରେ ଫଟୋ କ୍ୟାପ୍‌ଚର କରିଛନ୍ତି କି ନାହିଁ, ସେନେଇ ଖୋଳତାଡ଼ କରିଥିଲା ପୁଲିସ। ଯୁବକଜଣଙ୍କ ଅଣ୍ଡରଟେକିଂ ଲେଖି ଦେବା ପରେ ପୁଲିସ ତାଙ୍କୁ ଛାଡ଼ିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ସେହି ଗୁପ୍ତ କ୍ୟାମେରାରେ ସେ ଶ୍ରୀମନ୍ଦିରର ଫଟୋ ଉଠାଇଛନ୍ତି ନା ନାହିଁ? ଏ ସଂକ୍ରାନ୍ତରେ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯୁବକଙ୍କୁ ଛାଡ଼ି ଦିଆଯିବା ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ନୂତନ ଜିଲ୍ଲାପାଳ ଦେବ ଜ୍ୟୋତି ପରିଡ଼ାଙ୍କ ସହିତ ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଏଏସ୍‌ଆଇ ସୋସିଆଲ ମିଡିଆ ପେଜ୍‌ରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ଭିଆଇପି ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଏବଂ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ, ମନ୍ଦିର ପ୍ରଶାସନ ନେଇପାରିବେ। ଏହାସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

### ସ୍ତ୍ରୀ, ଶାଶୂଙ୍କୁ ମାରି...

ଅନୁମାନ କରୁଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଦେବାଶିଷକୁ ପଚରାଉଚରା ଚଳାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ପାରିବାରିକ କଳହ ଯୋଗୁ ସୋନାଲି ସ୍ୱାମୀ ଦେବାଶିଷଙ୍କୁ ଛାଡ଼ି ନିଜ ଘରେ ରହୁଥିଲେ। ଗତ ୧୨ ତାରିଖରେ ସୋନାଲି ତାଙ୍କ ମା' ସୁମତାଙ୍କ ସହ ଦେବାଶିଷଙ୍କ ଘରକୁ ଆସିଥିଲେ। ହେଲେ ଗତ ୧୭ ତାରିଖ ଦିନଠାରୁ ତାଙ୍କର ଆଉ ଖୋଜଖବର ମିଳି ନ ଥିଲା। ଏ ସଂପର୍କରେ ସୋନାଲିଙ୍କ ଭଉଣୀ ଦୁହିଁଙ୍କ ନିଖୋଜ ନେଇ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ବହୁ ତଦନ୍ତ ପରେ ମଧ୍ୟ କାହାରି ସନ୍ଧାନ ନ ମିଳିବାରୁ ଆଜି ପୁଲିସ ଦେବାଶିଷ ଘରେ ପହଞ୍ଚି ତନାଘନା କରିଥିଲା। ପ୍ରଥମେ ପ୍ରଥମେ ପୁଲିସ୍‌କୁ ଏଣ୍ଡୁତେଣ୍ଡୁ କହି ଦେବାଶିଷ ଫାଙ୍କିଥିଲା। କିନ୍ତୁ ପରେ ପୁଲିସ୍‌ର ନାଲି ଆଖି ଦେଖି ସତ ଓଗାଳିଥିଲା। ଗତ ୧୫ତାରିଖରେ ସେ ସ୍ତ୍ରୀ ଓ ଶାଶୂଙ୍କୁ ପଥରରେ ଛେଚି ହତ୍ୟା କରିବା ପାରେ ମାଟି ତଳେ ପୋତି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା ଦେବାଶିଷ। ପରେ ପୁଲିସ୍ ଗାତ ଖୋଳି ଲେମ୍ବୁବାଡ଼ିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା।


"e" Tender Notice (i-248)

PANCHAYAT SAMITI, BALIANTA

E-mail- ori-balianta@nic.in

No.2696/ Date 28.07.2025

DETAIL TENDER CALL NOTICE NO. 02/PSB/2025-26

1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding: 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification: 16.08.2025 up to 5.00 P.M.
6. Date & time of opening of Tender: 18.08.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)

Block Development Officer, Balianta

OIPR-19265/11/0007/2526

IDBI BANK — ଆଇଡିବିଆଇ ବ୍ୟାଙ୍କ୍ ଲିଃ. ଖଣ୍ଡଗିରି ଶାଖା, ଭୁବନେଶ୍ୱର, ପିନ୍-୭୫୧୦୩୦ CIN: L65190MH2004GOI148838

**ସର୍ବସାଧାରଣ ନୋଟିସ୍**

ଆମେ ମେସର୍ସ ମା ସି ଫିସ୍ ଟ୍ରେଡିଙ୍ଗ୍ ଆଣ୍ଡ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଗୁରୁ ଏବଂ ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଷମା ରାଣୀ ଗୁରୁଙ୍କ ଏନ୍‌ପିଏ (NPA) ଋଣ ଆଦାୟ ନିମନ୍ତେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୧୯/୧୧୧୩, ଖାତା ନଂ.: ୬୭, ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଅରୁଣୋଦୟ ନଗର, ୟୁନିଟ୍-୩୮, ତହସିଲ/ଏସ୍‌ଆରଓ: କଟକ, ଥାନା: ମଧୁପାଟଣା, ଥାନା ନଂ.: ୫, ଜିଲ୍ଲା: କଟକ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅଶୋକ ସାହୁ, ଦକ୍ଷିଣ: ରାସ୍ତା, ପୂର୍ବ: ବିରା ଗୁରୁ ଏବଂ ପଶ୍ଚିମ: ନାରାୟଣ ଗୁରୁ ତାହାକୁ ସରଫେସୀ ଆକ୍ଟ, ୨୦୦୨ ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧାଙ୍କ ଆଦେଶ ପ୍ରାପ୍ତ କରି କଟକ ପୋଲିସ୍‌ଙ୍କ ସହାୟତାରେ ତା.୧୮.୦୫.୨୦୨୨ରିଖରେ ଭୌତିକ (Physical) ଦଖଲ ନେଇଛୁ। ଉପର ଦର୍ଶିତ ଗୃହରେ କିଛି ଘରୋଇ ବ୍ୟବହୃତ ଦ୍ରବ୍ୟ ଥିବାର ଆମ ଦୃଷ୍ଟିକୁ ଆସିଛି ଏବଂ ଆମେ ସଂପୃକ୍ତ ପକ୍ଷମାନଙ୍କୁ ସେଗୁଡିକୁ ନେଇଯିବାକୁ ଜଣାଇ ଦେଇଥିଲୁ କିନ୍ତୁ ସଂପୃକ୍ତ ପକ୍ଷମାନେ କିମ୍ବା ସେମାନଙ୍କର ପ୍ରତିନିଧି ବର୍ତ୍ତମାନ ସୁଦ୍ଧା ଉକ୍ତ ଦ୍ରବ୍ୟଗୁଡିକୁ ନେଇ ନାହାଁନ୍ତି। ତେଣୁ ଆମେ ସଂପୃକ୍ତ ପକ୍ଷମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଉପର ଦର୍ଶିତ ଗୃହରୁ ସେମାନଙ୍କର ଦ୍ରବ୍ୟଗୁଡିକୁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ନିଅନ୍ତୁ ଅନ୍ୟଥା କୌଣସି ଦାବୀ ପକ୍ଷମାନଙ୍କ ତରଫରୁ ନାହିଁ ବୋଲି ବ୍ୟାଙ୍କ ବିବେଚନା କରିବ ଏବଂ ଆଇନ ଅନୁସାରେ ଉକ୍ତ ଦ୍ରବ୍ୟଗୁଡିକର ଫଏସଲା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

କ୍ଷମତାପ୍ରାପ୍ତ ଅଧିକାରୀ

Government of Odisha (O-488)

Office of the Superintending Engineer

Rural Works Division-I, Nabarangpur.

e-mail-serwnga@rediffmail.com

Letter No. 4144 — Date 21.07.2025

e-Procurement Notice

Name of the work :- Building Works

Total No. of works :- 29 (Twenty Nine) No's.

Approx. Estimated Cost :- Rs. 2.54 lakhs to Rs. 08.47 lakhs

Class of Contractor :- "C" & "D" Class Contractor

Period of completion :- 02 (Two) Calender Month

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 5 | |
| Rural Works Division-I, Nabarangpur | EERWNGP – Online -04/2025-26 | 29 (Twenty Nine) No's. | 01.08.2025 at 10.00 AM | 11.08.2025 up to 03.00 PM | 12.08.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer, Rural Works Division-I, Nabarangpur

OIPR-25092/11/0019/2526

O-508 — e-mail – serwsbd2003@yahoo.com

GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER

RURAL WORKS CIRCLE, SUNABEDA

No. 2647 — Dt. 28.07.2025

1st corrigendum

In continuation to this office Bid Identification No- CCERWCSBD Online-07/2025-26 invited vide this office Notice No.2306 Dtd. 03.07.2025, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 10.07.2025 at 11.00 AM to 30.07.2025 up to 5.00 Pm | Extended up to 14.08.2025 5.00 Pm |
| 2 | Date and Time of seeking tender clarification if any | 29.07.2025 up to 2.00 PM | 13.08.2025 up to 2.00 PM |
| 3 | Date & Time of opening of tender (Technical Bid) | 31.07.2025 at 11.00 AM | 16.08.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

* Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately) is revised as Varies from Rs.70.33 Lakhs to Rs.299.10 Lakhs (Approximately).

All other terms and conditions will remain unaltered.

Chief Construction Engineer, Rural Works Circle, Sunabeda

OIPR-25182/11/0068/2526

GOVERNMENT OF ODISHA (C-748)

OFFICE OF THE EXECUTIVE ENGINEER,

PUBLIC HEALTH DIVISION, RAYAGADA.

e-mail: -eephd.rgda.od@od.gov.in,eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dtd.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.

Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Executive Engineer, P.H. Division, Rayagda

OIPR-13052/11/0031/2526

**AFFIDAVIT**

I, Pradeep Jena, S/o- Dayanidhi Jena, Resident of At-Rahangiria, PO-Biraharekrushnapur, PS-Puri Sadar, Dist-Puri, Odisha 752002, declare by the affidavit No.417 dtd.- 23/07/2025 that now onwards I shall be known as **PRADIP KUMAR JENA** for all future purposes.

**AFFIDAVIT**

I, Joyti Ranjan Sharma, S/o-Chandrika Sharma, resident of Bharatpur Plot No - 1729, Khandagarigi, Khordha, Odisha 751003, declare by the affidavit No.22088 dtd.- 16/08/2019 that now onwards I shall be known as ***Jyoti Ranjan Sharma*** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated- 28.07.2025. I, Bisarada Sahoo of Village - Hinjalkhal, Po-Zillinda, Ps-Jodum, Dist-Cuttack declare that I have changed the name of my minor Daughter name from Dipanjali Sahoo to Dipa Sahoo. Henceforth, she shall be known as **Dipa Sahoo** for all purposes.

**AFFIDAVIT**

I, Purnachandra Nayak Sunksal, S/o Pranabandhu Nayak, resident of Village at - Kunchi, Kurvenagar, Gulli No-8, Behind Kalina church santacruz east Mumbai, Moharastra, Pin - 400029 declare by this affidavit No-7538, dtd. 28.07.2025 that now onwards I shall be known as PURNACHANDRA NAYAK for all future purposes.

Sd- PURNACHANDRA NAYAK

**AFFIDAVIT**

By virtue of an affidavit before Executive Magistrate, Bargarh, bearing affidavit no.- 170 dtd. 30.5.2025, I Smt. Astami Bishi, W/o- Sri Saroj Kumar Bishi, resident of Vill.- Katurkata, Po.- Vijayapalli, Via- Tulandi, Ps.- Tahasil- Barpali, Dist.- Bargarh state that, my daughter's actual name **Smita Rani Bishi, D.O.B- 13/01/2017**, but in her Aadhaar Card her name has been wrongly mentioned as Sweta Rani Bishi. henceforth she will be known as **Smita Rani Bishi** for all purposes.

**AFFIDAVIT**

I, Sayed Abdullah Shamsher, S/o- Sayed Ale Murtaza, Resident of At-Azad Mohalla, Nala Road, Rourkela, Dist- Sundargarh, Pin-769001, Odisha declare by this Affidavit No. 91, Dated 28.07.2025, that now onwards I shall be known as **SAYED ABDULLAH SHAMSHER MURTAZA** for all future purposes.

**CHANGE OF NAME**

By virtue of an affidavit before Executive Magistrate, Khordha, bearing affidavit no.1493, dtd.30.05.2025, I Radharani Dalei, W/o-Narayan Dalei, resident of Vill./Po.- Badatota, Ps.- Jatni, Dist.- Khordha, Odisha, Pin-752050 state that, I have changed my minor son's name from **Suresh Dalei** to **Suraj Dalei**. Henceforth he will be knwn as **Suraj Dalei** for all future purposes.

**AFFIDAVIT**

I , RUBITA PARIDA, D/o- Ramesh Chandra Parida, At- Singhol, Po-Khalarda, P.s- Cuttack Sadar, Dist- Cuttack , Pin -753011, Odisha declared by this affidavit No. 7942, dated 28/07/25 that now onwards I shall be known as **Rubita Parida** for all future purposes.

**AFFIDAVIT**

I, Priya Purnachandra Nayak, W/o Purnachandra Nayak, resident of Village at - Bania, Po- Aruha, Ps- Basudevpur, Dist- Bhadrak, Odisha, Pin - 756168 declare by this affidavit No- 7537, dtd. 28.07.2025 that now onwards I shall be known as PRIYA NAYAK for all future purposes.

Sd- PRIYA NAYAK

**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/25-26/E-Tender/48,ତା.24.07.2025ରିଖ

(1) ଟେଣ୍ଡର ସଂ.eTender-EastKUR-169-2025,ତା.17.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ଯାର୍ଡଗୁଡ଼ିକରେ 3.675 କି.ମି. ନିମନ୍ତେ TRR(S) ଏବଂ 4.46 କି.ମି. ଲାଇ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 188.53 ଲକ୍ଷ, EMD (ଟଙ୍କାରେ): 2,44,300/-।

(2) ଟେଣ୍ଡର ସଂ.eTender-SouthKUR-168-2025,ତା.17.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର-ପଲାସା ସେକ୍ସନ ବିଭିନ୍ନ ଯାର୍ଡଗୁଡ଼ିକରେ 5.337 କି.ମି. ଲାଇ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 172.47 ଲକ୍ଷ, EMD (ଟଙ୍କାରେ): 2,36,200/-।

(3) ଟେଣ୍ଡର ସଂ.e-TenderSouthKUR-167-2025,ତା.16.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଲୁଗାଁ ଏବଂ ଇଚ୍ଛାପୁରମ୍ ଠାରେ TRD କାରଖାନା ତଥା ମଣ୍ଡଳ OHEକୁ ସ୍ଥାନ ଯୋଗାଇ ଦେବା ପାଇଁ OHE ଏବଂ PSI ଡିପୋଗୁଡ଼ିକର ଉନ୍ନତିକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.14 ଲକ୍ଷ, EMD (ଟଙ୍କାରେ): 2,35,100/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ତଥା 10 ମାସ(କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.08.2025 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଇଚ୍ଛୁକ ଟେଣ୍ଡରକାରୀମାନେ ଇ-ଟେଣ୍ଡରର ସମସ୍ତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-409/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Athgarh, dated- 15.07.2025 I Laxmi Narayan Pattanayak of village- Radhadarsanpur, Po-Khuntakata Ps- Athagarh, Dist-Cuttack declare that I have changed the name of my minor Son name from Ram Narayan Pattanayak to Rama Narayan Pattanayak. Henceforth, he shall be known as **Rama Narayan Pattanayak** for all purposes.

**NOTICE (FOR MINOR)**

By virtue of an affidavit sworn before Executive Magistrate, Bhubaneswar, dated 21/07/2025. I, **Sthitapragyan Routray,** Address: B1-111, G.A. Colony, Bharatpur, P.O.- Bharatpur, P.S.- Bharatpur, Bhubaneswar, Dist-Khordha, PIN- 751003, Odisha, declare that I have changed the name of my daughter from **Vanshika Routray to Vanshika P Routray.** Henceforth, she shall be known as **Vanshika P Routray** for all purposes.

Sthitapragyan Routray

**AFFIDAVIT**

By virtue of an affidavit sworn before the Executive Magistrate, Ranapur, I **Madhab Chandra Parida**, aged 53 yrs, resident of Vill/Po- Gopalpur, Ps- Ranapur, Dist-Nayagarh, Odisha declared that my son name has been mentioned as **Ritesh Parida** in school record and my name has been mentioned as **Madhab Parida** in Aadhar Card vide No: 9505 8804 4506 my son name has been mentioned as **Hitesh Parida** and my name has been mentioned as **Nirmal Parida**, My sons correct name is **Ritesh Parida** and my correct name is **Madhab Chandra Parida**. Henceforth both name **Ritesh Parida** and **Hitesh Parida** are same and one person and my correct name is **Madhab Chandra Parida** instead of **Nirmal Parida**, my son will be known as **Ritesh Parida** for all future purposes.

Madhab Chandra Parida

**AFFIDAVIT**

I, Shailendra Kumar Jain, aged about 51 years, S/o-Tek Chand Jain, resident of Main Road, Kantabanji, Po- Kantabanji, Ps-Kantabanji, Dist- Balangir, Odisha, Pin- 767039 declare by this affidavit No. 1491, dtd. 29/07/2025, that now onwards I shall be known as **SAILENDRA JAIN** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 28/07/2025. I, **Bijay Kumar Goel**, aged about 54 years, S/o- Late Chamrulal Agrawal, permanent resident of At- Raghunathpada, Titilagarh, PO- Titilagarh, PS- Titilagarh, Dist- Balangir (Odisha) affirm that, my actual name is **Bijay Kumar Goel**, which has been reflected in the Aadhar Card vide No. 5843 0099 9477 and other relevant document, but in the School Certificate of my daughter namely **Komal Goel** deponent's name has been mentioned as **Bijay Goel** instead of **Bijay Kumar Goel.** Henceforth, both the names **Bijay Goel** and **Bijay Kumar Goel** is same and one person.

Bijay Kumar Goel

**ଜମିପଟ୍ଟା ହଜିଛି**

ମୁଁ ଶ୍ରୀ ପ୍ରତାପ ଗର୍ଡିଆ (୩୮), ପିତା - ନବୀନ ଚନ୍ଦ୍ର ଗର୍ଡିଆ, ଗ୍ରାମ - ଧୁତରା, ପୋ.-ଅର୍ଡା, ଥାନା-ଲଇକେରା, ଜିଲ୍ଲା - ଝାରସୁଗୁଡା, ଓଡିଶାର ନିବାସୀ ଅଟେ। ମୁଁ ଗତ ତାରିଖ ୨୩ ଜୁଲାଇ ୨୦୨୫, ବୁଧବାର ଦିନ ସକାଳ ୧୦ . ୩୦ ନିଜ ଗ୍ରାମ ଧୁତରାରୁ କିର୍ମିରାକୁ ଯାଉଥିବା ବେଳେ ନଂ.୭୪୭/୪୭୯୫, ମୌଜା-ଝାରସୁଗୁଡା, ସତ୍ୟନଗର, ବାଲିଯୋରୀ, ୟୁନିଟ-୨ ନିଜସ୍ୱ ଜମିପଟ୍ଟାଟି ହଜି ଯାଇଛି। କେହି ସହୃଦୟ ବ୍ୟକ୍ତିଙ୍କ ନଜରରେ ଆସିଲେ ମୋ ମୋବାଇଲ ନଂ. ୭୫୪୦୯୪୩୪୬୪ ଯୋଗାଯୋଗ ପାଇଁ ଅନୁରୋଧ।

## ମନରେଗାରେ ଦୁର୍ନୀତି

# ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଇ ଏନ୍‌ଏମ୍‌ଏମ୍‌ଏସ୍‌ରେ ଅପଲୋଡ୍ ହେଉଛି ଫଟୋ

ଏମ୍‌ଭି-୭୯,(ସମିସ)୨୯।୭:



ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ପୁଶୁଗୁଡା ପଞ୍ଚାୟତରେ ମନରେଗା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବର୍ଷକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଶହେ ଦିନର ମଜୁରୀକୁ ସ୍ପଷ୍ଟ କରିବା ପାଇଁ ଶିଶୁ ଶ୍ରମିକଙ୍କୁ ମନରେଗା କାର୍ଯ୍ୟରେ ନିୟୋଜିତ କରାଯିବା ସହ ଅନ୍ୟ ଏକ ମୋବାଇଲରେ ଉଠାଯାଇଥିବା ଶିଶୁ ଶ୍ରମିକଙ୍କ ଫଟୋରୁ ଫଟୋ ଉଠାଇ ଏନ୍‌ଏମ୍‌ଏମ୍‌ଏସ୍ ସାଇଟ୍‌ରେ ଅପଲଡ୍ କରାଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ ପାଇଁ ଦାବି ହୋଇଛି। ସୂଚନାମୁତାବକ, ପୁଶୁଗୁଡ଼ା ପଞ୍ଚାୟତର ସୁନାବେଡା ପାହାଡ଼ ପାଖରେ ଏକ ଟିସିବି କାମ ହୋଇଥିବାବେଳେ ଏଥିରେ ଛୋଟ ଛୋଟ ଶିଶୁଙ୍କୁ ନିୟୋଜିତ କରାଯାଇଛି। ଅନ୍ୟ ଏକ ମୋବାଇଲ୍‌ରେ ଉଠାଇଥିବା ଶିଶୁ ଶ୍ରମିକଙ୍କ ଫଟୋରୁ ଫଟୋ ଉଠାଇ ୧୫ ଜୁଲାଇରେ ଏନ୍‌ଏମ୍‌ଏମ୍‌ଏସ୍ ସାଇଟ୍‌ରେ ଅପଲୋଡ୍ କରାଯାଇଥିବା ଦେଖିବା ପାଇଁ ମିଳିଛି। ଯୋଉଁଥିରୁ ମନରେଗା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସ୍ପଷ୍ଟ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏହି କାର୍ଯ୍ୟର ନିୟମ ଅନୁଯାୟୀ, ଯେଉଁଦିନ ଶ୍ରମିକ କାର୍ଯ୍ୟ କରିବେ ସେହି ଦିନ ହିଁ ତାହାକୁ ଏନ୍‌ଏମ୍‌ଏମ୍‌ଏସ୍ ସାଇଟ୍‌ରେ ଅପଲୋଡ୍ କରାଯିବା କଥା କିନ୍ତୁ ଗାଇଡ୍‌ଲାଇନ୍‌କୁ ଖିଲାପ କରି ଜଣେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜନ କରିବା ସହ ଏକ ମୋବାଇଲ୍‌ରେ ଉଠାଯାଇଥିବା ଫଟୋକୁ ସାଇଟ୍‌ରେ ଅପଲୋଡ୍ କରିବା କାର୍ଯ୍ୟର ବାସ୍ତବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କାର୍ଯ୍ୟର କୋଡ଼ ନମ୍ବର- ୨୪୩୧୦୧୪୦୦୮/ ଡବ୍ଲ୍ୟୁସି/୧୦୯୨୨୦୯୫ ବୋଲି ଏନ୍‌ଏମ୍‌ଏମ୍‌ଏସ୍ ପୋର୍ଟାଲରୁ ଜଣାପଡ଼ିଛି। ଏହି କାର୍ଯ୍ୟ ଓ ନିୟୋଜିତ ଶ୍ରମିକଙ୍କ ପ୍ରକୃତ ତଥ୍ୟ ଯାଞ୍ଚ କଲେ ଏକ ବଡ ଧରଣର ଦୁର୍ନୀତି ସହ ମନରେଗା କାମରେ ଚାଲିଥିବା ବାଟମାରଣା ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ● ଅଭିଯୋଗ ଶୁଣୁନାହାନ୍ତି ପ୍ରଶାସନ କି ଜନପ୍ରତିନିଧି

# ନିର୍ମାଣ ହେଉନି ଭଙ୍ଗା କଲଭର୍ଟ; ସମସ୍ୟା ଭୋଗୁଛନ୍ତି ଲୋକ



ପଦ୍ମପୁର,୨୯।୭(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ସହର ମଧ୍ୟରେ ଥିବା ମୁଖ୍ୟରାସ୍ତାରୁ ବ୍ୟାଙ୍କ କଲୋନୀ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କଲଭର୍ଟଟି ଦୀର୍ଘ ବର୍ଷ ହେବ ଭାଙ୍ଗି ଯାଇଥିବା ବେଳେ ନାଳ ନର୍ଦ୍ଦମା ଗୁଡିକ ମାଟି ଓ ପଙ୍କ କାଦୁଅରେ ପୋତି ହୋଇଯାଇଛି। ଯାହାକୁ ନେଇ ସାମାଜିକ କର୍ମୀ ତଥା ସଚେତନ ନାଗରିକ ବଳରାମ ପଣ୍ଡା ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ ମଧ୍ୟ ପ୍ରଶାସନ କି ଜନପ୍ରତିନିଧି କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟରାସ୍ତା ଠାରୁ ତ୍ରିବେଣୀ କଲେଜ, ଶିଶୁ ମନ୍ଦିର, ବ୍ୟାଙ୍କ୍, ପୋଷ୍ଟ ଅଫିସ ଆଦି ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କଲ୍‌ଭର୍ଟ ଭାଙ୍ଗିଯାଇଥିବାରୁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଭଙ୍ଗା କଲଭର୍ଟ ସାଙ୍ଗକୁ ଗଳି ରାସ୍ତା ଓ ନାଳ ନର୍ଦ୍ଦମା ଗୁଡିକ ସାମାନ୍ୟ ବର୍ଷା ହେଲେ ପାଣି କାଦୁଅ ଜମି ରହୁଛି। ଏଭଳି ଅଞ୍ଚଳର ସମସ୍ୟାକୁ ନେଇ ସାମାଜିକ କର୍ମୀ ବଳରାମ ପଣ୍ଡା ବହୁବାର ସ୍ଥାନୀୟ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପଦ୍ମପୁର ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହି କଲଭର୍ଟ୍ ନିର୍ମାଣ କରାଯାଉନଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂପର୍କରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଜାନୀଙ୍କୁ ପଚାରିବାରୁ ଉପରୋକ୍ତ କାର୍ଯ୍ୟଟି ୨୦୨୫-୨୬ ଆର୍ଥିକ ବର୍ଷ ନିମିତ୍ତ ସ୍ୱୀକୃତି ପ୍ରାପ୍ତ ହୋଇଛି, ପଞ୍ଚଦଶ କେନ୍ଦ୍ରୀୟ ଆୟୋଗ ଠାରୁ ଅର୍ଥ ଅନୁଦାନ ପ୍ରାପ୍ତ ହୋଇନଥିବା ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରିନଥିବା ଓ ଅନୁଦାନ ପ୍ରାପ୍ତ ହେବା ପରେ ପ୍ରାଥମିକତା ସହ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ୩ ଆହତ

ନନ୍ଦାହାଣ୍ଡି,୨୯।୭(ସମିସ): ନନ୍ଦାହାଣ୍ଡି ବ୍ଲକ୍ ଡଙ୍ଗର ଭେଜା ଗ୍ରାମର ପୁଲିସ ଫାଣ୍ଡି ନିକଟରେ ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ପୁଲିସ ପହଞ୍ଚି ଆହତ ୨ ମହିଳାଙ୍କ ସମେତ ବାଇକ୍ ଚାଳକଙ୍କୁ ଡାକ୍ତରଖାନା ପଠାଇବା ସହ ବାଇକକୁ ଜବତ କରିଥିଲା। ବାଇକ ଚାଳକ ନନ୍ଦାହାଣ୍ଡି ପଞ୍ଚାୟତ ଖୁଣ୍ଟିଆ ଗ୍ରାମର ମଧୁ ଗୌଡ଼ ବୋଲି ଜଣାପଡିଛି।

## ଶିକ୍ଷକଙ୍କ ଅକାଳ ବିୟୋଗ

ଚନ୍ଦ୍ରପୁର,୨୯।୭(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦରରେ ଥିବା ଏସଏସଡି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଜନାର୍ଦ୍ଦନ ଶବର(୪୫)ଙ୍କ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ କଟକ ସରକାରୀ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ଶ୍ରୀ ଶବର ସ୍କୁଲରେ ଜଣେ ଛାତ୍ରବତ୍ସଳ, ମେଳାପି ଓ ଭଲ ଶିକ୍ଷକ ଭାବେ ପିଲାଙ୍କ ପ୍ରିୟ ପାତ୍ର ହୋଇଥିଲେ। ତାଙ୍କର ଅକାଳ ମୃତ୍ୟୁ ଶୁଣି ଛାତ୍ର, ପ୍ରଧାନଶିକ୍ଷକ ଭାସ୍କର ଗୋମାଙ୍ଗ, ସହକାରୀ ଶିକ୍ଷକ ଓ କର୍ମଚାରୀ ଦୁଃଖ ପ୍ରକାଶ କରିଛନ୍ତି।

## ପୁଲିସ କର୍ମଚାରୀ ମନୋରଞ୍ଜନ ସେନାପତିଙ୍କ ବିୟୋଗ

ବିଷମକଟକ,୨୯।୭(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସହର ବ୍ରାହ୍ମଣ ସାହିର ପୁଲିସ କର୍ମଚାରୀ ମନୋରଞ୍ଜନ ସେନାପତିଙ୍କ ଦେହାନ୍ତ ଘଟିଛି। ଗତକିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିଲା। ସେ ଜ୍ୱରରେ ପୀଡ଼ିତ ହେବା ପରେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିଲେ। ପରଲୋକ ବେଳେ ତାଙ୍କ ପିତା ଶିଶିର ସେନାପତି, ପତ୍ନୀ ଶରୀତ ସେନାପତି, ତାଙ୍କ ପୁଅ ଏବଂ ଝିଅ ସମେତ ଭାଇ ସଞ୍ଜୟ ସେନାପତି ଉପସ୍ଥିତି ରହିଥିଲେ। ସେ ଜଣେ ଶାନ୍ତ, ସରଳ ଓ ସଚ୍ଚୋଟ ପୁଲିସ ଭାବରେ ବେଶ୍ ପରିଚିତ ଥିଲେ। ତିନି ମାସ ପୂର୍ବରୁ ସେ କଲ୍ୟାଣସିଂପୁର ଥାନାରେ କାର୍ଯ୍ୟରତ ଥିବା ବେଳେ ବର୍ତ୍ତମାନ ଗୁମୁଡା ଥାନାରେ ବଦଳି ହୋଇଥିଲା।

## ଉଦ୍ୟୋଗୀ ଅଭିବୃଦ୍ଧି କାର୍ଯ୍ୟକ୍ରମ

ଟିକିରି,୨୯।୭(ସମିସ): ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ଗ୍ରାମ ପଞ୍ଚାୟତରେ ଆଇଡିଡିଆଇ ବ୍ୟାଙ୍କ ତରଫରୁ ଉଦ୍ୟୋଗୀ ଅଭିବୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଥିଲା। ଆଇଡିବିଆଇ ବ୍ୟାଙ୍କ୍ ଦ୍ୱାରା ପ୍ରାୟୋଜିତ ପ୍ରକଳ୍ପ ରାଇଜ ୩ ଦିନିଆ ମାଣ୍ଡିଆ ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି ଓ ଉନ୍ନତିକରଣ ସହ ପ୍ୟାକେଟ ପ୍ରସ୍ତୁତ ଏବଂ ରେଜିଷ୍ଟ୍ରେସନ୍ ସମ୍ବନ୍ଧରେ ଉନ୍ମୁକ୍ତ ପ୍ରଶିକ୍ଷଣ ନେଇଛନ୍ତି। ଏହି କାର୍ଯ୍ୟକ୍ରମଟି କିଭଳି ପରିଷ୍କାର ପରିଚ୍ଛନ୍ନତା, ଖାଦ୍ୟର ମାନ ଇତ୍ୟାଦି ବଜାୟ ରଖିବେ ସେବିଷୟରେ ପ୍ରଶିକ୍ଷକ ଜଗନ୍ନାଥ ଚିନାରି ପ୍ରଶିକ୍ଷଣ ଦେଇଥିଲେ। ଟିକିରି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର କ୍ଷେତ୍ର କର୍ମଚାରୀ ଦୀପକ କୁମାର ଲେଙ୍କା ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଋଣ ବିଷୟରେ ଆଲୋକପାତ କରିଥିଲେ । ଏଥିସହିତ ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ ଜୀବିକାର ଚିରସ୍ଥାୟୀ ପାଇଁ ପ୍ରେରଣା ଦେଇଥିଲେ। ପ୍ରକଳ୍ପ ସଂଯୋଜକ ତାରଣୀ ଚରଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଆଗାମୀ ଦିନରେ ଅଧିକରୁ ଅଧିକ ଯୁବ ଉଦ୍ୟୋଗୀ ସୃଷ୍ଟି ପାଇଁ ଅଞ୍ଚଳବାସୀଙ୍କର ସହଯୋଗ କାମନା କରିଛନ୍ତି।

# ନୂତନ ନିର୍ମିତ ରାସ୍ତାକୁ ଭାଙ୍ଗି ନଷ୍ଟ କରୁଛି ମେଗା ପ୍ରକଳ୍ପ

କଲ୍ୟାଣସିଂହପୁର,୨୯।୭(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଚାଲୁଥିବା ମେଗା ପାନୀୟଜଳ ପ୍ରକଳ୍ପ ସ୍ଥାୟୀତ୍ୱକୁ ନେଇ ଏବେ ଚିନ୍ତାରେ ରହିଛନ୍ତି ଅଞ୍ଚଳବାସୀ। ବିଶୁଦ୍ଧ ପାଣି ପାଇଁ ଡହକ ବିକଳ ହୋଇ ଚାତକ ଭଳି ଚାହିଁ ବସିଥିବା ବେଳେ କାର୍ଯ୍ୟକୁ ଦେଖି ଚିନ୍ତାରେ ପଡିଯାଇଛନ୍ତି ଅଞ୍ଚଳବାସୀ। ଏହି ମେଗା ପ୍ରକଳ୍ପ ଗତ ୨୦୨୩ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜିଯାଏ ୩୦ ପ୍ରତିଶତ ଶେଷ ହୋଇନଥିବା ଦେଖିବାକୁ ମିଳିଛି। କାର୍ଯ୍ୟ ଶେଷ ହେବାର ନା ନେଉନଥିବା ବେଳେ ବିଭନ୍ନ ସ୍ଥାନରେ ପୂର୍ତ୍ତ ବିଭାଗ ନିର୍ମାଣକୁ ଭାଙ୍ଗି ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ଗ୍ରାମରେ ନିର୍ମାଣ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତ ସିମେଣ୍ଟ ରାସ୍ତାକୁ ପ୍ରକଳ୍ପ ସଂସ୍ଥା ଭାଙ୍ଗି ଚୁରମାର କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଚୁପଚାପ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜାଣିଶୁଣି ପୂର୍ତ୍ତ ବିଭାଗ ଅଧିକାରୀ କାହିଁକି ଚୁପଚାପ ରହିଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଛି। ରାଜ୍ୟ ରାଜପଥରେ ଭାରି ଯାନକୁ ରାସ୍ତା ଦେବା ବେଳେ ଅଘଟଣ ଘଟିଲେ ଦାୟୀ କିଏ ରହିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ବ୍ଲକ୍‌ର ପ୍ରତି ପଞ୍ଚାୟତରେ ଦୁଇଟି ଓ ତିନିଟି ଲେଖାଏଁ ପାଣି ଟାଙ୍କି ନିର୍ମାଣ କରିଛି ଠିକା ସଂସ୍ଥା। ଏହି ମେଗା ପ୍ରକଳ୍ପର କୌଣସି କାର୍ଯ୍ୟରେ ଯନ୍ତ୍ରୀ ତଦାରଖ କରୁନଥିବାରୁ ଉଭୟଙ୍କ ମିଳାମିଶାରେ ଠିକା କାର୍ଯ୍ୟ ଚାଲିଥିବା ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଅଙ୍ଗନବାଡ଼ି କେନ୍ଦ୍ର ପରିସରକୁ ମାଡିଗଲା ପିକ୍‌ଅପ୍ ଭ୍ୟାନ୍

## ଅଳ୍ପକେ ବର୍ତ୍ତିଲେ ଶିଶୁ



ଜେକେପୁର/କୋଲନରା,୨୯।୭(ସମିସ): ଜେକେପୁର ଠାରୁ ରାୟଗଡ଼ା ଆସୁଥିବା ଏକ ପିକଅପ୍ ଭ୍ୟାନ (ଓଡ଼ି୧୮ପି୦୪୬୭) ନାଇଡୁପେଟା ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ଦ୍ରୁତ ଗତିରେ ଅଙ୍ଗନବାଡ଼ି କେନ୍ଦ୍ର ପାଚେରୀ ଭିତରକୁ ମାଡ଼ିଯାଇଥିଲା। ତେବେ ଗାଡ଼ିଟି ଅଟକି ରହିଯିବାରୁ ଅଳ୍ପକେ ବର୍ତ୍ତି ଗଲେ ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା କୁନି କୁନି ଛାତ୍ରଛାତ୍ରୀ। ଘଟଣାରୁ ପ୍ରକାଶ ଯେ, ଗାଡ଼ିଟି ରାୟଗଡ଼ା ଆସୁଥିବା ବେଳେ ସମ୍ମୁଖରୁ ଏକ ମୋଟରସାଇକେଲ ଆସୁଥିବା ଦେଖି ବ୍ରେକ୍ ମାରିବାକୁ ଚେଷ୍ଟା କରିଥିଲା। ହେଲେ ଭୁଲ ବଶତଃ ଭାରସାମ୍ୟ ହରାଇ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟକୁ ମାଡ଼ିଯାଇଥିଲା। ସେଠାରୁ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ଚାନ୍ଦିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଚାରୁମଜୁମ ଦାରଙ୍କ ସହିଦ ଦିବସ




ରାୟଗଡ଼ା,୨୯।୭(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଅନ୍ତର୍ଗତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ଝରେଡି ପଞ୍ଚାୟତର ତଳସିକାବାଡି ଗାଁରେ ସିପିଆଇ (ଏମ୍‌ଏଲ୍) ଲିବରେସନ ରାୟଗଡ଼ା ଜିଲ୍ଲା କମିଟି ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ସିପିଆଇ (ଏମ୍‌ଏଲ୍) ଲିବରେସନ ପ୍ରତିଷ୍ଠାତା କମ୍ରେଡ ଚାରୁମଜୁମ ଦାରଙ୍କ ୫୩ତମ ସହିଦ ଦିବସ ପାଳନ କରାଯାଇଛି। ଏହି ସଭାରେ ଚାରୁମଜୁମ ଦାରଙ୍କ ଆନ୍ଦୋଳନ ଦ୍ୱାରା ସେହି ସମୟର ସରକାର ଭୁସଂସାର ଆଇନ ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଭୁ-ସଂସାରର ଆଇନ କାର୍ଯ୍ୟକାରୀ କରାଗଲା ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଥିଲା। ଆଦିବାସୀମାନେ ଜଙ୍ଗଲ ଜମିର ଅଧିକାର ପାଇ ପାରିଲେ ନାହିଁ। ଆଦିବାସୀମାନଙ୍କ ଦଖଲରେ ଥିବା ଜମି ପଟ୍ଟା ପ୍ରଦାନ କରାଗଲା ନାହିଁ। ସରକାର ଆଦିବାସୀମାନଙ୍କ ଜମିକୁ କର୍ପୋରେଟମାନଙ୍କୁ ଦେବା ଓ କେନ୍ଦ୍ର ସରକାରଙ୍କର ଜନ ବିରୋଧି କର୍ପୋରେଟ ସପକ୍ଷ ନିତି ଓ ସାମ୍ପ୍ରଦାୟିକ ଫାଶୀବାଦ ବିରୁଦ୍ଧରେ ଜନ ଆନ୍ଦୋଳନ କରିବା ସହ ଓଡିଶାରେ ନାରୀ ଅସୁରକ୍ଷିତ ବୋଲି ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନିରାଜୁ ନିଶିକା, ସିମାଦ୍ରୀ ପାତିକା, ମୋହନ ପାତିକା, ମୁରୋଲି ମୁଟୁକା, ଅଶୋକ କଣ୍ଡାଗରି, ମାଧବ କଣ୍ଡାଗରି, ବୁଡୁ ତୋଇକା, ଛାଞ୍ଚ ଆମା କଣ୍ଡାଗରିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ରାୟଗଡ଼ା ଜିଲ୍ଲା ବ୍ୟାପି ବିଭିନ୍ନ ବ୍ଲକ୍‌ରେ ଜୁଲାଇ ୨୮ ତାରିଖରୁ ଆସନ୍ତା ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଶହୀଦ ଦିବସ ପାଳନ କରାଯିବ ବୋଲି ସମ୍ପାଦକ ତ୍ରିପତି ଗମାଙ୍ଗ କହିଛନ୍ତି।

## ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ଅଧିଷ୍ଠାନ କାର୍ଯ୍ୟକ୍ରମ

ରାୟଗଡା,୨୯।୭(ସମିସ): ରାୟଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରାରମ୍ଭିକ ଅଧିଷ୍ଠାନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟ ଶୁଭାରମ୍ଭ କରିବା ସହ ମହାବିଦ୍ୟାଳୟର ନୀତି ନିୟମ, ବିଦ୍ୟାର୍ଥୀ ଜୀବନରେ ଶୃଙ୍ଖଳାର ମହତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ତାଙ୍କର ଜୀବନରେ ସଫଳତାର ଶୀର୍ଷରେ ପହଞ୍ଚିଥିବା ପାଇଁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ସମସ୍ତ ବିଭାଗର ମୁଖ୍ୟ, ପରୀକ୍ଷା ନିୟନ୍ତ୍ରକ ୱାଇ. ଭି ସାଇ ମାଧବ, ପ୍ରଶାସନିକ ଅଧ୍ୟକ୍ଷ ଟି. ଜ୍ୟୋତି, ଲେଫ୍ଟନାଣ୍ଟ ଉଦୟ ନାଏକ, କୋଷାଧ୍ୟକ୍ଷ ସୁବ୍ରତ କୁମାର ପ୍ରଧାନ, ଏକାଡେମିକ୍ ଅଧିକ୍ଷକ ଡ଼. ଅଜୟ ରଇତ, ଯୁକ୍ତ ଦୁଇ ଆଡ଼ମିଶନ ସଂଯୋଜକ ଟୁବଲ ବେନିଆ ଓ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ପି. ଅରୁଣ କୁମାର ତାଙ୍କର ବକ୍ତବ୍ୟରେ ସଫଳତା ପାଇବା ପାଇଁ ନିଷ୍ପତ୍ତି, ନିର୍ଣ୍ଣୟ ଓ ଶୃଙ୍ଖଳାର ତିନୋଟି ମନ୍ତ୍ରର ଆବଶ୍ୟକତା ବୋଲି ମତପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କୁ ଉପହାର ସ୍ୱରୂପ କଲମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ ଉଦୟ ନାଏକ ପରିଚାଳନା କରିଥିଲେ। ପ୍ରକାଶ ମାଣ୍ଡାଙ୍ଗୀ, ଭି. ଶ୍ରୀକାନ୍ତ ସହଯୋଗ କରିଥିଲେ।

# ୟୁଏସ୍‌ଏ ମାଧ୍ୟମରେ ନିଯୁକ୍ତ ଶିକ୍ଷକଙ୍କୁ ଶିକ୍ଷକ ମାନ୍ୟତା ଦାବି

## ● ଡିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର




ଖଇରପୁଟ,୨୯।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଓଡ଼ିଶା ଅନ୍ୱେଷଣ ସେବା (ୟୁଏସ୍‌ଏ) ମାଧ୍ୟମରେ ନିଯୁକ୍ତ ଶିକ୍ଷକଙ୍କୁ ଅଧିକାରିକ ଭାବରେ "ଶିକ୍ଷକ ତଥା ଶିକ୍ଷିକା' ପରି ଶିକ୍ଷକ ମାନ୍ୟତା ପ୍ରଦାନ ପାଇଁ ଦାବି କରିଛି। ଏ ସଂପର୍କରେ ସଂଘ ପକ୍ଷରୁ ଏକ ଲିଖିତ ଦାବିପତ୍ର ମାଲକାନଗିର ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଦିଆଯାଇଛି। ଖଇରପୁଟ ବ୍ଲକ୍‌ର ଅନେକ ଶିକ୍ଷକ ୟୁଏସ୍ ମାଧ୍ୟମରେ ନିଯୁକ୍ତ ହୋଇ ଦୀର୍ଘ ଦିନ ଧରି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ଦେଉଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କୁ ଅଧିକାରିକ ଭାବରେ "ଶିକ୍ଷକ' ଭାବେ ସ୍ୱୀକୃତି ମିଳୁନାହିଁ। ଏହି ଶିକ୍ଷକଙ୍କୁ ମଧ୍ୟ ଅନ୍ୟ ନିଯୁକ୍ତିପ୍ରାପ୍ତ ଶିକ୍ଷକଙ୍କ ପରି ସମାନ ସମ୍ମାନ ଓ ଅଧିକାର ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଓ ସଚିବ ସନ୍ତୋଷ କୁମାର ପଣ୍ଡାଙ୍କ ଅଧୀନ ଏହି ଚିଠିକୁ ସଦସ୍ୟମାନଙ୍କ ସହମତିରେ ଦିଆଯାଇଛି। ଏହି ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

# ପଦ୍ମପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ପଦ୍ମପୁର/ରାୟଗଡ଼ା,୨୯।୭(ସମିସ):

ପଦ୍ମପୁର ବ୍ଲକ୍ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ୍ କୁମାର, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତଥା ଭାରପ୍ରାପ୍ତ ଗୁଣପୁର ଉପଜିଲ୍ଲାପାଳ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୬୦ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ, ସେଥିରୁ ୫୩ଟି ବ୍ୟକ୍ତିଗତ, ୭ଟି ସାମୂହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ଅବକାରୀ ନିରୀକ୍ଷକ ଧଳସାମନ୍ତ, ଲିଡ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ପଦ୍ମପୁର ବିଡିଓ କୁରେଶ ଜନୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ତହସିଲଦାର ଓ ଥାନା ଅଧିକାରୀ ଯୋଗଦେଇଥିଲେ। ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା ଓ କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍

ବନ୍ଧୁଗାଁ,୨୯।୭(ସମିସ): ବନ୍ଧୁଗାଁ ବ୍ଲକ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମିନି ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଯାଇଛି। ଅନେକ ଦିନ ଧରି ଏଏସ୍‌ଆଇବିଟି ସାଧୁ ଓ କନଷ୍ଟେବଲ ରବି ନାରାୟଣ ଗୁଣ୍ଟା ସ୍ଥାନୀୟ ଯୁବକମାନଙ୍କୁ ଫୁଟବଲ ଖେଳରେ କୋଚିଂ ଦେଇ ଆସୁଥିଲେ। ଖେଳାଳିଙ୍କ ଉତ୍ସାହ ବଢ଼ାଇବା ପାଇଁ ଗତ ଦୁଇ ଦିନ ଧରି ନିକଟସ୍ଥ ବ୍ଲକ୍ ଲକ୍ଷ୍ମୀପୁର ଓ ଡୁମୁରିପଦର ଫୁଟବଲ ଖେଳାଳୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ।

## ଗୁପ୍ତେଶ୍ୱରରେ ବୋଲବମ୍ ଭକ୍ତଙ୍କ ଭିଡ଼

ବୈପାରିଗୁଡ଼ା,୨୯।୮(ସମିସ): ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଜମିଲା ବୋଲବମ ଭକ୍ତଙ୍କ ଭିଡ। ମହାଦେବଙ୍କୁ ଜଳଲାଗି ନିମନ୍ତେ ଶୈବପୀଠରେ ହଜାର କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ନୀତି ନିର୍ଘଣ୍ଟ ଅନୁଯାୟୀ, ରାତି ୧୨ଟାରେ ମନ୍ଦିର ଖୋଲାଯାଇଥିଲା। ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯିବା ପରେ ସାହାଣମେଳା ଦର୍ଶନ ପରେ ଧାଡି ବାନ୍ଧି କାଉଡିଆ ମାନେ ମନ୍ଦିରକୁ ପ୍ରବେଶ କରି ଜଳାଭିଷେକ କରିଥିଲେ। ଶ୍ରାବଣରେ ମନସ୍କାମନା ପୂରଣ ପାଇଁ ମହାଦେବଙ୍କୁ ଜଳଲାଗି କରିବାକୁ ଦୂର ଦୂରାନ୍ତରୁ ଶୈବପୀଠକୁ ପାଣି ଆଣି ଆସିଥିଲେ। ଗୁପ୍ତେଶ୍ୱର ଲିଙ୍ଗ ନିକଟରେ ଜଳ ଲାଗି ପାଇଁ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ବିଶେଷ କରି ମହିଳା କାଉଡିଆଙ୍କ ଭିଡ ଅଧିକ ଥିଲା। ମନ୍ଦିର ପାଦ ଦେଶରୁ ୫ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଧାଡିରେ ଆସି କାଉଡିଆମାନେ ଜଳଲାଗି କରିଥିଲେ।



# ଡେରାକଣା ଗାଁରେ ମୋବାଇଲ ଟାୱାର ସ୍ଥାପନ ଦାବି



ରାୟଗଡ଼ା,୨୯।୭(ସମିସ): ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଆମେ ନେଟୱାର୍କ ସମସ୍ୟାରେ ଜୁଝୁଛୁ। କେବେ ପହଞ୍ଚିବ ଗାଁକୁ ନେଟୱାର୍କ ବୋଲି କହିବା ସହ ଡିଜିଟାଲ ଯୁଗରେ ମୋବାଇଲ ନେଟୱାର୍କ ନ ଥିବାରୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛୁ ବୋଲି କହିଛନ୍ତି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ସିନ୍ଦୁରାଘାଟି ପଞ୍ଚାୟତ ଅନ୍ତର୍ଗତ ଡେରାକଣା ଗ୍ରାମବାସୀ। ଗାଁରେ ଜିଓ ଟାୱାର ସ୍ଥାପନା ପାଇଁ ରାୟଗଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଡେରାକଣା ଗ୍ରାମରେ ୫୦୦ଘର ପରିବାର ବସବାସ କରୁଥିବା ବେଳେ ଗାଁରେ କିମ୍ବା ଗାଁ ଆଖପାଖରେ ମୋବାଇଲ ଟାୱାରଟିଏ ନ ଥିବାରୁ ନେଟୱର୍କ ସମସ୍ୟା ଯୋଗୁଁ ଗାଁ ଲୋକେ ବହୁତ ହଇରାଣ ହେଉଛନ୍ତି। ନେଟୱର୍କ ସମସ୍ୟା ଯୋଗୁଁ ଗାଁରେ ସେବା କେନ୍ଦ୍ରଟିଏ ଖୋଲାଯାଇ ପାରୁନାହିଁ। ଅତି ଜରୁରୀକାଳିନ ସ୍ୱାସ୍ଥ୍ୟ ସେବା ହେଉ ଅଥିବା ଅନ୍ୟାନ୍ୟ ବ୍ୟକ୍ତିଗତ କାରଣ ପାଇଁ କାହାକୁ ଫୋନ୍ କରିବାକୁ ହେଲେ ଗାଁ ଠାରୁ ଦୂର ନେଟୱର୍କ ଆସୁଥିବା ସ୍ଥାନକୁ ଯାଇ ଫୋନ ଯୋଗେ ଯୋଗାଯୋଗ କରାଯାଉଛି। ଦିନ ବେଳେ ଯେଣତେଣ ପ୍ରକାରେ ଚଳିଯାଉଥିବା ବେଳେ ସଂଧ୍ୟା କିମ୍ବା ରାତ୍ର ସମୟରେ ଏହା ସମ୍ଭବପର ହୋଇପାରୁ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ତେଣୁ ଗାଁରେ ଏକ ଜିଓ ମୋବାଇଲ ଟାୱାର ସ୍ଥାପନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ଲଛମନ ନାୟକ, ବିଭିଷଣ ନାୟକ,ଚନ୍ଦ୍ର ଗୌଡ, ପକିରାମ ଗୌଡ, ନିବେଦିତା ଗୌଡ, ବିଳାସିନୀ ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ବଡଘାଟ୍‌ବାସୀଙ୍କ ଦୁଃଖ ଧର୍ମଗାଡ ନଦୀ

# ବର୍ଷା ଦିନେ ହାଣ୍ଡି ଧରି ନଦୀ ପାର ହୁଅନ୍ତି ଗ୍ରାମବାସୀ

ଖଇରପୁଟ,୨୯ ।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଗୋବିନ୍ଦପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବଡଘାଟ୍ ଗ୍ରାମବାସୀଙ୍କ ଦୁଃଖ ପାଲଟିଛି ଧର୍ମଗାଡ ନଦୀ । ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ । ଗ୍ରାମରୁ ବାହାରିବାକୁ ହେଲେ ପାର କରିବାକୁ ପଡୁଛି ଧର୍ମଗାଡ ନଦୀ । ଖରା ଦିନ, ଶୀତ ଦିନରେ ନଦୀରେ ପାଣି କମ୍ ରହିବା ଯୋଗୁଁ ଗ୍ରାମବାସୀ ଚାଲି ଚାଲି ପାର ହୋଇଯାନ୍ତି; କିନ୍ତୁ ବର୍ଷା ଦିନେ ଏମାନଙ୍କ ଦୁଃଖ କହିଲେ ନସରେ । ନଦୀରେ ପ୍ରଖର ସ୍ରୋତ ରହୁଥିବାରୁ ଗ୍ରାମବାସୀଙ୍କ କୌଣସି ଜରୁରୀ କାମ ପଡିଲେ ବଡ ହଣ୍ଡା ସାହାଯ୍ୟରେ ବିପଦ ସଙ୍କୁଳ ଭାବେ ନଦୀ ପାର ହୁଅନ୍ତି । ସରକାରଙ୍କ ମାଗଣା ଚାଉଳକୁ ଗ୍ରାମରେ ପହଞ୍ଚିବାକୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ବୋଲି ଗ୍ରାମବାସୀ



ଅଭିଯୋଗ କରିଛନ୍ତି । ଗ୍ରାମର ଛାତ୍ରଛାତ୍ରୀ ଅନ୍ୟ ଦିନେ ନଦୀ ପାର ହୋଇ ତିନି କିଲୋମିଟର ଅଖରା ବିଦ୍ୟାଳୟକୁ ଯାଉଥିବା ବେଳେ ଏହି ବର୍ଷା ଚାରି ମାସ ପାଠପଢ଼ାରେ ଡୋରି ବନ୍ଧା ହୁଏ । ବର୍ଷା ଦିନରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ରୋଗୀଙ୍କୁ ହଣ୍ଡାରେ ପୁରାଇ ନଈ ପାର କରନ୍ତି; ନଚେତ କଷ୍ଟ ସହି ସେମିତି ପଡି ରହିବାକୁ ପଡେ । ପ୍ରଶାସନକୁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ପୋଲ ତ ଦୂରରେ ଥାଉ ଦେଶି ଡ଼ଙ୍ଗା ଟିଏ ବି ଯୋଗାଇ ଦିଆଯାଇନାହିଁ । ଏହି ନଦୀ ଉପରେ ଏକ ପୋଲ ହେଉ କିମ୍ବା ଡ଼ଙ୍ଗାଟିଏର ବ୍ୟବସ୍ଥା କରାଗଲେ ବଡଘାଟ୍ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ଆଡାରଲଡି, କଦବାବାଡି, ତପେଙ୍ଗାପାଣି ଗ୍ରାମବାସୀ ବି ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି ।

## ମାରୱାଡି ସଂପ୍ରଦାୟର କାଉଡି ଯାତ୍ରା



ସେମିଳିଗୁଡ଼ା,୨୯।୭(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ମାରୱାଡି ସଂପ୍ରଦାୟର ପୁରୁଷ ଓ ମହିଳାମାନେ ପ୍ରଥମଥର ପାଇଁ ଜାନୀଗୁଡା ନଦୀରୁ କଳସରେ ଜଳ ସହ କାଉଡି ନେଇ ସୁବାଇ ଶିବ ମନ୍ଦିରରେ ଜଳାଭିଷେକ କରିଥିଲେ । ସାବି ଜୈନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁନୀଲ ପାଟୱାରିଆ ଓ ମୁକେଶ(କାଲୁ ଜୈନ) ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ ।

## ସୀମାନ୍ତରେ ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ



ମାଲକାନଗିରି,୨୯ ।୭(ସମିସ): ମାଓବାଦୀଙ୍କ ସହିଦ ସପ୍ତାହର ଦ୍ୱିତୀୟ ଦିନରେ ଆଇଇଡି ବୋମା ବିସ୍ଫୋରଣ ସହ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି । ଏହି ବୋମା ବିସ୍ଫୋରଣରେ ଦୁଇ ଜଣ ଯବାନ ଆହତ ହୋଇଛନ୍ତି । ଘଟଣା ପରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ପୁଲିସ ଗୁଳିରେ ଅନେକ ମାଓବାଦୀ ଆହତ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଆହତ ଯବାନଙ୍କୁ ସୁକୁମା ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମାରେ ପୁଲିସ ଓ ମାଓବାଦୀ ମଧ୍ୟରେ ସକାଳରୁ ହିଁ ଗୁଳିବିନିମୟ ଆରମ୍ଭ ହୋଇଯାଇଛି । ସହିଦ ସପ୍ତାହ ପାଇଁ ୪ ରାଜ୍ୟ ପକ୍ଷରୁ ସୀମାକୁ ସିଲ କରାଯିବା ସହ ହାଇଆଲର୍ଟ ଜାରି କରାଯାଇଛି । ଯବାନଙ୍କ ପକ୍ଷରୁ ତଲସୀ ଅଭିଯାନକୁ ଜୋରଦାର କରାଯାଇଥିବା ବେଳେ ଛତିଶଗଡର ସୁକୁମା ଜିଲ୍ଲାରେ ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣ ଯୋଗୁଁ ତଲାସି ଅଭିଯାନରେ ନିୟୋଜିତ ଯବାନ ଗୁରୁତର ଆହତ ହୋଇଛନ୍ତି । ଏହାପରେ ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି । ଏହି ଗୁଳି ବିନିମୟରେ ଅନେକ ମାଓବାଦୀ ମୃତାହତ ହୋଇଥିବା ଜଣାପଡିଥିବା ବେଳେ ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣା ପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ବୋତଲରେ ପେଟ୍ରୋଲ ନିଷେଧ ନିୟମ ଉଲଂଘନ ଅଭିଯୋଗ

କୋରୁକୋଣ୍ଡା,୨୯ ।୭(ସମିସ):

ବାଲେଶ୍ୱର ଜିଲ୍ଲାର ଏଫ୍ଏମ୍ କଲେଜ ଏବଂ ବଳଙ୍ଗା ଘଟଣା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିଛି ଦିନ ପୂର୍ବେ ରାଜ୍ୟ ପେଟ୍ରୋଲ ଡିଲର ସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ପେଟ୍ରୋଲ ପମ୍ପମାନଙ୍କରେ ଲୋକଙ୍କୁ ଆଉ କୌଣସି ପରିସ୍ଥିତିରେ ବି ପ୍ଲାଷ୍ଟିକ୍ ବୋତଲ କିମ୍ବା ଜାରକିନ୍‌ରେ ପେଟ୍ରୋଲ ଦିଆଯିବ ନାହିଁ ବୋଲି ଏକ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି । କିନ୍ତୁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଲା ସହର ଓ ଆଖପାଖ ଅଞ୍ଚଳରେ ଥିବା ଅଧିକାଂଶ ଦୋକାନରେ ଏବେବି ବିନା ଲାଇସେନ୍ସରେ ଖୁଲମ ଖୁଲା



ପ୍ରତ୍ୟହ ଶହ ଶହ ଲିଟର ପେଟ୍ରୋଲ, ଡିଜେଲ ପ୍ଲାଷ୍ଟିକ୍ ବୋତଲରେ ଭରି ବେଆଇନ ଭାବେ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ବ୍ଲକ୍‌ର ତାର୍ଲାକୋଟା ପୋଟ୍ରେଲ ଛକ, ବାଲିମେଲା ଛକ, ନୀଳାଦ୍ରୀନଗର, କାମ୍ବେଡ଼ା ସମେତ ଗ୍ରାମାଞ୍ଚଳର ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ବିଭିନ୍ନ ଦୋକାନ ଗୁଡିକରେ ଏହା ମିଳୁଛି । ତେବେ ପେଟ୍ରୋଲ ଟାଙ୍କିରେ ବ୍ୟବସାୟୀଙ୍କୁ ପେଟ୍ରୋଲ ଦେଉନଥିବା ବେଳେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟବସାୟୀମାନେ ପ୍ରତ୍ୟକ ଦିନ ବ୍ୟବସାୟ ପାଇଁ ଏତେ ପରିମାଣର ପେଟ୍ରୋଲ କେଉଁଠୁ ଆଣୁଛନ୍ତି ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଦିଗରେ ଯୋଗାଣ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଓ ବାଲିମେଲା ସହରାଞ୍ଚଳ ଦାୟିତ୍ୱରେ ଥିବା ଯୋଗାଣ ନିରୀକ୍ଷକ ସଂଜୀବ ସାହୁଙ୍କୁ ପଚାରିବାରୁ, ବୁଧବାର ସକାଳେ ଟିମ୍ ସହିତ ଉକ୍ତ ଅଞ୍ଚଳ ଗୁଡିକ ପରିଦର୍ଶନ କରି ଯେଉଁମାନେ ବେଆଇନ ଭାବେ ଦୋକାନରେ ପେଟ୍ରୋଲ ଡିଜେଲ ବିକ୍ରି କରୁଥିବେ ସେଗୁଡିକୁ ଜବତ କରିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଡିଏଭି ଭିଏସ୍ ବିଦ୍ୟାଳୟରେ ବ୍ୟାଘ୍ର ଦିବସ



ସୁନାବେଡ଼ା,୨୯।୭(ସମିସ): ସୁନାବେଡ଼ା -୨ ହାଲ୍ ଟାଉନସିପ୍ ସ୍ଥିତ ଡିଏଭି ଭି ଏସ୍ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଅବସରରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନ୍ୟଜନ୍ତୁ ସୁରକ୍ଷା ତଥା ବ୍ୟାଘ୍ର ସଂରକ୍ଷଣ ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ପ୍ରାଥମିକ ବିଭାଗ ଛାତ୍ରଛାତ୍ରୀମାନେ ଫ୍ୟାନ୍‌ସୀ ଡ୍ରେସ୍‌ରେ ଅଭିନୟ କରିଥିଲେ । ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବକ୍ତୃତା ଦେବା ସହ ବିଭିନ୍ନ ପ୍ରକାରର ପୋଷ୍ଟର ତିଆରି କରି ଉପସ୍ଥାପନା କରିଥିଲେ । ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କର ଅଭିଭାଷଣ ଉପସ୍ଥାପନା କରିବା ସହିତ ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ତାଙ୍କର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କୁ ବ୍ୟାଘ୍ର ଦିବସ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଗ୍ରହ ଓ ଜନ ସଚେତନତା ସୃଷ୍ଟି କରାଇଥିଲେ ।

## ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିଅନ୍‌ସିପ୍ ପାଇଁ ଚୟନ ଶିବିର

ମାଲକାନଗିରି,୨୯ ।୭(ସମିସ): ମାଲକାନଗିରି ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ହକି ସଂଘର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଚତୁର୍ଥ ଓଡ଼ିଶା ହକି ସଂଘ ଚାମ୍ପିଅନ୍‌ସିପ୍ ପାଇଁ ଚୟନ ଶିବିର ଆୟୋଜନ କରାଯାଇଛି । ଜିଲ୍ଲା କ୍ରୀଡ଼ା



ଅଧିକାରୀ ଅଜୟ ମାଣ୍ଡାଙ୍ଗୀଙ୍କ ନେତୃତ୍ୱରେ ଆଜି ଏହି ଚୟନ ଶିବିର ଆୟୋଜିତ ହୋଇଯାଇଛି । ଏହି କ୍ୟାମ୍ପକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଥିଲେ । ଏହି କ୍ୟାମ୍ପ ଦ୍ୱାରା ଜିଲ୍ଲାର ଉଦୀୟମାନ କ୍ରୀଡ଼ାବିତଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ସମସ୍ତ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ଜୁନିୟର ଓ ସବ୍ ଜୁନିୟର ବର୍ଗ ବାଳକ ଓ ବାଳିକାଙ୍କ ପାଇଁ ଆଜି ଏହି କ୍ୟାମ୍ପ ଆୟୋଜନ କରାଯାଇଛି । ଜିଲ୍ଲାର ୨୨ଟି ସ୍କୁଲ୍ ଓ କଲେଜରୁ ମୋଟ ୧୪୨ ଜଣ ବାଳକ ବାଳିକା ଏଥିରେ ଭାଗ ନେଇଥିଲେ ।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ଟିଏଲ୍‌ଏମ୍ କାର୍ଯ୍ୟକ୍ରମ



ଗୁଣୁପୁର,୨୯।୭(ସମିସ) : ଗୁଣୁପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ଶିକ୍ଷଣୀୟ ସାମଗ୍ରୀ(ଟିଏଲଏମ) ସମ୍ପର୍କିତ ଏକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଛାତ୍ରମାନଙ୍କ ଦ୍ୱାରା ପ୍ରାୟ ୧୦୦ ରୁ ଉଦ୍ଧ୍ୱର୍ ବିଭିନ୍ନ ବିଷୟର ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା । ବିଚାରକ ଭାବେ ଗୁଣୁପୁର ବ୍ଲକ୍ ଶିକ୍ଷା ଓ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ ଏବଂ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଉପସ୍ଥିତ ରହି ସିନିୟର ଓ ଜୁନିୟର ପ୍ରତ୍ୟେକ ବର୍ଗର ତିନୋଟି ସାମଗ୍ରୀକୁ ଶ୍ରେଷ୍ଠ ସାମଗ୍ରୀ ରୂପେ ଚୟନ କରିଥିଲେ । ଶେଷରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ସଭାପତିତ୍ୱରେ ବିଚାରପତି ଦ୍ୱୟଙ୍କ ଉପସ୍ଥିତିରେ ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ୟୁଏଏସ୍‌କୁ ବିରୋଧ; ବିଇଓଙ୍କୁ ମିଳିତ ଶିକ୍ଷକ ମଞ୍ଚର ଦାବିପତ୍ର




ଗୁଡାରି,୨୯।୭(ସମିସ): ଶିକ୍ଷକମାନଙ୍କୁ ୟୁନିଫାଇଡ ଅଟୋମେସନ ସିଷ୍ଟମ(ୟୁଏଏସ୍)କୁ ବିରୋଧ କରି ଗୁଡାରି ମିଳିତ ଶିକ୍ଷକ ମଞ୍ଚ ମଙ୍ଗଳବାର ବିଇଓ ମିଶ୍ରାଣୀ କୁମ୍ଭାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବିଦ୍ୟାଳୟର ଭିତ୍ତିଭୂମି ଅଭାବରୁ ଏହି ଯୋଜନା ଗୁଡ଼ିକ କାର୍ଯ୍ୟକାରୀ କରିବା କଷ୍ଟକର । ତେଣୁ ପ୍ରଥମେ ଭିତ୍ତିଭୂମି ସଜାଡିବାର ଆବଶ୍ୟକ ରହିଛି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ବ୍ଲକ୍‌ର ଅଧିକାଂଶ ସ୍କୁଲରେ ବିଜୁଳି ନାହିଁ, ପାଣି ନାହିଁ, ସେହି ଗ୍ରାମର ଚୁଆଁପାଣି ଓ ନଳକୂଅ ପାଣି ଉପରେ ଶିକ୍ଷକ ଛାତ୍ରଛାତ୍ରୀମାନେ ଭାରଷା କରନ୍ତି । ଏମିତିରେ ଜିମା ରାଓ ଭଳି ଗ୍ରାମରେ ବିଦ୍ୟାଳୟ ନାହିଁ । ନାଉଳି ଗ୍ରାମରେ ଶିକ୍ଷକ ବହୁମୁଖୀ ଗୋଷ୍ଠୀ କେନ୍ଦ୍ରରେ ଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି । ବଡ ରାଉତଗୁଡା, ନୂଆ ଗ୍ରାହିବନ୍ଧ ସିବିଲଙ୍ଗପୁର, ବରିପଦରରେ ନେଟୱର୍କ ନାହିଁ । ତେଣୁ ପ୍ରଥମେ ଶିକ୍ଷା ବିଭାଗ ଭିତ୍ତିଭୂମି ସଜାଡନ୍ତୁ ପରେ ୟୁଏଏସ୍ ଲାଗୁ କରିବାକୁ ମଞ୍ଚ ଦାବି କରିଛି । ଯଦି ସରକାର ଏଥିରେ ମନମାନି କରନ୍ତି ଶିକ୍ଷକ ମଞ୍ଚ ନିଶ୍ଚୟ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସଭାପତି ସୁବାଷ ଚନ୍ଦ୍ର ଗୌଡ଼, ଏସ୍କ କ୍ୟାଡର ସଭାପତି ମାନସ କୁମାର ନନ୍ଦ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସେନାପତି, ମିଳିତ ଶିକ୍ଷକ ମଞ୍ଚ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଚେତାବନୀ ଦେଇଛନ୍ତି ।

## କସ୍ତୁରବା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୨୯ ।୭(ସମିସ): ମଧ୍ୟପ୍ରଦେଶର ସୁଜଲପୁର ଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ କନିଷ୍ଠ ବର୍ଗ ସ୍କୁଲ୍ ହ୍ୟାଣ୍ଡ ବଲ୍ ଚମ୍ପିଅନ୍‌ସିପ୍‌ରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଓ ଜାତୀୟସ୍ତରୀୟ ମ୍ୟାଗାଜିନ୍‌ରେ ସ୍ଥାନ ପାଇଥିବା ମାଲକାନଗିରି ଜିଲ୍ଲାର ସିନ୍ଧ୍ରିମାଳ ସ୍ଥିତ କସ୍ତୁରବା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ କୁମାରୀ ବିଭୂତି ମୁଣ୍ଡାଗୁଡିଆଙ୍କୁ ଆଜି ତାଙ୍କ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଚିତ୍ତ ରଂଜନ ପାଣିଗ୍ରାହୀ ଫୁଲତୋଡା ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ତାଙ୍କର ଉଜ୍ଜଳ ଭବିଷ୍ୟତର କାମନା କରିଛନ୍ତି । କୁମାରୀ ବିଭୂତି ମୁଣ୍ଡାଗୁଡିଆ ଏକ ନିମ୍ନ ମଧ୍ୟବିତ୍ତ ଆଦିବାସୀ ପରିବାରରୁ ଆସି କ୍ରୀଡାପ୍ରତି ଆଗ୍ରହ ରଖି ହକି ଓ ହ୍ୟାଣ୍ଡ ବଲ୍‌ରେ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରି ଜାତୀୟସ୍ତରରେ ମଧ କୃତିତ୍ୱ ଅର୍ଜନ କରିଛନ୍ତି । କୁମାରୀ ମୁଣ୍ଡାଗୁଡିଆ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡାସ୍ଥିତ ସ୍ୱାମୀ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ମତୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ମଧ୍ୟପ୍ରଦେଶର ସୁଜଲପୁରକୁ



ଯାଇଥିବା ବେଳେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନାତନ ପ୍ରଧାନଙ୍କ ଠାରୁ ତାଲିମ ନେଇ ଅଭ୍ୟାସ କରୁଥିଲେ । ତେଣୁ ପ୍ରଧାନଙ୍କୁ ମଧ୍ୟ ଆଜି ଜିଲ୍ଲା ଶିକ୍ଷାଧିକାରୀ ସମ୍ମାନିତ କରିଥିଲେ । ଏହି ଅବସରରେ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ଆଦିବାସୀ ଶିକ୍ଷା ତଥା ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମତୀ ବାସନ୍ତୀ ପାଟଲା, ଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡେନ୍, ସମସ୍ତ କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶିବ ମାଡକାମୀ ଉପସ୍ଥିତ ଥିଲେ ।

## ସ୍ୱାଧିନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି,୨୯ ।୭(ସମିସ): ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକକୁ ସଂଯୋଜନା କରିଥିଲେ । ସ୍ୱାଧୀନତା ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭ଟା ୩୦ ଠାରୁ ୮ ଟା ମଧ୍ୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସ୍ଥାନୀୟ ଡିଏନ୍‌କେ ଖେଳପଡିଆରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ଜିଲ୍ଲାରେ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ଜିଲ୍ଲା ମଙ୍ଗଳ ଅଧିକାରୀ ନିବାସ ଆଚାରୀ, ପୌର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ମକର୍ଷଣ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋରୀ ନାୟକ, ପୁଲିସ ରିଜର୍ଭ ଇନ୍ସପେକ୍ଟର ସତ୍ୟପ୍ରିୟ ବିଶ୍ୱାଳ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ ।

## ବିଳାପୁଟରେ ଚାରାରୋପଣ କାର୍ଯ୍ୟକ୍ରମ



ସେମିଳିଗୁଡା,୨୯।୭(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଲାୟନ୍ସ କ୍ଲବ ଦ୍ୱାରା ବିଳାପୁଟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଳାପୁଟ ଜଗନ୍ନାଥ ମନ୍ଦିରରେ କ୍ଲବର ସଦସ୍ୟମାନେ ବିଭିନ୍ନ ପ୍ରକାରର ହର୍ବାଲ ଗଛ ଚାରା ଲଗାଇଥିଲେ । କ୍ଲବର ସଭାପତି ଅନନ୍ତ କୁମାର ସେନାପତିଙ୍କ ନେତୃତ୍ୱରେ ସମ୍ପାଦକ ସନାଥ କୁମାର ସାହୁ, କୋଷାଧ୍ୟକ୍ଷ ନୀଳମାଧବ ପାତ୍ର, ପ୍ରେମାନନ୍ଦ ପୃଷ୍ଟି, ଲକ୍ଷ୍ମଣ ରାଉତ, ସୁକାନ୍ତ ସାମଲ, ଆନନ୍ଦ ପାଟୱାନିଆ, ଚିତ୍ତ ରଂଜନ ମିଶ୍ର, କାମଦେବ ପରିଡ଼ା, ଆଲେକ୍ ଦାସ, କେ. ମୋହନ ରାଓ, ଟୁନା ପାତ୍ର, ରବୀନ୍ଦ୍ର ପାତ୍ର, ଜ୍ୟୋତି ରଞ୍ଜନ ମହାନ୍ତି, ଭେଙ୍କଟେଶ ମିଶ୍ର, ବିନାୟ ପ୍ରସାଦ ସାହୁ, ବାପି ପାଢ଼ୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ମାନବ ସମ୍ବଳ ବିଭାଗର ଦିନିକିଆ ବିକାଶ କର୍ମଶାଳା

ଜୟପୁର,୨୯ ।୭(ସମିସ): ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ନୂତନ ଶିକ୍ଷାନୀତିକୁ ନେଇ ଅଧ୍ୟାପକ ଏବଂ ପ୍ରଶିକ୍ଷକ ଦିନିକିଆ କର୍ମଶାଳା ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ନିର୍ଦ୍ଦେଶକ ମୁଖ୍ୟ ଡ. ଦେବଦତ୍ତ ଇନ୍ଦୋରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କିପରି ବିଶ୍ୱବିଦ୍ୟାଳୟର ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ କରିବେ ସେଥିନେଇ ଆହ୍ୱାନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ନାୟକ ସରକାର ନୂତନ ଶିକ୍ଷାନୀତି ଉପରେ ଆଲୋକପାତ କରିବା ସହ ଅଧ୍ୟାପକ ଓ ପ୍ରଶିକ୍ଷିକମାନେ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ବିଷୟରେ ସମସ୍ତ ଶିକ୍ଷକ ଓ ପ୍ରଶିକ୍ଷକ ଅବଗତ ହେଲେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରିପାରିବେ ଏବଂ ଉପକୃତ ହୋଇପାରିବେ ବୋଲି କହିଥିଲେ । ଏହି କର୍ମଶାଳାରେ ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ପି.ଜି କାଉନସିର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଯୋଗଦେଇ ନୂତନ ଶିକ୍ଷାନୀତି ଓ ଶିକ୍ଷଣ ପଦ୍ଧତିକୁ ନେଇ ତାଙ୍କର ମତପ୍ରକାଶ କରିଥିଲେ । ଏହି କର୍ମଶାଳା ସଂଯୋଜକ ଭାବେ କେନ୍ଦ୍ର ଉପ ନିର୍ଦ୍ଦେଶକ ସଚ୍ଚିନ କୁମାର ନାୟକ ପରିଚାଳନା କରିଥିଲେ ।



ସ୍ଥାନୀୟ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର ସମୁଦାୟ ୨୫୦ ଜଣ ଅଧ୍ୟକ୍ଷ ଓ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ବୈଷୟିକ ଆଲୋଚନାରେ ବିଶେଷଜ୍ଞ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଜି.ସି. ନନ୍ଦ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଆର.କେ. ପାଢ଼ୀ, ଆୟୋଜକ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ପ୍ରକାଶ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍କଳ ସାମ୍ବାଦିକ ସଂଘର ଦାବିପତ୍ର

ମାଲକାନଗିରି,୨୯ ।୭(ସମିସ): ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ସାମ୍ବାଦିକଙ୍କୁ ମିଳୁଥିବା ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅତିରିକ୍ତ ଚିକିତ୍ସା ସୁବିଧା ସହ ପେନସନ୍ ପ୍ରଦାନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତା ଓ ପଚିଶ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଉ ବୋଲି ଉତ୍କଳ ସାମ୍ବାଦିକ ସଂଘ ଦାବି କରିଛି । ଏହା ସହ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରାଯିବା, ଆୟୁଷ୍ମାନ୍ ଯୋଜନାରେ ସାମିଲ୍ ଥିବା ହିତାକାରୀଙ୍କୁ



ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ, ଉଭୟ ଯୋଜନାର ଅର୍ଥାତ ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଉଭୟ ସୁବିଧା ଉପଲବ୍ଧ ରହିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି । ଏଥିସହ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ପନ୍ଦର ହଜାର ଟଙ୍କା ପେନସନ୍ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଏହି କ୍ରମରେ ଉତ୍କଳ ସାମ୍ବାଦିକ ସଂଘ ସହବନ୍ଧିତ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ଏହି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଭାପତି ଅଶୋକ ମିଶ୍ର ନେତୃତ୍ୱରେ ସାଧାରଣ ସଂପାଦକ ବି. ନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ, ବରିଷ୍ଠ ସଦସ୍ୟ ମନୋଜ ମହାନ୍ତି, ମାଣିକ ଚକ୍ରବର୍ତ୍ତୀ, ଦୀପକ ମହାରଣା, ରାହୁଲ ଗୋଲରି, ସୌରଭ ମଣ୍ଡଳ, ବିଦ୍ୟୁତ ବୈରାଗୀ, ମୁନ୍ନା ସୁବୁଦ୍ଧି, ଶିବ ପ୍ରସାଦ ଖରା, ପ୍ରଭାକର ସୁନା, ଶିବ ପ୍ରସାଦ ପରିଛା, ରାଜେଶ ବେପାରୀ, ମୃନାଲ ମଣ୍ଡଳ, ଜେସ ଓଝା, କିଶୋର ପାତିକା, ବିକ୍ରମ ସ୍ୱାଇଁ, ଅଜିତ ଶଗରିଆ, ଶରତ ଖରା, ମନୋଜ ସାହା, ଭିକି ବାରିକ ଓ ସମସ୍ତ ବ୍ଲକ ସଭାପତିଙ୍କ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫
- ପାଉଣ୍ଡ ୧୧୬.୮୬
- ୟୁରୋ ୧୦୦.୭୯
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୫୦୦ (ଭୁବନେଶ୍ୱର)
- ରୁପା : ୧,୧୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୩୭.୦୦
- ନିଫ୍ଟି ୨୪,୮୨୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଫେସ୍ ଆଇଡି , ଫିଙ୍ଗର ପ୍ରିଣ୍ଟରେ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)




- **ଖୁବ୍ ଶୀଘ୍ର ଆସିବ ନୂଆ ବ୍ୟବସ୍ଥା**
- **ବର୍ତ୍ତମାନ ନେଣଦେଣ ପାଇଁ ପିନ୍ ଦେବାକୁ ପଡୁଛି**

ଏଣିକି ବିନା ପିନ୍‌ରେ ହେବ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ। ଫେସ୍ ଆଇଡି ଏବଂ ଫିଙ୍ଗରପ୍ରିଣ୍ଟ ଜରିଆରେ ୟୁଜର କରିବେ କାରବାର। କାରଣ ନ୍ୟାସନାଲ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଖୁବ୍ ଶୀଘ୍ର ଏକ ନୂଆ ବୈଶିଷ୍ଟ୍ୟ ଆଣିବାକୁ ଯାଉଛି। ନ୍ୟାଏଥିପାଇଁ ସନାଲ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇରେ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟବହାରକାରୀମାନଙ୍କୁ ପ୍ରତ୍ୟେକ ଥର ପିନ୍ ଏଣ୍ଟ୍ରି କରିବା ପରିବର୍ତ୍ତେ ଫେସ୍ ରେକଗ୍ନିସନ୍ ଏବଂ ଫିଙ୍ଗରପ୍ରିଣ୍ଟ ଭଳି ବାୟୋମେଟ୍ରିକ୍ସ ବ୍ୟବହାର କରି କାରବାରକୁ ପ୍ରମାଣିତ କରିବାକୁ ଅନୁମତି ଦେବ।

ଏହି ନୂତନ ବୈଶିଷ୍ଟ୍ୟର ବର୍ତ୍ତମାନ ସମୀକ୍ଷା କରାଯାଉଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିୟାମକ ଅନୁମୋଦନ ଆବଶ୍ୟକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ୟୁପିଆଇର ସୁରକ୍ଷାକୁ ଆହୁରି ମଜବୁତ କରିବ। ଏହି ନୂଆ ବ୍ୟବସ୍ଥାକୁ ଆଗାମୀ ୨୦୨୫ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ପ୍ରଦର୍ଶନ କରାଯାଇପାରିବ। ଏହି ଅପଡେଟ୍ କାର୍ଯ୍ୟକାରୀ କରିବା ପରେ ବ୍ୟବହାରକାରୀମାନେ ପିନ୍ ଏଣ୍ଟ୍ରି ନ କରି କାରବାର ପାଇଁ ଫେସ୍ ଆଇଡି ଏବଂ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ବ୍ୟବହାର କରିପାରିବେ। ଏକ ସୂତ୍ରରୁ ହୋଇଛି ଯେ, ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏହି ଫିଚରର ବିବରଣୀ ୟୁପିଆଇ ଇକୋସିଷ୍ଟମର ଅଂଶଗ୍ରହଣକାରୀମାନଙ୍କ ସହିତ ସେୟାର କରିଛି, ଯାହା କାର୍ଯ୍ୟକାରୀ କରିବା ପୂର୍ବରୁ ସମୀକ୍ଷା, ମତାମତ ଏବଂ ପ୍ରସ୍ତୁତି ସୁନିଶ୍ଚିତ କରିବ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏକ ବର୍ଷରୁ ଅଧିକ ସମୟ ଧରି ଏହା ଉପରେ କାମ କରୁଛି। ଏକ ସୂତ୍ର କୁହାଯାଇଛି ଯେ ଏହି ବୈଶିଷ୍ଟ୍ୟ ଉପରେ କାମ ଏବେ ବି ଚାଲିଛି। ନୂଆ ବ୍ୟବସ୍ଥା ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ଯାହା ଓଟିପି ଅପେକ୍ଷା ଭଲ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆର ଷ୍ଟିଅରିଂ କମିଟି ଏବଂ ସମଗ୍ର ଇକୋସିଷ୍ଟମରୁ ସବୁଜ ସଙ୍କେତ ପାଇବା ପରେ କାର୍ଯ୍ୟକାରୀ କରାଯିବ।

ଶିଳ୍ପ ସୂତ୍ରରୁ କୁହାଯାଇଛି ଯେ, ଏହି ବୈଶିଷ୍ଟ୍ୟ ଅନେକ ଉପାୟରେ ପାରମ୍ପରିକ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) କିମ୍ବା ପିନ୍ ଅପେକ୍ଷା ଅଧିକ ସୁରକ୍ଷିତ ସାବ୍ୟସ୍ତ ହେବ। ପିନ୍‌ର ବିକଳ୍ପ ଭାବରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୋମେଟ୍ରିକ୍ସ ମାଧ୍ୟମରେ କରାଯାଇଥିବା କାରବାରର ଅତିରିକ୍ତ ସୁରକ୍ଷା ପାଇଁ ମୂଲ୍ୟ ସୀମା ଥାଇପାରେ ବୋଲି ସମ୍ଭାବନା ରହିଛି। ଫୋନ୍ ପେ , ଗୁଗୁଲ୍ ପେ, ପେଟିଏମ୍, ଭୀମ୍ ଭଳି ଅନ୍ୟ ଆପ୍ ପାଇଁ ବାୟୋମେଟ୍ରିକ୍-ଆଧାରିତ ପ୍ରାଧିକରଣକୁ ପୃଥକ ଭାବରେ ସେଟ୍ ଅପ୍ କରିବାକୁ ପଡିବ କି ନାହିଁ ତାହା ଏବେ ଦେଖିବା ବାକି ଅଛି।

- **ଟିସିଏସ୍ ଛଟେଇ: ଗଲା ୧୨,୦୦୦ ଚାକିରି**

# ମ୍ୟାନେଜରଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବିଶ୍ୱ ସ୍ତରରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହା କମ୍ପାନୀ କର୍ମଚାରୀ ସଂଖ୍ୟାର ପ୍ରାୟ ୨ ପ୍ରତିଶତ। ଟିସିଏସ୍‌ର ସାମ୍ପ୍ରତିକ ଛଟେଇ ମୋଟ ୧୨,୨୬୧ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏହି ଛଟେଇ , ଅଧିକାଂଶ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ହେବ। ଜୁନ୍ ୩୦ ସୁଦ୍ଧା ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬,୧୩,୦୬୯ ରହିଥିଲା। ତେବେ ଏହା ମଧ୍ୟରେ କମ୍ପାନୀ ଏହାର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ ଦେଇଛି। ଶହ ଶହ ସଂଖ୍ୟାରେ ଟିସିଏସ୍ କର୍ମଚାରୀଙ୍କୁ ପୂର୍ବରୁ ଚାକିରି ଛାଡିବାକୁ କୁହାଯାଇସାରିଛି। ଆଗାମୀ ମାସଗୁଡ଼ିକରେ ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯିବ, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେଞ୍ଚ ବର୍ଗର, ଯେତେବେଳେ କି ଅବଶିଷ୍ଟ କର୍ମଚାରୀଙ୍କୁ ଏହି ତାଲିକା ଆଧାରରେ ଛଟେଇ କରାଯିବ। ଅପରପକ୍ଷେ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଟିସିଏସ୍‌ରେ ଛଟେଇ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା କହିଛି। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟାଟା ଗ୍ରୁପ୍ ସହିତ ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରଣାଳୟ ବେଶ ଚିନ୍ତିତ ଥିବା କହିଛି। ଏହି ପଦକ୍ଷେପ ପଛରେ ମୂଳ କାରଣଗୁଡ଼ିକର ତଦନ୍ତ କରାଯିବ ବୋଲି କୁହାଯାଇଛି।

# ଦୀପିକା ପାଦୁକୋନଙ୍କ ସହିତ ଡାଇସନର ନୂଆ କ୍ୟାମ୍ପେନ୍

ନୂଆଦିଲ୍ଲୀ,୨୯।୭

ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱଅଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫ୍‌ରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଏହା ଉଦ୍ଭାବନ ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାରର କେଶ ପାଇଁ ବିନା ହିଟ୍ ଡ୍ୟାମେଜରେ ଉନ୍ନତ ଷ୍ଟାଇଲ ପ୍ରଦାନ କରୁଥିବା ହେୟାର ଷ୍ଟାଇଲ ରେଞ୍ଜ ଆଣିବା ଲାଗି ଡାଇସନର ପ୍ରତିବଦ୍ଧତାକୁ ଦୃଢ କରିଛି।

ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।

# ଭାରତରେ ମୋଟ ପେମେଣ୍ଟର ୮୩% ୟୁପିଆଇରେ ହେଉଛି

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)



**ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ବଢ଼ିଛି**

ୟୁନିଫାଇଡ୍ ପେମେଣ୍ଟ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି, ଯାହା ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩%। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛନ୍ତି।

ଡିଜିଟାଲ୍ କାରବାର ବଢ଼ିବା ସହିତ ଠକାମି ବଢ଼ିବାରେ ଲାଗିଛି। ଏଥିପାଇଁ ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି। ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣୀକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଥିବା ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି। ଏନ୍‌ପିସିଆଇ ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ "ଷ୍ଟପ୍, ଥିଙ୍କ୍, ଆକ୍ଟ" ନୀତିକୁ ସାମିଲ କରାଯାଇଛି।

# ନିବେଶକଙ୍କୁ ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବାକୁ ସେବି ଓ ଏନ୍‌ଏସ୍‌ଇର ମିଳିତ ପଦକ୍ଷେପ

ନୂଆଦିଲ୍ଲୀ,୨୯।୭: ବର୍ତ୍ତମାନ ସମୟରେ ନକଲି ଟ୍ରେଡିଂ ଆପ୍ ଓ ଡିପ୍‌ଫେକ ଭିଡିଓଗୁଡିକରୁ ଆରମ୍ଭ କରି ଅଣପଞ୍ଜୀକୃତ ନିବେଶ ପରାମର୍ଶଦାତା ଓ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଷ୍ଟକ୍ ପରାମର୍ଶ ପର୍ଯ୍ୟନ୍ତ ଠକମାନେ ଟେକ୍ନୋଲୋଜିର ଅପବ୍ୟବହାର କରିବା ସହ ନିବେଶକଙ୍କ ବିଶ୍ୱାସ ହ୍ରାସ କରୁଛନ୍ତି। ତେଣୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ହାସଟ୍ୟାଗ ସେବି ବନାମ୍ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନର ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତି ନେବା ପାଇଁ ନିବେଶକଙ୍କୁ

ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡିକୁ ଯାଂଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ଆର୍ଥିକ ଇକୋସିଷ୍ଟମ ପ୍ରତି ଯୋଗଦାନ ଦେବ।

## ରାଜ୍ୟ ଖବର

- **ପୁଲିସର ପକ୍ଷପାତିତା ନେଇ ଏସପିଙ୍କୁ ଫେରାଦ ହେଲେ ମହିଳା**

# ଏସ୍‌ପି ଅଫିସ୍ ଆଗରେ ଆତ୍ମାହୁତି ଚେତାବନୀ

ବାରିପଦା, ୨୯।୭(ସମିସ): ବାରମ୍ବାର ଅଭିଯୋଗ ପରେ ବି ନ୍ୟାୟରୁ ବଞ୍ଚିତ ଜଣେ ମହିଳା ମଙ୍ଗଳବାର ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ଅଶୋକ କୁମାର ଜେନାଙ୍କ ପତ୍ନୀ ଅନସୂୟା।

**ବେତନଟୀ ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ**



ସୂଚନାନୁସାରେ, ଏପ୍ରିଲ ୧୨ତାରିଖରେ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ଭଉଣୀ କବିତା ବିଜୁଳି ଓ ତାଙ୍କ ପୁରଷବନ୍ଧୁ ସଞ୍ଜୟ ଜେନା (ବର୍ତ୍ତମାନ ସ୍ୱାମୀ) ଅନସୂୟାଙ୍କୁ ମାଡ଼ ମାରିଥିଲେ। ତାଙ୍କ ଝିଅ ମାମା ବିରୋଧ କରିବାରୁ ତାଙ୍କୁ ମଧ୍ୟ ଅସଦ୍ ବ୍ୟବହାର କରିଥିଲେ। ଏନେଇ ସେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅପରପକ୍ଷଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅନସୂୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିବା ପରେ ଜୁନ ୬ ତାରିଖରେ ପୁଣି ଏକ ଅଭିଯୋଗ କରିଥିଲେ। ତଥାପି ଅଭିଯୋଗର ବିଚାର ହେଲା ନାହିଁ। ଫଳରେ ସେ ବାଧ ହୋଇ ଜୁଲାଇ ୭ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଜଣାଇଥିଲେ। ପୁଣି ଜୁଲାଇ ୭ ତାରିଖରେ ବୈଶିଙ୍ଗା ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିବା ପରେ ମଧ ନ୍ୟାୟ ମିଳିଲା ନାହିଁ। ଏଣୁ ସେ ପୁଣି ମଙ୍ଗଳବାର ଏସପିଙ୍କୁ ଭେଟି ଉପରୋକ୍ତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏସପି ଏହି ଘଟଣାର ତଦନ୍ତ ପାଇଁ ବେତନଟୀ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସମ୍ପର୍କୀୟ ଝିଆରୀ। ବିଧାୟକଙ୍କ ଚାପରେ ବୈଶିଙ୍ଗା ଥାନା ଅଧିକାରୀ ପକ୍ଷପାତିତା କରୁଥିବାରୁ ତାଙ୍କୁ ନ୍ୟାୟ ପରିବର୍ତ୍ତେ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିଛି।

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ

ଭୁବନେଶ୍ୱର,୨୯।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢଉ କରିଛି ଭିଜିଲାନ୍ସ। ଆଜି ଭୋର୍‌ରୁ ୭ ଡିଏସପି, ୫ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଭୁବନେଶ୍ୱର ଓ ନୟାଗଡ଼ର ୧୦ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ବେଳେ ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ୩ ମହଲା କୋଠା, କସମୋପଲିସରେ ଫ୍ଲାଟ୍, ପାହାଳର ସିମ୍ଫୋନି ମଲରେ ଦୋକାନ ଘର, ନୟାଗଡ଼ ଜଗନ୍ନାଥ ପ୍ରସାଦରେ ଥିବା ପୈତୃକ ଘର, ଅଫିସ ଚ୍ୟାମ୍ବର, ଭୁବନେଶ୍ୱର ପଟିଆରେଶ୍ୱଶୁର ଘର, ନୟାଗଡ଼ରେ ଶ୍ୱଶୁର ଘର, ଭୁବନେଶ୍ୱର କସମୋପଲିସର ଟାୱାର ଏଚ୍‌ରେ ଫ୍ଲାଟ୍, ଡୁମୁଡୁମାରେ ଥିବା ପ୍ଲଟ୍ ଓ ଜାଗମରାରେ ଥିବା ଏଏସ୍‌ଏନ ଇନଫ୍ରାଷ୍ଟ୍ରକଚରରେ ଚଢଉ ହୋଇଛି।



- **ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ**
- **ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍‌ରେ ଦୋକାନ**
- **ରାଜଧାନୀ, ନୟାଗଡ଼, ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍**

ରାଜକିଶୋର ଏବଂ ତାଙ୍କ ପରିବାର ନାମରେ ଭୁବନେଶ୍ୱରରେ ୯ଟି ପ୍ଲଟ୍ ଥିବା ବେଳେ ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ପ୍ଲଟ୍ ରହିଛି। ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ୭୫ଲକ୍ଷ ଟଙ୍କା ଜମା ଅଛି। ସେ ଦୁଇ ପିଲାଙ୍କ ପଢ଼ା ବାବଦରେ ପ୍ରାୟ ୬୭ ଲକ୍ଷ ଖର୍ଚ୍ଚ କରିଛନ୍ତି ଓ ଘରର ଆସବାବପତ୍ର ୩୦ଲକ୍ଷର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଅର୍ଜିତ ସମ୍ପତ୍ତି ଆୟ ବହିର୍ଭୂତ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ରାଜକିଶୋରଙ୍କୁ ଅଟକ ରଖିଛନ୍ତି । ୨୦୦୭ ଅକ୍ଟୋବର ୩ରେ ରାଜକିଶୋର ଡାଟା ଏଣ୍ଟ୍ରି ଭାବେ କାମ କରୁଥିଲେ। ସେତବେଳେ ତାଙ୍କର ଦରମା ୫ହଜାର ଟଙ୍କା ରହିଥିଲା। ଏହାପରେ ସେ ନିୟମିତ ହେବା ପରେ ୨୦୧୩ ଅକ୍ଟୋବର ୨ରେ ଭୁବନେଶ୍ୱର ଆରଡବ୍ଲ୍ୟୁ ଡିଭିଜନରେ ଜେଇ(ସିଭିଲ) ଭାବେ କାମ କରିଥିଲେ। ୨୦୧୪ ଅକ୍ଟୋବର ୧ରେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୨୦୧୪ ନଭେମ୍ବର ୧ରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୨କୁ ବଦଳି ହୋଇ ଆସିଥିଲେ। ଏହାପରେ ୨୦୧୬ ଜୁନ ୧୩ରେ କେଉଁଝର ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଯାଇଥିଲେ। ୨୦୧୬ରେ ନଭେମ୍ବର ୧ରେ କଟକ ଆରଆଣ୍ଡବି ଡିଭିଜନ-୨କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କାମ କରିବା ପରେ ୨୦୧୭ ନଭେମ୍ବର ୩୦ରେ ଭୁବନେଶ୍ୱର-୪ ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଆସିଥିଲେ। ସେ ଭୁବନେଶ୍ୱର ଓ କଟକରେ ୧୮ ବର୍ଷ ହେବ କାମ କରୁଛନ୍ତି। ବର୍ତ୍ତମାନ ସେ ଦରମା ୭୭ହଜାର ୨୭ ଟଙ୍କା ପାଉଥିବା ବେଳେ କୋଟି କୋଟି ସମ୍ପତ୍ତିର କିଭଳି ମାଲିକ ହେଲେ ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟ ନାକଝରି ଗାଁରେ ଦୁଇଜଣ ନାବାଳିକା ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ନାବାଳିକାଦ୍ୱୟ ହେଲେ, ସେହି ଗାଁର ଅମ୍ରିତା ବଳ (୭) ଓ ଭୂମି ନାଏକ (୧୦)। ଉଭୟ ସ୍କୁଲରୁ ଫେରି ଅପରାହ୍ନରେ ଘର ପାଖ ଏକ ପୋଖରୀରେ ଖେଳୁଥିବା ସମୟରେ ଅସାବଧାନତାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ପଞ୍ଜୀକରଣରୁ ମଣ୍ଡି ଚାରିଆଡେ ଅବ୍ୟବସ୍ଥା**

# ରାଜ୍ୟରେ ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ୧ଲକ୍ଷ ୮୨ ହଜାର ନକଲି ଚାଷୀ ପଞ୍ଜିକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଚାଷୀମାନଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ସମବାୟରେ ଥିବା ଅବ୍ୟବସ୍ଥା ବାବଦରେ ମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମସ୍ୟାରେ ସନ୍ତୁଳି ହେଉଛନ୍ତି ଚାଷୀ। ଗତବର୍ଷ ଏଥିରେ ସଂସ୍କାର ଆଣିବା ନେଇ ରାଜ୍ୟ ସରକାର ଓ ସମବାୟ, ଯୋଗାଣ ଓ କୃଷି ବିଭାଗ ଆଦି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷକ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଚାଷୀଙ୍କର ଗୋଟିଏ ବି ସମସ୍ୟା ଏଯାଏଁ ସମାଧାନ ହୋଇପାରିନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମସ୍ୟା ଉପରେ ଦୃଷ୍ଟିପାତ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୨୦ ତାରିଖ ଯାଏଁ ଏହି ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ। ହେଲେ ଚଳିତଥର ପଞ୍ଜିକରଣରେ 'ଇ-କେୱାଇସି' ବଡ଼ ବାଧକ ସାଜିଛି। ଇଣ୍ଟରନେଟ୍ ଭିତ୍ତିଭୂମି ଦୁର୍ବଳ, ସମବାୟ ଗୁଡ଼ିକରେ ମାନବ ସମ୍ବଳ ଅଭାବ ଆଦି କାରଣରୁ ଚାଷୀମାନେ ସଠିକ ଭାବେ 'ଇ-କେୱାଇସି' କରିପାରୁନାହାନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧ କରାଯାଉଥିଲେ ହେଁ ସରକାର ଏହା ଉପରେ ଏବେ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସେହିଭଳି ଗତବର୍ଷ କଟ୍‌ନୀଛଟନୀ ବନ୍ଦ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ୱିଣ୍ଟାଲ୍ ପିଛା ୧୨ରୁ ୨୦ କିଲୋ ପର୍ଯ୍ୟନ୍ତ ଧାନ ମିଲର୍‌ମାନେ କାଟି ନେଉଥିଲେ। ଏନେଇ ସମବାୟ ସମିତିଠାରୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରି ବି କିଛି ସୁଫଳ ମିଳିନଥିଲା। ସେହିଭଳି ଚାଷୀକୁ ଟୋକନ୍ ମିଳିବାର ଗୋଟିଏ ଦିନ ଆଗରୁ ମଣ୍ଡିକୁ ଧାନ ଆଣିବାକୁ କୁହାଯାଉଛି; କିନ୍ତୁ ମଣ୍ଡିକୁ ଧାନ ଆଣିବା ପରେ ମିଲର୍ ନିଜ ମନ ମୁତାବକ ଧାନ ଉଠାଉଛି। ମଣ୍ଡିରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି। ଚାଷୀ ଏନେଇ ଅଭିଯୋଗଠାରୁ ଆରମ୍ଭ କରି ରାସ୍ତାରୋକ୍ କଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ଦିନ ଦିନ ଧରି ଚାଷୀ ମଣ୍ଡିରେ ଧାନ ଜଗି ବସୁଥିଲେ ବି ତାଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ।

ଅନ୍ୟପକ୍ଷରେ ଧାନ ବିକ୍ରିବେଳେ କଟ୍‌ନୀଛଟ୍‌ନୀରେ ଖୋଦ୍ ସମବାୟ ସମିତିର ସଦସ୍ୟମାନେ ସମ୍ପୃକ୍ତି ରହୁଥିବାବେଳେ ମନ୍ତ୍ରୀ ନିଜ ବିଭାଗୀୟ ଲୋକଙ୍କ ପାଇଁ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି। ଚାଷୀ ସଂଗଠନମାନେ ତଥ୍ୟ ପ୍ରମାଣ ସହ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁ ଚାଷୀ ଧାନ ପଞ୍ଜିକରଣ ସମୟରେ ନଭେମ୍ବର-ଡିସେମ୍ବର ଭିତରେ ଧାନ ବିକ୍ରି କରିବା ପାଇଁ କଣ୍ଟ ଦେଉଥିଲେ ବି ମିଲର୍‌ଙ୍କ ମନମାନୀ ଯୋଗୁଁ ଜାନୁଆରୀ, ଫେବ୍ରୁଆରୀ ସୁଦ୍ଧା ବି ଧାନ ଉଠିପାରୁନି। ଶେଷରେ ଏକାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି। ଏ ବାବଦରେ ଗତବର୍ଷ ଖରିଫ୍‌ଠାରୁ ଆରମ୍ଭ କରି ରବି ପର୍ଯ୍ୟନ୍ତ ଚାଷୀମାନେ ଅଭିଯୋଗ କରିଥିଲେ ବି ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନି। ଶେଷରେ ଚାଷୀମାନେ ବାଧହୋଇ ଦଲାଲ୍‌ଙ୍କୁ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଚଳିତବର୍ଷ ଏ ବାବଦରେ ସରକାର ସଚେତନ ହେବା ପାଇଁ ଓଡ଼ିଶା କିଷାନ ମୋର୍ଚ୍ଚାର ସମ୍ପାଦକ ଶୁଭେନ୍ଦୁ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କଠୋର ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଐତିହ୍ୟ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବସୁଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣ ମୃତ, ୨୭ ଆହତ।

# 'ଡନ୍-୩'ରେ ରହିବ 'ଆଜ୍ କି ରାତ୍' ଭଳି ଗୀତ

ଫରହାନ୍ ଅଖତର୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ଡନ୍-୩'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏବେ ଫିଲ୍ମର ସୁଟିଂ ଚାଲିଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ କ୍ରିତି ସାନନ୍ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ଫିଲ୍ମରେ ୨୦୦୬ରେ ଆସିଥିବା 'ଡନ୍' ଫିଲ୍ମର 'ଆଜ୍ କି ରାତ୍' ଭଳି ଏକ ଗୀତ ରହିବ। ତେବେ ଏହାର ନୂଆ ଟ୍ରାକ୍ ମୂଳ ଗୀତ ଭଳି ହେବ। ମୂଳ ଗୀତରେ ଶାହାରୁଖ୍ ଖାନ୍, ଈଶା କୋପିକର୍ ଓ ପ୍ରିୟଙ୍କା ଚୋପ୍ରା



ନଜର ଆସିଥିବାବେଳେ ନୂଆ ଟ୍ରାକ୍‌ରେ ରଣବୀର ଓ କ୍ରିତିଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ଦେଖାଯିବେ। ତେବେ ଏନେଇ କଥାବାର୍ତ୍ତା ଚାଲିଥିବାବେଳେ ଏଯାଏଁ କୌଣସି ହିରୋଇନ୍‌ଙ୍କୁ ଫାଇନାଲ କରାଯାଇନାହିଁ। ତେବେ 'ଡନ୍-୩'ରେ ପ୍ରିୟଙ୍କା ଓ ଶାହାରୁଖ୍‌ଙ୍କର ସ୍ପେଶାଲ ଏଣ୍ଟ୍ରି ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା ଏଯାଏଁ ଏହାକୁ ନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ସବୁଠୁ ବିରକ୍ତିକର ଗୀତ

ସଙ୍ଗୀତ ବିନା ଜୀବନ ରଙ୍ଗହୀନ ଲାଗେ। ସେହିପରି କିଛି ଗୀତ ଏଭଳି ଅଛି, ଯାହାକି ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ। କିଛି ଗୀତକୁ ଶୁଣିବା ପରେ ଖୁସିରେ ନାଚି ଉଠିବାକୁ ମନେ ହେଉଥିବାବେଳେ ଆଉ କିଛି ଗୀତ ଶୁଣି ମଣିଷ ଦୁଃଖୀ ହୋଇଯାଏ। ତେବେ ଏମିତି ବି ଏକ ଗୀତ ଅଛି, ଯାହାକୁ ଶୁଣିବା ପରେ ବିରକ୍ତିକର ଲାଗିବା ସହ କାନ୍ଦ ମଧ୍ୟ ଲାଗେ। ୨୮ ବର୍ଷ ତଳେ ଏମିତି ଏକ ଗୀତ ଆସିଥିଲା। ଏହି ଗୀତଟି ହେଉଛି 'କର୍ମା ପୁଲିସ୍।' ଗୀତଟିର ଅବଧି ୪ ମିନିଟ୍ ୨୩ ସେକେଣ୍ଡ। ଯାହାକି ଅତ୍ୟନ୍ତ ଦୁଃଖଦାୟକ। ଏହାକୁ ବ୍ରିଟିଶ ରକ୍ ବ୍ୟାଣ୍ଡ ରେଡିଓହେଡ ପ୍ରସ୍ତୁତ କରିଥିଲା। ଏହି ଗୀତକୁ ବ୍ୟାଣ୍ଡର ୫ ଜଣ ସଦସ୍ୟ ମିଶି ଲେଖିଥିଲେ ଏବଂ ସଙ୍ଗୀତ ମଧ୍ୟ ସେମାନେ ନିଜେ ପ୍ରସ୍ତୁତ କରିଥିଲେ। ତେବେ ଗୀତର ସ୍ୱରରେ ଥକ୍କାପଣ ଓ ଅସ୍ଥିରତା ଅନୁଭବ ହୁଏ। ଫଳରେ ଶୁଣୁଥିବା ଲୋକଙ୍କ ମନ ଉଦାସ ହୋଇଯାଏ। କେବଳ ଗୀତ ନୁହେଁ, ଏହାର ଭିଡିଓ ବି ଦେଖିଲେ ବିରକ୍ତିକର ଲାଗିବା ବି ଥାଏ। ତେବେ ଗୀତଟିର ମ୍ୟୁଜିକ ଭିଡିଓରେ ଜଣେ ଯୁବକ ନଜର ଆସିଛନ୍ତି। ତାଙ୍କୁ ଗୋଟିଏ କାର୍ ଲଗାତାର ପିଛା କରୁଛି। ଅବଶ୍ୟ ପୂରା ଭିଡିଓ ଧୀମା ଗତି, ଅନ୍ଧାରୁଆ ରାସ୍ତା ଓ ରହସ୍ୟମୟ ପରିବେଶରେ ପରିପୂର୍ଣ୍ଣ। ସେହିପରି ଭିଡିଓ ଶେଷରେ କାର୍‌ରେ ନିଆଁ ଲାଗିଯାଉଛି ଏବଂ ସବୁକିଛି ଧୂଆଁ ଭିତରେ ହଜିଯାଉଛି। ଏହି ଦୃଶ୍ୟ ଦର୍ଶକଙ୍କୁ ଅବସାଦର ଅନୁଭବ ପ୍ରଦାନ କରିଥାଏ। ଅବଶ୍ୟ ଏହି ଗୀତ ଓ ଭିଡିଓର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡ଼ି ନାହିଁ। ଧୀମା ଗତି ଯୋଗୁଁ ଏହା ବହୁତ ବଡ଼ ଲାଗେ। ଅନେକ ଲୋକଙ୍କୁ ଏହା ବିରକ୍ତିକର ଲାଗିଲେ ବି ଗୀତଟି ଲକ୍ଷାଧିକ ଶ୍ରୋତାଙ୍କ ମନରେ ଅଛି। ଏହାବାଦ୍ ଉକ୍ତ ଗୀତଟି ଶୁଣିବା ଓ ଦେଖିବାକୁ ବିରକ୍ତିକର ଲାଗିଲେ ବି ଏହାକୁ ୟୁଟ୍ୟୁବ୍‌ରେ ୧୨ କୋଟିରୁ ଅଧିକ ଥର ଦେଖାଯାଇଛି ଓ ଶୁଣାଯାଇଛି। ସେହିପରି କିଛି ଲୋକ ଏହାକୁ ଏକାକୀତ୍ୱରେ ଶୁଣୁଥିବା ବେଳେ ଆଉ କେହି କେହି ରାତିରେ ଶୋଇବା ପୂର୍ବରୁ ଶୁଣିଥାନ୍ତି। ଅନ୍ୟପଟେ ଏହା ହେଉଛି ଏମିତି ଏକ ଗୀତ, ଯାହାକୁ ପ୍ରତି ଥର ଶୁଣିବା ପରେ କିଛି ଅଲଗା ଅନୁଭବ ପ୍ରଦାନ କରିଥାଏ।



## ବଢ଼ି ପାଣିରେ ବାହାଘର

ଫିଲିପାଇନ୍ସର ଏକ ନିଆରା ବାହାଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ବାହାଘରର କିଛି ଫଟୋ ସେୟାର୍ ହେବା ପରେ ତାହା ଚର୍ଚ୍ଚା ସାଉଁଟୁଛି। ଏଠାରେ ଭୟଙ୍କର ଝଡ଼ ତୋଫାନ ଯୋଗୁଁ ଏବେ ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଏଠାକାର ମାଲୋଲୋସରେ ଥିବା ଐତିହାସିକ ବାରସୋଲାଇନ ଚର୍ଚ୍ଚ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଭଳି ପରିସ୍ଥିତିରେ ବି ଏହି ଚର୍ଚ୍ଚରେ ଏକ ବିବାହ ବେଶ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ଜେଡ୍ ରିକ୍ ବର୍ଦ୍ଦିଲୋ(ବର) ଏବଂ ଜମୈକା ଏଗୁଇଲର(କନିଆ) ଏଭଳି ସ୍ଥିତିରେ ବି ନିଜ ବିବାହ ତାରିଖକୁ ନ ଘୁଞ୍ଚାଇ, ବନ୍ୟାପାଣି ଭିତରେ ବିବାହ କରିଛନ୍ତି। ବଢ଼ିପାଣି ଭିତରେ ଦୁହେଁ ବିବାହର ସମସ୍ତ ରୀତିନୀତିକୁ ପାଳନ କରିଛନ୍ତି। ତା'ସହ ବର-କନିଆ ଘର ପକ୍ଷରୁ ଅତିଥି ବି ଏଥିରେ ସାମିଲ ହୋଇଛନ୍ତି। ତେବେ ସେମାନେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଶେଷରେ ସେମାନଙ୍କ ସମ୍ପର୍କ ବିବାହର ରୂପ ନେଇଛି। ଅବଶ୍ୟ ଏହି ସ୍ଥିତିକୁ ଦେଖି ବର ଜଣକ ସେମାନଙ୍କ ଜୀବନରେ ଆସିଥିବା ଚ୍ୟାଲେଞ୍ଜ କଦାପି ଶେଷ ହେବ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ଏଥିରେ ସାମିଲ ଅତିଥିମାନେ ବିବାହକୁ ଖୁବ୍ ଉପଭୋଗ କରିଥିବା ଜଣାପଡ଼ିଛି। ଏପରିକି ବାହାଘରକୁ ଆସିଥିବା ପିଲାମାନେ ବି ବନ୍ୟାପାଣିରେ ଖୁବ୍ ମଜାମସ୍ତି କରିଛନ୍ତି। ସେହିପରି ଚର୍ଚ୍ଚରେ ବର-କନିଆ ଓ ଅତିଥି ପାରମ୍ପରିକ ପୋଷାକ ପିନ୍ଧିଥିଲେ। ଏହାବାଦ୍ ଜୋତାକୁ ଶୁଖିଲା ସ୍ଥାନରେ ରଖି ଅତିଥିମାନେ ଆଣ୍ଠୁଏ ପାଣି ଭିତରେ ପ୍ୟାଣ୍ଟକୁ ଟେକି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତେବେ କଠିନ ପରିସ୍ଥିତିରେ କିଭଳି ଖୁସି ମିଳିପାରେ, ତାହା ଏହି ଘଟଣା ପ୍ରମାଣିତ କରିଛି।



# ସମ୍ଭାବନା




## ଅଫିସ୍ ବୈଠକର ପ୍ରସ୍ତୁତି

**ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ। ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଜରୁରି। ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପକ୍ଷେ ଖୁବ୍ ଗୁରୁତ୍ୱ ବହନ କରେ।**



- ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ। କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ।
- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ। ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ। ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଅନ୍ୟଜଣଙ୍କ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ।
- ମିଟିଂରେ ନିଜ ପକ୍ଷ ରଖିବା କୁହାଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ। ନତ ମସ୍ତକ ହୋଇ ବସନ୍ତୁ ନାହିଁ।

## ଚାକିରି ପାଇଁ 'ଆଗ୍ରହ ପତ୍ର'



ସାଧାରଣ କର୍ମଚାରୀ ନିଯୁକ୍ତି ସୂଚନା ବାହାରିବା ଦେଖି ଚାକିରି ପାଇଁ ଆବେଦନ କରିଥାନ୍ତି। ଅନେକ ସମୟରେ ଗୋଟିଏ କମ୍ପାନିରେ କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ନିଯୁକ୍ତି ବିଜ୍ଞାପନ ନ ଥିବାରୁ ଆବେଦନ କରି ହୁଏ ନାହିଁ। ତେବେ ନିଯୁକ୍ତି ମିଳି ନ ଥିଲେ ମଧ୍ୟ 'ଲେଟର୍ ଅଫ୍ ଇଣ୍ଟରେଷ୍ଟ' (ଆଗ୍ରହ ପତ୍ର) ମାଧ୍ୟମରେ ଚାକିରି ପାଇଁ ଆବେଦନ କରିପାରିବେ। ଏହାକୁ 'ଲେଟର୍ ଅଫ୍ ଇଣ୍ଟେଣ୍ଟ' ବା 'ଲେଟର୍ ଅଫ୍ ଇନକ୍ୱାୟାରି' ମଧ୍ୟ କୁହାଯାଏ। ଅନେକ ଲୋକ ଏହାକୁ ବାୟୋଡାଟା ସହ ପଠାଯାଉଥିବା କଭର୍ ଲେଟର ଭାବେ ମଧ୍ୟ ବିଚାର କରନ୍ତି।

### କେମିତି ଲେଖିବେ

- ଯେଉଁ ବିଭାଗରେ ନିଯୁକ୍ତି ଚାହୁଁଛନ୍ତି, ସେହି ବିଭାଗର ପ୍ରବନ୍ଧକଙ୍କୁ ପତ୍ର ଲେଖନ୍ତୁ।
- କମ୍ପାନିର କେଉଁ କଥା ଅଧିକ ପ୍ରେରିତ କରେ, ତାହା ଉଲ୍ଲେଖ କରନ୍ତୁ। କମ୍ପାନିର ଉତ୍ପାଦ, ସେବା ଆଦି ବାବଦରେ ନିଜସ୍ୱ ମତାମତ ଜଣାନ୍ତୁ।
- ନିଜର ସଂକ୍ଷିପ୍ତ ପେଶାଗତ ପରିଚୟ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ।
- କମ୍ପାନି ପାଇଁ କେଉଁ କୌଶଳ ଉପଯୋଗୀ ସାବ୍ୟସ୍ତ ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ।
- କିଛି ପ୍ରୋଜେକ୍ଟ ବାବଦରେ ଲେଖନ୍ତୁ, ଯେଉଁଥିରେ ଯୋଗଦାନ ଦେବାକୁ ଚାହାନ୍ତି।

## କାମ ମଝିରେ ବ୍ରେକ୍ ନେବା ଭଲ ଅଭ୍ୟାସ

ଏବର ବ୍ୟସ୍ତତା ପୂର୍ଣ୍ଣ ଜୀବନ ମଧ୍ୟରେ ସମସ୍ତେ ନିଜ କାମ ଏବଂ ଦାୟିତ୍ୱରେ ବ୍ୟସ୍ତ। ତେଣୁ କର୍ମଚାରୀଙ୍କୁ ନିଜ ପାଇଁ ସମୟ ବାହାର କରିବାରେ ଅସୁବିଧା ହୋଇଥାଏ। ସେହିପରି ଦିନ ତମାମ ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଚାପଗ୍ରସ୍ତ ହୋଇଥାଏ। ତେଣୁ କାମରେ ବ୍ରେକ୍ ନେବାକୁ ସମୟ ମିଳେ ନାହିଁ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବାର ଅଭ୍ୟାସ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ଏହା ସହ ଏହା ପ୍ରଡକଟିଭିଟି ଏବଂ କ୍ରିଏଟିଭିଟିକୁ ବଢ଼ାଇଥାଏ।

**କାହିଁକି ଜରୁରି ବ୍ରେକ୍:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ଦ୍ୱାରା ମସ୍ତିଷ୍କ ଓ ଶରୀର ଥକ୍କିଯାଏ। ଗୋଟିଏ ସ୍ଥାନରେ ବସି ରହିବା ଏବଂ ଗୋଟିଏ କାମ ଉପରେ ଧ୍ୟାନ ଦେବା ଦ୍ୱାରା ଚାପ ବଢ଼େ ଏବଂ ଏକାଗ୍ରତା କମେ। ଏକ ଗବେଷଣାନୁସାରେ, ମସ୍ତିଷ୍କ ୯୦-୧୨୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାଏ। ଏଭଳି ସ୍ଥିତିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ ଏବଂ ପୁଣି ଥରେ କାମ କରିବା ପାଇଁ ସକ୍ରିୟ ହୁଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ଦ୍ୱାରା ଶରୀରରେ ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ଉତ୍ପାଦନକ୍ଷମତା ବୃଦ୍ଧିପାଏ। ବ୍ରେକ ନେବା ପରେ ଫୂର୍ତ୍ତି ଲାଗେ ଓ କାମ କରିବାରେ ଆଗ୍ରହ ଆସେ। ଏହା ସୃଜନାତ୍ମକ ଜ୍ଞାନ କୌଶଳରେ ସୁଧାର ଆଣେ। ଲଗାତାର କାମ କଲେ ମନକୁ କିଛି ନୂତନ ଚିନ୍ତାଧାରା ଆସେ ନାହିଁ। ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଦ୍ୱାରା ବେକ, ଅଣ୍ଟା ସହ ଆଖିରେ ସମସ୍ୟା ସୃଷ୍ଟି ହୁଏ। ଏହା ହାର୍ଟ, ମେଦବହୁଳତା ଓ ମଧୁମେହର କାରଣ ହୁଏ। ତେଣୁ କାମ ମଝିରେ ନିଜ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିବା କିମ୍ବା ଶିଡ଼ି ଚଢ଼ିବା ଦରକାର।



## ଫଟୋ ପାଇଁ 'ଇମାଜିନ୍ ମି' ଟୁଲ୍

ମେଟା ଏଆଇ ଯୁକ୍ତ ଟୁଲ୍ 'ଇମାଜିନ୍ ମି'କୁ ଭାରତରେ ଲଞ୍ଚ୍ କରିଛି। ଏହି ଟୁଲ୍‌କୁ ଆମେରିକାରେ ପ୍ରଥମରେ ଲଞ୍ଚ କରାଯାଇଥିଲା। ଏହାକୁ ଆମେରିକା ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ମେସେଞ୍ଜର ଏବଂ ମେଟା ଏଆଇ ଆପ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିଥିଲା। ହେଲେ ଏବେ ଭାରତୀୟମାନେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ମେସେଞ୍ଜର ପାଇଁ ଏହାକୁ ବ୍ୟବହାର କରିପାରିବେ। ଏହି ଟୁଲ୍ ଫଟୋକୁ ଅଲଗା ଅଲଗା ଷ୍ଟାଇଲ୍ ଓ ରୂପ ପ୍ରଦାନ କରିବ। ତେବେ ବ୍ୟବହାରକାରୀଙ୍କୁ ଯେଉଁଭଳି ଭାବେ ଫଟୋ ତିଆରି କରିବାକୁ ହୋଇଥାଏ, ସେଥିଲାଗି କେବଳ ପ୍ରମ୍ପ୍ଟରେ ଇମାଜିନ୍ ମି ଆଜ୍ ଲେଖିବାକୁ ହେବ। ଏହା ସହ ଫଟୋ ଲାଗି ଏହି ଟୁଲ୍‌ରେ କେବଳ ନିଜର ସମ୍ମୁଖ, ବାମ, ଡାହାଣ ପାର୍ଶ୍ୱର ସେଲ୍‌ଫି ଦେବାକୁ ହେବ। ଅନ୍ୟପଟେ ଇମାଜିନ୍ ମି' ଟୁଲ୍‌ରେ ଯେକୌଣସି ଫଟୋ ତିଆରି କଲେ, ଏଆଇ ୱାଟର୍‌ମାର୍କ ଟୁଲ୍ ମିଳିବ।



ସକାଳ THE SAKALA
www.sakalaepaper.com

### ଗୋଟିଏ ଦିନ ପରେ ପଞ୍ଚମ ଟେଷ୍ଟ

# ଅର୍ଶଦୀପ ଓ ଆକାଶଦୀପ୍ ଖେଳିବା ସମ୍ଭାବନା

କେନିଂଟନ ଓଭାଲ,୨୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଜୁଲାଇ ୩୧ ତାରିଖ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଲଣ୍ଡନ ସହରରେ ଅବସ୍ଥିତ କେନିଂଟନ ଓଭାଲ ଅନ୍ୟ ଭେନ୍ୟୁ ପରି ପେସ୍ ବୋଲରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଦୁଇ ଜଣ ପେସ୍ ବୋଲର ବାମହାତୀ ଅର୍ଶଦୀପ ସିଂହ ଓ ଡାହାଣହାତୀ ଆକାଶଦୀପଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଉଭୟ ଖେଳାଳି ଆହତ ହୋଇ ନ ଥିଲେ ଚତୁର୍ଥ ଟେଷ୍ଟ ଖେଳିଥାନ୍ତେ। ଏବେ ଉଭୟ ଫିଟ୍ ହୋଇଯାଇଛନ୍ତି ଓ ଏଠାରେ ଜୋରଦାର ଅଭ୍ୟାସ ମଧ୍ୟ କରିଛନ୍ତି। ଯାହା ଫଳରେ ଏମାନଙ୍କର ଫିଟ୍‌ନେସ୍‌କୁ ନେଇ କୌଣସି ସମସ୍ୟା ନାହିଁ। ଦଳର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ କି ନାହିଁ କେବଳ ତାହା ଟିମ୍ ଡାକ୍ତର କିମ୍ବା ଟିମ୍ ମ୍ୟାନେଜମେଣ୍ଟ କହିପାରିବେ। ଅବଶ୍ୟ ବୁମରା ଖେଳନ୍ତୁ କି ନାହିଁ ଅର୍ଶଦୀପ ଓ ଆକାଶଦୀପଙ୍କ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ। ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିଥିବା ଅଂଶୁଲ କାମ୍ବୋଜ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ଶେଷ ଟେଷ୍ଟରେ ଅବ୍ୟାହତି ଦିଆଯାଇପାରେ। ମହମ୍ମଦ୍ ସିରାଜ, ଆକାଶ ଦୀପ ଓ ଅର୍ଶଦୀପ ଭାରତୀୟ ପେସ ମଙ୍ଗ ସମ୍ଭାଳିବେ। ବୁମ୍‌ରାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ଯାହା କିଛି ନିଷ୍ପତ୍ତି ନିଆଯିବ।

ଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳିବା ଯେ କୌଣସି ଖେଳାଳିଙ୍କ ଲାଗି ସ୍ୱପ୍ନ ରହିଥାଏ। ଅର୍ଶଦୀପଙ୍କର ମଧ୍ୟ ସେହି ଏକା ଇଚ୍ଛା ବୋଲି କହନ୍ତି ତାଙ୍କ ପ୍ରଥମ କୋଚ୍ ଯଶୱନ୍ତ ରାଏ। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ଢ଼େର ଅଭିଜ୍ଞତା ହାସଲ କରିସାରିଲେଣି। ଏଣୁ ସେ ନର୍ଭସ ହେବାର କୌଣସି କାରଣ ନାହିଁ କିମ୍ବା ବିଫଳ ହେବାର ସମ୍ଭାବନା ନାହିଁ। ଜାହିର ଖାନ୍‌ଙ୍କ ପରେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍‌ଙ୍କ ଉଭୟପଟୁ ସୁଇଙ୍ଗ କରିବାର ଦକ୍ଷତା ରହିଛି। ସେ ବ୍ୟାଟରଙ୍କୁ ଅସବିଧାରେ ପକାଇବାରେ ସିଦ୍ଧହସ୍ତ। ଏତେ ଦକ୍ଷତା ଥାଇ ସେ ଏଯାଏ ସୁଯୋଗ ପାଇ ନାହାନ୍ତି। ଟେଷ୍ଟ ଖେଳିବାକୁ ହେଲେ ଇଂଲଣ୍ଡ ସର୍ବୋତ୍କୃଷ୍ଟ ସ୍ଥାନ। ଭାରତୀୟ ଦଳ ଏଥିରୁ ଫାଇଦା ଉଠାଇବାକୁ ଯଶୱନ୍ତ ପରାମର୍ଶ ଦେଇଛନ୍ତି। ସୂଚନା ଯୋଗ୍ୟ ଅର୍ଶଦୀପ ସିଂ ଟେଷ୍ଟ ଦଳରେ ସ୍ଥାନ ପାଇବା ପୂର୍ବରୁ ୬୩ଟି ଟି-୨୦ ଓ ୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାରେ ଅର୍ଶଦୀପଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲର ୧୯ତମ ଓଭର ବୋଲିଂ କରି ୪ ରନ୍ ଦେଇଥିଲେ। ଏହା ସତ୍ତ୍ୱେ ପ୍ରକୃତ କ୍ରିକେଟ ହେଉଛି ଟେଷ୍ଟ ମ୍ୟାଚ୍। ଏଥିରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ଯେତିକି ସୁଯୋଗ ରହିଥାଏ, ଠିକ୍ ସେହିପରିମାଣରେ ଚାପକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ଶିକ୍ଷା ମିଳିଥାଏ। ଏଭଳିସ୍ଥଳେ ଇଂଲଣ୍ଡ ଟୁର୍‌ରେ ଡେବ୍ୟୁ କରି ସେ ଟେଷ୍ଟ କ୍ରିକେଟରେ ନିଜର ସ୍ଥାନ ସୁରକ୍ଷିତ ରଖନ୍ତୁ ବୋଲି ଯଶୱନ୍ତ କହିଛନ୍ତି।

#### କୁଲଦୀପଙ୍କୁ ନେଇ ଦ୍ୱନ୍ଦ୍ୱ

ପଞ୍ଚମ ଟେଷ୍ଟରେ ଭାରତ ୩ଜଣ ଫାଷ୍ଟ ବୋଲରଙ୍କୁ ଖେଳାଇବା ଏକପ୍ରକାର ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଦଳରେ ଖେଳୁଥିବା ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯେପରି ବ୍ୟାଟିଂ କରୁଛନ୍ତି, ସେଥିରେ ସେମାନଙ୍କୁ ବିଶ୍ରାମ ଦେବା କିମ୍ବା ଡ୍ରପ୍ କରିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଲାଗି କଷ୍ଟକର ବ୍ୟାପାର। ଏଣୁ ଦଳରେ ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ଖେଳାଇବା କେତେଦୂର ସମ୍ଭବ ତାହା ଏବେଠାରୁ କହିବା କଷ୍ଟକର। ଯଦି କୁଲଦୀପ ଖେଳନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦିଆଯିବ। ଏଭଳି ସ୍ଥିତିରେ ଭାରତ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ଏଠାରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଇଂଲଣ୍ଡର ପିଚ୍ ଗୁଡିକ ଶୁଖିଲା ହୋଇଯାଇଥିବାରୁ ତାହା ବୋଲରଙ୍କୁ ସୁହାଉନାହିଁ। ଏଣୁ କୁଲଦୀପଙ୍କ ଖେଳିବାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଟିମ୍‌ର ଗୋଟିଏ ରଣନୀତି ସ୍ପଷ୍ଟ ଯେ, ୨୦ଟି ୱିକେଟ ନେଇପାରୁଥିବା ଦକ୍ଷ ବୋଲରଙ୍କୁ ଭାରତ ଏଠାରେ ଖେଳିବାକୁ ସୁଯୋଗ ଦେବ।

### ଗ୍ରାଉଣ୍ଡସମ୍ୟାନ୍‌ଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ



ଉତ୍ତେଜନାମୂଳକ ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବା ପରେ ଗତକାଲି ସୋମବାର ଭାରତୀୟ ଦଳ କେନିଂଟନ ଓଭାଲରେ ପ୍ରଥମଥର ଅଭ୍ୟାସ କରିବାକୁ ଆସିଥିଲେ। କିନ୍ତୁ ପଡ଼ିଆରେ ଅଭ୍ୟାସ ଲାଗି ଥିବା ସୁବିଧା ସୁଯୋଗରେ ସନ୍ତୁଷ୍ଟ ହୋଇ ନ ଥିଲେ ଗମ୍ଭୀର। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପିଚ୍ ନିକଟକୁ ଯାଇଥିଲେ ଗମ୍ଭୀର ଓ ଅନ୍ୟମାନେ। ଦାୟିତ୍ୱରେ ଥିବା ଗ୍ରାଉଣ୍ଡସମ୍ୟାନ୍ ୨.୫ ମିଟର ଦୂରରୁ ପିଚ୍ ଦେଖିବାକୁ କହିବା ପରେ ଭାରତୀୟ ସପୋର୍ଟ ଷ୍ଟାଫ୍ ଉତ୍ତେଜିତ ହୋଇଥିଲେ। ଅଭ୍ୟାସ କରିବା ଲାଗି ଯେଉଁ ପିଚ୍ ଦିଆଯାଇଥିଲା ତାହାରି ଭିତରେ ରହିବାକୁ ଗ୍ରାଉଣ୍ଡସମ୍ୟାନ୍ ଫୋର୍ଟିସ କହିଥିଲେ। ସ୍ପାଇକ୍ ପିନ୍ଧି ନ ଥିଲେ ମଧ୍ୟ ଏତେ ଦୂରରୁ ପିଚ୍ ଦେଖିବା କିମ୍ବା ଅଭ୍ୟାସ କରିବା ସମ୍ଭବ ନୁହେଁ ବୋଲି ଫୋର୍ଟିସଙ୍କୁ କହିବା ପରେ ସେ ଏହାକୁ ହଜମ କରି ପାରି ନ ଥିଲେ। ସେ ଜୋରରେ ବାହାରିଯିବାକୁ କହିଥିଲେ। ଯାହା ଫଳରେ ଗମ୍ଭୀର ଓ ଗ୍ରାଉଣ୍ଡସମ୍ୟାନ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ। ବ୍ୟାଟିଂ କୋଚ୍ ସିତାଂଶୁ କୋଟକ୍‌ଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦଟି ତୁଟିଥିଲା। କିନ୍ତୁ ଗ୍ରାଉଣ୍ଡସମ୍ୟାନ୍ ତାଙ୍କ ନାମରେ ଅଭିଯୋଗ କରିବେ ବୋଲି ଜୋରରେ କହିଥିଲେ। ଏହା ଗମ୍ଭୀରଙ୍କ ଅଧିକ ଉତ୍ତେଜିତ କରିଥିଲା। ତୁମେ ଯାହା ନିକଟରେ ଅଭିଯୋଗ କରିବା କଥା କର, ଯାହା ପାଖରେ ରିପାର୍ଟ କରିବା କଥା କର, କିନ୍ତୁ ଆମେ କ'ଣ କରିବୁ ନ କରିବୁ ତାହା ତୁମେ ନିର୍ଦ୍ଦେଶ ଦେଇପାରିବ ନାହିଁ।

## ବିସିସିଆଇ କାର୍ଯ୍ୟାଳୟରୁ ୬.୫ ଲକ୍ଷ ଟଙ୍କାର ଜର୍ସି ଚୋରି

ମୁମ୍ବଇ, ୨୯।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଖବର ପ୍ରକାଶ ପାଇଛି। ମୁମ୍ବଇ ୱାଙ୍ଖେଡେ ଷ୍ଟାଡିୟମ ପରିସରରେ ଥିବା ବିସିସିଆଇ କାର୍ଯ୍ୟାୟଳରୁ ପାଖାପାଖି ୨୬୧ ଖଣ୍ଡ ଆଇପିଏଲ୍ ଜର୍ସି ଚୋରି ହୋଇଯାଇଛି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା ହେବ। ଏହି ହିସାବରେ ମୋଟ୍ ୬.୫୨ ଲକ୍ଷ ଟଙ୍କାର ଜର୍ସି ଚୋରି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ କାର୍ଯ୍ୟାଳୟର ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ତାଙ୍କ ନାମ ଫାରୁକ ଅସଲାମ ଖାନ। ଫାରୁକ ସୁରକ୍ଷାକର୍ମୀ ମ୍ୟାନେଜର ଥିବାବେଳେ ବିସିସିଆଇ ଷ୍ଟୋର୍ ରୁମ୍‌ରୁ ଏହି ଜର୍ସି ଚୋରି କରିଥିଲେ। ଏହାକୁ ସେ ଅନ୍‌ଲାଇନ ମାଧ୍ୟମରେ ହରିୟାଣାର ଜଣେ ଜର୍ସି ଡିଲର୍‌ଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଫାରୁକ୍ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏହି ଅନ୍‌ଲାଇନ ଗେମ୍ ନିଶାରେ ସେ ଏତେମାତ୍ରରେ ବୁଡ଼ି ଯାଇଥିଲେ ଯେ ଶେଷରେ ଜର୍ସି ଚୋରି କରିବାକୁ ପଛାଇ ନ ଥିଲେ। ଏହି ଚୋରି ଜର୍ସିକୁ ବିକ୍ରି କରି ସେ ଅନ୍‌ଲାଇନ ଗେମ୍ ଖେଳ ଜାରି ରଖିଥିଲେ। ପୁଲିସ ତାଙ୍କ ନିକଟରୁ ୧.୨୫ ଲକ୍ଷ ଟଙ୍କା ଓ ୫୦ଟି ଜର୍ସି ଜବତ କରିଛି। ବିସିସିଆଇର ଅଡିଟ୍ ସମୟରେ ଜର୍ସି ଚୋରି ହୋଇଥିବା ଜଣାପଡ଼ିଥିଲା।

## କେକେଆର୍ ପ୍ରଶିକ୍ଷକ ପଦ ଛାଡ଼ିଲେ ପଣ୍ଡିତ

କୋଲକାତା, ୨୯।୭ (ଏଜେନ୍ସି): ଦୁଇଥରର ଆଇପିଏଲ୍ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଶକ୍ତ ଧକ୍କା ଲାଗିଛି। କେକେଆର୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଇସ୍ତଫା



ଦେଇଛନ୍ତି। ପଣ୍ଡିତ ଦଳରୁ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। 'ନୂଆ ସୁଯୋଗ ଅନୁସନ୍ଧାନ ଲାଗି ଚନ୍ଦ୍ରକାନ୍ତ ପଣ୍ଡିତ ଆଉ କୋଲକାତାର ମୁଖ୍ୟ ପ୍ରଶିକ୍ଷକ ପଦ ଜାରି ରଖିବେ ନାହିଁ ବୋଲି କେକେଆର୍ ପକ୍ଷରୁ ଉଲ୍ଲେଖ କରାଯାଇଛି। ୬୩ ବର୍ଷୀୟ ଚନ୍ଦ୍ରକାନ୍ତ ୨୦୨୨ରେ ମଧ୍ୟପ୍ରଦେଶ ଦଳକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବା ପରେ କେକେଆର୍‌ର ପ୍ରଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ସେ ଗତ ୩ ସିଜନ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ କୋଲକାତା ୨୦୨୪ ଆଇପିଏଲ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ କୋଲକାତା ୧୪ ମ୍ୟାଚ୍ ଖେଳି ମାତ୍ର ୫ ବିଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

### ୱେଷ୍ଟଇଣ୍ଡିଜର କ୍ରମାଗତ ୫ମ ଟି-୨୦ ପରାଜୟ

# ଅଷ୍ଟ୍ରେଲିଆ ୫-୦ରେ ସିରିଜ୍ ପୋଛିଲା

ସେଣ୍ଟ କିଟ୍ସ, ୨୯।୭ (ଏଜେନ୍ସି): କ୍ରମାଗତ ପଞ୍ଚମ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ୱାର୍ନର ପାର୍କରେ ଅନୁଷ୍ଠିତ ୫ମ ଟି-୨୦ରେ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନସୁଇପ୍ କରିଛି। ପୂର୍ବରୁ ପ୍ରଥମ ଚାରୋଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୩ ୱିକେଟ୍, ୮ ୱିକେଟ୍, ୬ ୱିକେଟ୍ ଓ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୩୨ ରନରେ ବ୍ରାଣ୍ଡନ୍ କିଙ୍ଗ୍ (୧୧ ରନ୍), ଅଧିନାୟକ ସାଇ ହୋପ୍ (୯) ଓ କେସି କାର୍ଟି (୧)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ସିମରନ ହେଟ୍‌ମାୟର ୫୨ ଓ ସିଫାର୍ନ ରଦରଫୋର୍ଡ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଫଳରେ ଦଳ ୧୯.୪ ଓଭରରେ ୧୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡାରୱିସ ୩ ଓ ନାଥନ ଏଲିସ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩ ଓଭର ଓ ୩ ୱିକେଟ୍ ବଳକା ଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ଓୱିନ ୩୭, ଟିମ୍ ଡେଭିଡ୍ ୩୦ ଓ କାମେରନ ଗ୍ରୀନ ୩୨ ରନ କରିଥିଲେ। ଡାରୱିସ ମ୍ୟାଚ୍‌ର ଓ ଗ୍ରୀନ୍ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।




### ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର

## ପ୍ରି-କ୍ୱାର୍ଟରରେ ସୁବ୍ରତ, ଚିରାଗ, ଅବିନାଶ



ଭୁବନେଶ୍ୱର, ୨୯।୭ (ଏଜେନ୍ସି): ସୁବ୍ରତ ଦାସ, ଚିରାଗ ଆରୋରା ଓ ଅବିନାଶ ମହାପାତ୍ର ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟର ୨ୟ ଦିବସରେ ମଙ୍ଗଳବାର ସୁବ୍ରତ ୩-୨ ଫ୍ରେମରେ ଅବିନାଶଙ୍କୁ, ଚିରାଗ ୩-୦ରେ ରଣଜିତ୍ ପତିଙ୍କୁ ଓ ଅବିନାଶ ୩-୧ରେ ନିଶ୍ଚୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ୩ଜଣ ଗ୍ରୁପ୍‌ରେ ୩ଟି ଲେଖାଏ ବିଜୟ ହାସଲ କରି ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।



### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କୁ ହଟାଇ ଶୀର୍ଷକୁ ଉଠିଲେ ନାଟାଲୀ

ଦୁବାଇ, ୨୯।୭ (ଏଜେନ୍ସି): ଭାରତର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଆଇସିସି ମହିଳା ଦିନିକିଆ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ନାଟାଲୀ ୭୩୧ ରେଟିଂ ପଏଣ୍ଟ ସହ ଶୀର୍ଷକୁ ଉଠିଛନ୍ତି। ସେହିଭଳି ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ୨ୟ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ୩ୟ ଦିନିକିଆ ମ୍ୟାଚରେ



ସ୍କିଭର ୯୮ ରନର ପାଳି ସହ ସିରିଜରେ ମୋଟ୍ ୧୬୦ ରନ ସଂଗ୍ରହ କରିଥିଲେ। ଯେଉଁଥିପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସ୍କିଭର ୩ୟଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୪ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ୍ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛନ୍ତି। ତେବେ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ ମଧ୍ୟ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୧୩ତମ ସ୍ଥାନରେ ରହିଛନ୍ତି।

## ରୋମାନିଆ କ୍ଲବ୍ ପକ୍ଷରୁ ଫୁଟବଲ ଖେଳିବାରେ ହର୍ଷିକା ପ୍ରଥମ ଭାରତୀୟ

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି): ମୁମ୍ବାଇର ୨୨ ବର୍ଷିୟା ହର୍ଷିକା ଜୈନ ଭାରତର ପ୍ରଥମ ମହିଳା ଫୁଟବଲ ଖେଳାଳି ଭାବେ ରୋମାନିଆର ଫୁଟବଲ ଲିଗ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଯାଏ ଦେଶ ପକ୍ଷରୁ ଖେଳିବାକୁ ସୁଯୋଗ ପାଇ ନ ଥିବା ହର୍ଷିକା କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଛନ୍ତି। ଶେଷରେ ଦୀର୍ଘ ୨୦ ଦିନ ଧରି ଟ୍ରାଏଲ୍ସରେ ଭାଗନେଇଥିଲେ। ଏଥିରେ ସେ କିଂବଦନ୍ତୀ କୋଚ୍ ମିରେଲ ଆଲବନଙ୍କୁ ଆକୃଷ୍ଟ କରିବା ପରେ ଅଲିମ୍ପିଆ ଘେରଲା ତାଙ୍କୁ ଚୁକ୍ତିବଦ୍ଧ କରିଥିଲା। ଆଲବନଙ୍କ କଠିନ ପରିଶ୍ରମ



ଯୋଗୁଁ ରୋମାନିଆର ଅନ୍ତର୍ଜାତୀୟ ଫୁଟବଲରେ ଢ଼େର ଉତ୍‌ଥାନ ହୋଇଛି। ଏବେ ହର୍ଷିକା ଏହି କ୍ଲବ୍‌ରେ ଏକ ଅଂଶହୋଇ ଯାଇଛନ୍ତି। ଭାରତ ପକ୍ଷରୁ ବାଲା ଦେବୀ, ମନିଷା କଲ୍ୟାଣ ଓ ଅଦିତି ଚୌହାନ ପୂର୍ବରୁ ୟୁରୋପୀୟ କ୍ଲବ୍ ଫୁଟବଲ ଖେଳିସାରିଛନ୍ତି। ଏମାନଙ୍କ ପଦାଙ୍କ ଅନୁସରଣ କରି ହର୍ଷିକା ଏବେ ସଫଳ ହୋଇଛନ୍ତି। ଏଠାରେ ମୋତେ ପରିବାର ସହ ରହିଲା ଭଳି ଲାଗୁଛି ଓ ମୋର ପରିଶ୍ରମର ମୂଲ୍ୟ ମିଳିଛି। କିନ୍ତୁ ଦେଶ ଲାଗି ଖେଳିବା ମୋର ସ୍ୱପ୍ନ ବୋଲି ହର୍ଷିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁବନେଶ୍ୱରରେ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୯।୭ (ସମିସ): ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୁଲ୍ୟରେ ଚତୁର୍ଥ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱର ନିକଟସ୍ଥ ସମେଇଗାଡିଆରେ ଥିବା ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବିଶେଷକରି ୬, ୮, ୧୦ ବର୍ଷରୁ କମ୍ ଓ ଆଡଭାନ୍ସଡ ଲେଭଲରେ ପ୍ରତିଯୋଗିତା ଆୟୋଜିତ ହେବ। ୬ ଓ ୮ ବର୍ଷରୁ କମ୍ ବୟସ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଙ୍ଗ ଟେବଲ, ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ ଓ ବାଲନ୍ସିଙ୍ଗ ବିମ୍, ଆଡଭାନ୍ସଡ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଙ୍ଗ ଟେବଲ, ପୋମେଲ ହର୍ସ ଓ ପାରାଲାଲ ବାର୍ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ଲାଗି ଫୋନ୍ ନଂ-୯୪୩୮୫-୦୪୯୧୫ କିମ୍ବା ୯୪୩୭୯-୩୪୦୨୪ ସହ ଯୋଗାଯୋଗ କରିବାକୁ ଶ୍ରୀମତି ଦାସ ଅନୁରୋଧ କରିଛନ୍ତି।

### ସିଙ୍କୁନ ଦକ୍ଷିଣ ଶୃଙ୍ଗ

## ଆରୋହଣ କଲେ ପ୍ରଭାସିନି

ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶାର ପର୍ବତାରୋହୀ ପ୍ରଭାସିନି ବେହେରା ହିମାଚଳ ପ୍ରଦେଶରେ ଥିବା ୬୦୩୦ ମିଟର ଉଚ୍ଚତା ବିଶିଷ୍ଟ ସିଙ୍କୁନ ଦକ୍ଷିଣ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି। ୧୬ ଜଣିଆ ଅଭିଯାତ୍ରୀ ଦଳରେ ପ୍ରଭାସିନି ଏକମାତ୍ର ମହିଳା ଥିଲାବେଳେ ତାଙ୍କ ସହ ୬ଜଣ ଜୁଲାଇ ୨୫ରେ ଏହି ଶୃଙ୍ଗ ଶୀର୍ଷରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ୬,୧୧୧ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନମ, ୫୨୮୯ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ କେଦାରକାନ୍ତ ଓ ଚନ୍ଦ୍ରଶିଳା ପର୍ବତ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଢ଼େଙ୍କାନାଳର ବାସିନ୍ଦା ପ୍ରଭାସିନି ଦୁଃସାହସିକ ସଂଗଠନ ଏଏସ୍‌ଏ'ର ସଦସ୍ୟା। ଏହି ସଫଳତା ଲାଗି ତାଙ୍କୁ ଏଏସ୍‌ଏ ପକ୍ଷରୁ ସମ୍ପାଦକ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା, ବିକ୍ରମ କିଶୋର ଦାସ, ଶକ୍ତିରଞ୍ଜନ ମହାନ୍ତି, ହରେଶ ମିଶ୍ର, ଶିବଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍

## ଜାପାନ ସହ ଗ୍ରୁପ୍-ସି'ରେ ଭାରତ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଏସିଆ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍ ଲାଗି ଡ୍ର ଘୋଷଣା ହୋଇଛି। ଶକ୍ତିଶାଳୀ ଜାପାନ, ପୂର୍ବ ବିଜେତା ଚାଇନିଜ ତାଇପେଇ ଓ ଭିଏତ୍‌ନାମ ସହ ଭାରତୀୟ ମହିଳା ଦଳ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ୨୧ତମ ସଂସ୍କରଣ ଆସନ୍ତା ବର୍ଷ ମାର୍ଚ୍ଚ ୧ରୁ ୨୧ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବ। ଏଥିରେ ଯୋଗ୍ୟତା ଅର୍ଜନକାରୀ ଶ୍ରେଷ୍ଠ ୧୨ଟି ଦଳକୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ମାର୍ଚ୍ଚ ୪ରେ ଭିଏତ୍‌ନାମ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ମାର୍ଚ୍ଚ ୭ରେ ଜାପାନ, ୧୦ରେ ଚାଇନିଜ ତାଇପେଇ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହେବ।

# ଦିବ୍ୟା ଦେଶମୁଖ: ବିଶ୍ୱ ଚେସ୍‌ର ନୂଆ ତାରକା

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)

ଭାରତ ନମ୍ବର-୧ ଖେଳାଳି ତଥା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ମହାରାଷ୍ଟ୍ର ନାଗପୁରର ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏହା ସହ ତାଙ୍କୁ ମଧ୍ୟ ପୁରୁଷ ଗ୍ରାଣ୍ଡସ୍ଲାମ୍ ଟାଇଟଲ ମିଳିଛି। ଏହି ସଫଳତା ପରେ ସେ ବିଶ୍ୱର ନୂଆ ଚେସ୍ ତାରକା ଭାବେ ଉଭା ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ୩୮ ବର୍ଷିୟା ହମ୍ପିଙ୍କୁ ହରାଇ ରଚିଛନ୍ତି ନୂଆ ଇତିହାସ। ଚେସ୍ ବିଶ୍ୱକପ୍ ଟାଇଟଲ ଜିତିବା ଫଳରେ ତାଙ୍କୁ ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚେସ୍‌ର ନିୟମ ଅନୁଯାୟୀ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଯିଏ ଚାମ୍ପିଅନ ହେବେ ସିଏ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ବିଜେତା ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ଖେଳିବେ। ଏଥିରେ ଯିଏ ବିଜୟୀ ହେବେ ସିଏ ବିଶ୍ୱର ଶ୍ରେଷ୍ଠ ଖେଳାଳିରେ ରୂପାନ୍ତରିତ ହେବେ।



ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ଓ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ପୂର୍ବରୁ ଦିବ୍ୟା ବିଶ୍ୱର ୧୫ ନମ୍ବର ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ଚୀନର ଉପସ୍ଥିତି ସତ୍ତ୍ୱେ ସେ ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ୟୁଥ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ମଧ୍ୟ ସେ ଚାମ୍ପିଅନ ହୋଇଥିଲେ। ସେ ଭାରତର ଚତୁର୍ଥ ତଥା ବିଶ୍ୱର ୪୪ତମ ମହିଳା ଖେଳାଳିଭାବେ ଓପନ (ଉଭୟ ପୁରୁଷ ଓ ମହିଳା) ବିଭାଗରେ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ମଧ୍ୟ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର। ଏହା ପୂର୍ବରୁ ତାଙ୍କୁ ଗୋଟିଏ ହେଲେ ଗ୍ରାଣ୍ଡ ମାଷ୍ଟର ନର୍ମ ମିଳିଥିଲା। ନିକଟରେ ଡି ଗୁକେଶ ଭାରତ ପକ୍ଷରୁ ପୁରୁଷ ବିଭାଗରେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଥିଲେ। ଏବେ ବିଶ୍ୱର ପ୍ରଥମ ୧୦ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ୪ଜଣ ଖେଳାଳି ରହିଛନ୍ତି। ମୋଟା ମୋଟି ଭାବେ କହିବାକୁ ଗଲେ ଗୁକେଶ ଓ ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତୀୟ ଚେସ୍‌ର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ନାଗପୁରଠାରେ ଡାକ୍ତର ଦମ୍ପତି ନମ୍ରତା ଓ ଜିତେନ୍ଦ୍ର ଦେଶମୁଖଙ୍କ କନ୍ୟା ଦିବ୍ୟା ୨୦୦୫ ଡିସେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ସ୍କୁଲ ଶିକ୍ଷା ଶେଷ ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS